ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୬/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, February 26/2026 | Page 14 | ₹ 7.00
୫୨ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 94 | ମୂଲ୍ୟ ₹୭/-



**ମୋହିତଙ୍କ ପ୍ରଭାବୀ ପ୍ରଦର୍ଶନ**

ଚମତ୍କାର ଗୋଲକିପିଂ କରି ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚରେ ଭାରତକୁ ପ୍ରଥମ ବିଜୟ ସ୍ୱାଦ ଚଖାଇଛନ୍ତି ଗୋଲକିପର ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର।

୧୪

୦୨

**କ୍ୟାଟ୍ରିନା ସୁପରହିରୋ: ବିକି**

ପୁତ୍ର ବିହାନର ଜନ୍ମ ପରେ ଅଭିନେତା ବିକି କୌଶଲ ସ୍ତ୍ରୀ କ୍ୟାଟ୍ରିନା କୈଫଙ୍କ ପ୍ରଶଂସା କରି 'ଏବେ ସେ ଜଣେ ସୁପର ହିରୋ' ବୋଲି କହିଛନ୍ତି।



# ଖଣିବାବୁଙ୍କ ଘରେ ଟଙ୍କାର ଖଣି



ଜବତ ଟଙ୍କା

## ▪ ୩୦ ହଜାର ଲାଞ୍ଚ: ଖଣି ଉପନିର୍ଦ୍ଦେଶକ ଗିରଫ
## ▪ ଚଢ଼ାଉରୁ ୪.୨୮ କୋଟି ଟଙ୍କା ନଗଦ ଜବତ

**କଟକ, ୨୫।୨ (କାର୍ତ୍ତିକ ସାହୁ)**

କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। କୋଲ୍ ଡିପୋ ସୁରୁଖୁରୁରେ ଚଳାଇବା ଓ କୋଇଲା ପରିବହନ ଅନୁମତି ଦେବାକୁ ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ସେ ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ବଡ଼ ଧରଣର ଚଢ଼ାଉରେ ତାଙ୍କଠାରୁ ନଗଦ ୪,୨୮,୩୩, ୬୦୦ ଟଙ୍କା ଜବତ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱରସ୍ଥିତ ତାଙ୍କ ଆବାସିକ ଫ୍ଲାଟ୍‌ରୁ ୪,୨୭,୧୩,୬୦୦ ଟଙ୍କା ଏବଂ ଅଫିସ ଡ୍ରୟାରରୁ ୧.୨୦ ଲକ୍ଷ ଟଙ୍କା ରହିଛି। ଏତେ ପରିମାଣର ନଗଦ ଅର୍ଥ ଜବତ କରିବା ଓଡ଼ିଶା ଭିଜିଲାନ୍ସ ଇତିହାସରେ ସର୍ବୋଚ୍ଚ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୩୦୫.୪୦ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍ ରୁପା ଅଳଙ୍କାର ଜବତ ହୋଇଛି। ଭୁବନେଶ୍ୱରର ପାହାଳ ନିକଟରେ ୨୪୦୦ ବର୍ଗଫୁଟ୍‌ର ଏକ ଦୁଇମହଲା କୋଠାଘର ଠାବ ହୋଇଛି।



ଗିରଫ ଦେବବ୍ରତ ମହାନ୍ତି

ତେବେ ବିଭିନ୍ନ ଆର୍ଥିକ ସଂସ୍ଥାରେ ଥିବା ଜମା, ବିନିଯୋଗ, ବୀମା ରାଶି ଉପରେ ଭିଜିଲାନ୍ସ ତଦନ୍ତ କରୁଛି। ବିଶେଷ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ଭିଜିଲାନ୍ସ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ କେସ୍ ନଂ. ୦୧/୨୦୨୬ ରୁଜୁ ହୋଇଛି। ଅଭିଯୁକ୍ତ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ପଟିଆ ଶ୍ରୀବିହାର ଅଞ୍ଚଳରେ ଥିବା ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟସ୍ଥିତ ମହାନ୍ତିଙ୍କ ଭଡ଼ା ବାସଗୃହ, ଭଦ୍ରକ ମଠସାହିସ୍ଥିତ ପୈତୃକ ବାସଭବନ ଓ କଟକସ୍ଥିତ ଅଫିସ ଚ୍ୟାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଭୁବନେଶ୍ୱର ଭଡ଼ାଘରୁ ଜବତ ହୋଇଥିବା ବିପୁଳ ପରିମାଣର ନଗଦ ଅର୍ଥ ଟ୍ରଲି ବ୍ୟାଗ ଓ ଆଲମିରାରୁ ମିଳିଥିଲା। ୧୯୬୮ ମେ ୭ରେ ଜନ୍ମିତ ମହାନ୍ତି ସରକାରୀ ଚାକିରିରେ ଜଣେ କନିଷ୍ଠ ଖଣି ଅଧିକାରୀ ☞ପୃଷ୍ଠା-୪

# ଗଭୀର ଷଡ଼ଯନ୍ତ୍ର: ସିଜେଆଇ

**ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ଏକ ଅଧ୍ୟାୟରେ 'ନ୍ୟାୟପାଳିକାରେ ଦୁର୍ନୀତି' ସଂକ୍ରାନ୍ତ ବିଷୟ ସ୍ଥାନ ପାଇବା ନେଇ ବିବାଦ ଉପୁଜିଛି। ଏହା ଉପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କ୍ଷୋଭ ପ୍ରକାଶ କରି ଆପତ୍ତି ଉଠାଇଛନ୍ତି। ସେ ଏହାକୁ ଯୋଜନାବଦ୍ଧ ଓ ଗଭୀର ଷଡ଼ଯନ୍ତ୍ର ବୋଲି କହିଛନ୍ତି। ବିବାଦ ପରେ ଏନ୍‌ସିଇଆର୍‌ଟି କ୍ଷମା ମାଗିବା ସହ ନିଜ ୱେବ୍‌ସାଇଟ୍‌ରୁ ବହିକୁ କାଢ଼ି ନେଇଛି। କେନ୍ଦ୍ରର ନିର୍ଦ୍ଦେଶକ୍ରମେ ପୁସ୍ତକ ପ୍ରସାରଣକୁ ବନ୍ଦ କରାଯାଇଥିବାବେଳେ ବିବାଦୀୟ ଅଧ୍ୟାୟ ହଟାଇବା ପାଇଁ ଏନ୍‌ସିଇଆର୍‌ଟି ନିଷ୍ପତ୍ତି ନେଇଛି।**

## ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ନୂଆ ସାମାଜିକ ବିଜ୍ଞାନ ବହିରେ ନ୍ୟାୟପାଳିକାରେ ଦୁର୍ନୀତି ପାଠ୍ୟକ୍ରମକୁ ନେଇ ବିବାଦ



**ନୂଆଦିଲ୍ଲୀ, ୨୫।୨ (ପି.ଟି/ଲାଇଭ୍ ଲ)**

ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ସୋମବାର ଜାରି କରିଥିବା ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ଏକ ଅଧ୍ୟାୟକୁ ନେଇ ବିବାଦରେ ଫସିଛି। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଉକ୍ତ ଅଧ୍ୟାୟର ନାମ ରଖାଯାଇଛି 'କରପ୍ସନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଡୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। ନ୍ୟାୟପାଳିକାରେ ପର୍ଯ୍ୟାପ୍ତ ସଂଖ୍ୟକ ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ଦେଶର ସର୍ବୋଚ୍ଚ ଓ ଉଚ୍ଚ ଅଦାଲତଗୁଡ଼ିକରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଲେଖାଯାଇଛି। ପୁରୁଣା ପାଠ୍ୟପୁସ୍ତକରେ କେବଳ ନ୍ୟାୟପାଳିକାର ଭୂମିକା, ସ୍ୱାଧୀନ ନ୍ୟାୟପାଳିକା, କୋର୍ଟଗୁଡ଼ିକର ଢାଞ୍ଚା ଓ ଉପଲବ୍ଧତା ସମ୍ପର୍କରେ ଅବତାରଣା କରାଯାଇଥିଲା। ସେଥିରେ ଦୁର୍ନୀତିକୁ ନେଇ କିଛି ଲେଖାଯାଇ ନ ଥିଲା। କିନ୍ତୁ ନୂଆ ବହିର ଏକ ପାରାଗ୍ରାଫ୍‌ରେ ଲେଖାଯାଇଛି, କୋର୍ଟଗୁଡ଼ିକ ଏକ ମାମଲାର ଶୁଣାଣି କରିବାକୁ ଅନେକ ବର୍ଷ ଲଗାଇ ଦେଉଛନ୍ତି। ସୁପ୍ରିମକୋର୍ଟରେ ପ୍ରାୟ ୮୧ ହଜାର, ହାଇକୋର୍ଟଗୁଡ଼ିକରେ ୬୨ ଲକ୍ଷ ୪୦ହଜାର ଏବଂ ଜିଲା ଓ ସବ୍‌ଅର୍ଡିନେଟ୍ କୋର୍ଟଗୁଡ଼ିକରେ ୪ କୋଟି ୭୦ ଲକ୍ଷ ମାମଲା ଗଡୁଛି। ଏହି କାରଣରୁ ସାଧାରଣ ଲୋକେ ନ୍ୟାୟ ପାଇବା ପ୍ରଭାବିତ ହେଉଛି। ଅଦାଲତଗୁଡ଼ିକ ଲମ୍ବାଉଥିବା ଏତେ ସମୟକୁ ବ୍ୟାଖ୍ୟାକରିବା ପାଇଁ ଅନେକ ସମୟରେ 'ବିଳମ୍ବିତ ରାୟ, ବିଡ଼ମ୍ବିତ ନ୍ୟାୟ' ବାକ୍ୟ ବ୍ୟବହାର କରାଯାଇଥାଏ ବୋଲି ଏହି ଅଧ୍ୟାୟରେ ଲେଖାଯାଇଛି। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବୁଧବାର ସୁପ୍ରିମକୋର୍ଟ ଏନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି।

ଉକ୍ତ ନୂତନ ବହିର 'ନ୍ୟାୟପାଳିକାରେ ଦୁର୍ନୀତି' ଭାଗରେ ଉଲ୍ଲେଖ କରାଯାଇଛି ଯେ ବିଚାରପତିମାନେ ଏକ ଆଚରଣ ବିଧି ମାନିବାକୁ ବାଧ୍ୟ, ଯାହାକି କୋର୍ଟରେ ସେମାନଙ୍କ ବ୍ୟବହାର ଉପରେ ଅନୁଶାସନ ସହ କୋର୍ଟ ବାହାରେ ସେମାନଙ୍କ ନିଜସ୍ୱ ଆଚରଣକୁ ନିର୍ଦ୍ଧାରଣ କରିଥାଏ। ଏପରି କି ବିଚାରପତିମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏଥିରେ ନ୍ୟାୟପାଳିକାର ଆଭ୍ୟନ୍ତରୀଣ ବ୍ୟବସ୍ଥା ପ୍ରତିଷ୍ଠା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନୁରୂପ ଭାବେ ଅଭିଯୋଗ ଗ୍ରହଣ ନିମନ୍ତେ ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ୍ (ସିପିଜିଆର୍‌ଏଏମ୍‌ଏସ୍) ଜରିଆରେ ଏକ ପ୍ରକ୍ରିୟା ଆପଣାଇବାକୁ ପରାମର୍ଶ ଦିଆଯାଇଛି। ୨୦୧୭ରୁ ୨୦୨୧ ମଧ୍ୟରେ ଏହା ମାଧ୍ୟମରେ ୧,୬୦୦ରୁ ଅଧିକ ଅଭିଯୋଗ ଦାଖଲ ହୋଇଥିବା ଏନ୍‌ସିଇଆର୍‌ଟି ପୁସ୍ତକରେ ଉଲ୍ଲେଖ ରହିଛି।

ଗମ୍ଭୀର ମାମଲାଗୁଡ଼ିକରେ ପାର୍ଲାମେଣ୍ଟ କାର୍ଯ୍ୟାନୁଷ୍ଠାନ ନେଇପାରିବ ☞ପୃଷ୍ଠା-୪

# ମାର୍ଚ୍ଚ ୧ମ ସପ୍ତାହରେ ରତ୍ନଭଣ୍ଡାର ଗଣତିମଣତି: ମନ୍ତ୍ରୀ

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ରତ୍ନଭଣ୍ଡାର ଗଣତିମଣତି ମାର୍ଚ୍ଚ ପ୍ରଥମ ସପ୍ତାହରେ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣତିମଣତି ନେଇ ସେ କହିଛନ୍ତି, ଏନେଇ ଛତିଶା ନିଯୋଗ ସହ ଆଲୋଚନା ହେଇଛି, ଖୁବ୍‌ଶୀଘ୍ର ସମୟ ସ୍ଥିର ହେବ। ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ କେଉଁ ସମୟରେ କଲେ ଠିକ୍ ହେବ ବିଚାର କରାଯିବ। ଏସବୁ ବିଚାର ହେବାପରେ ତାରିଖ ଘୋଷଣା



କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରତ୍ନଭଣ୍ଡାର ଗଣତିମଣତି ଲାଗି ଏସ୍‌ଓପି ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାର ମଧ୍ୟ ତାକୁ ଅନୁମୋଦନ କରିସାରିଛନ୍ତି। ଏସ୍‌ଓପି ଅନୁଯାୟୀ, ମହାପ୍ରଭୁଙ୍କ ସମସ୍ତ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ୧୯୭୮ରେ ହୋଇଥିବା ଗଣତିର ତାଲିକା ଅନୁସାରେ ମେଳକ କରାଯିବ। ଏନେଇ ଗତ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ବୈଠକ ବସିଥିଲା।

# ଝିଅର ପ୍ରେମ ପାଇଁ ମା', ଭାଇଙ୍କ ମୁଣ୍ଡ ଗଡ଼ିଥିଲା

**କୋରାପୁଟ/ ବୋରିଗୁମ୍ମା, ୨୫।୨ (ଅମିତାଭ ବେହେରା/ ବିଜୟ ନାରାୟଣ ସାହୁ)**

## ବୋରିଗୁମ୍ମା ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ

### ୪ ଅଭିଯୁକ୍ତ ଗିରଫ, ବାଳସୁଧାର ଗୃହରେ ନାବାଳିକା

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଘଟିଥିବା ଚର୍ଚ୍ଚିତ ଡବଲ ମର୍ଡର ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ନାବାଳିକା ଝିଅ ପ୍ରେମିକଙ୍କୁ ପାଇବା ପାଇଁ ମା' ଓ ଭାଇଙ୍କୁ ହଟାଇବାର ଷଡ଼ଯନ୍ତ୍ର ରଚିଥିବା ପୋଲିସ ସୂଚନା ଦେଇଛି। ନାବାଳିକା ପ୍ରେମିକଙ୍କ ସହ ମିଶି ମା' ଓ ଭାଇଙ୍କୁ ହତ୍ୟା କରିଥିବା ନେଇ ଏସ୍‌ପି ରୋହିତ ବର୍ମା ବୁଧବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଘଟଣାରେ ନାବାଳିକାଙ୍କ ପ୍ରେମିକ ଓ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନାବାଳିକାଙ୍କ ପ୍ରେମିକ ବୋରିଗୁମ୍ମା ଦାସିରି ସାହିର ପି.ଆଦି ନାରାୟଣ ରାଓ (୨୧), ଦାସିରି ସାହିର ପ୍ରୀତ ନାୟକ (୧୯), ବିଜାପୁରର ଆଦିନାରାୟଣ ପାଣିଗ୍ରାହୀ (୧୯) ଓ କମତାର ଜଗନ୍ନାଥ ଯାନୀ(୨୦)। ନାବାଳିକାଙ୍କୁ ବାଳସୁଧାର ଗୃହରେ ରଖାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ସ୍କୁଟି ଜବତ କରାଯାଇଥିବା ସୂଚନା ମିଳିଛି।

ପୋଲିସ ସୂଚନାନୁଯାୟୀ, ଗତ ୧୮ ତାରିଖରେ ଦାସିରି ସାହିର ଅନୁଷ୍କା ପରିଡ଼ା ଓ ତାଙ୍କ ପୁଅ ଏହେମ ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ନାବାଳିକା ତାଙ୍କ ପ୍ରେମିକ ପି.ଆଦି ନାରାୟଣ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଛୁରିରେ ପ୍ରଥମେ ଅନୁଷ୍କାଙ୍କ ତଣ୍ଟି କାଟିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ପରେ ଉକ୍ତ ଛୁରିରେ ଏହେମ୍‌ଙ୍କୁ ମଧ୍ୟ ଭୁସି ହତ୍ୟା କରିଥିଲେ। ଏକ ସ୍କୁଟିରେ ପ୍ରଥମେ ଏହେମଙ୍କ ମୃତଦେହକୁ ନେଇ ଜୟନ୍ତୀଗିରି କେନାଲରେ ଫିଙ୍ଗିଥିଲେ। ପରେ ପୁଣି ଥରେ ସ୍କୁଟିରେ ଅନୁଷ୍କାଙ୍କ ମୃତଦେହ ଆଣି କେନାଲରେ ପକାଇଥିଲେ। ଗତ ୨୦ ତାରିଖରେ ମୃତ ମହିଳାଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତଭାବେ ଜଣାଇଥିଲେ। ଏହାପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୋମବାର କୋଟପାଡ଼ ଥାନା ଅଧୀନ ଅଣ୍ଡରାମୁଣ୍ଡା କେନାଲରୁ ଏକ ☞ପୃଷ୍ଠା-୪

# ଆଜିଠୁ ୫ଦିନିଆ ଗସ୍ତରେ ମହାନଦୀ ଟ୍ରିବ୍ୟୁନାଲ କମିଟି

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ସମେତ ମୋଟ୍ ୧୦ ଜଣ ଗୁରୁବାରଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଏବଂ ତାଙ୍କ ସଦସ୍ୟମାନେ ନିଜ ପରିବାର ସହ ଆସୁଥିବା ବେଳେ ସେମାନଙ୍କୁ ରାଜ୍ୟ ଅତିଥି ଘୋଷଣା କରାଯାଇଛି। ଟ୍ରିବ୍ୟୁନାଲ କମିଟି ଯେତେବେଳେ ଝାରସୁଗୁଡ଼ା ଆସିବେ ସେମାନଙ୍କୁ ରାଜ୍ୟ ଅତିଥି ଭାବେ ସବୁ ସୁବିଧା ଯୋଗାଇଦେବା ପାଇଁ କୁହାଯାଇଛି। ଝାରସୁଗୁଡ଼ା ଜିଲାପାଳଙ୍କୁ ଏହିସବୁ ସୁବିଧା କରିବାର ବ୍ୟବସ୍ଥା ତଦାରଖ କରିବା ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠି କରି ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କୁ ମଧ୍ୟ ବ୍ୟବସ୍ଥା କରିବାର ଦାୟିତ୍ୱ ଦିଆଯାଇଛି। ଟ୍ରିବ୍ୟୁନାଲ ସଦସ୍ୟମାନେ ଖୋର୍ଦ୍ଧା ଜିଲା ଗସ୍ତରେ ମଧ୍ୟ ଆସିବେ। ସେହିପରି ସେମାନେ ପୁରୀ ଯିବାକୁ ଥିବାବେଳେ ସେଠାର ସବୁ ବ୍ୟବସ୍ଥା ଦାୟିତ୍ୱ ସ୍ଥାନୀୟ ଜିଲାପାଳ ନେବେ। ଜଳ ସମ୍ପଦ ବିଭାଗ ପକ୍ଷରୁ ଜଣେ ଅଧିକାରୀ ରହି ଏସବୁ ବ୍ୟବସ୍ଥାର ତଦାରଖ କିପରି ହେବ ତାକୁ ବୁଝିବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ଷମତା ନିୟନ୍ତ୍ରଣର ଯୁଗ**

# ଆମେରିକା ଅର୍ଥନୀତି ଶକ୍ତିଶାଳୀ ହୋଇଛି: ଟ୍ରମ୍ପ

## 'ଷ୍ଟେଟ୍ ଅଫ୍ ଦି ୟୁନିୟନ' ଅଭିଭାଷଣ

### ▪ ଭାଷଣ ବେଳେ ବିରୋଧୀଙ୍କୁ ପାଗଳ କହିଲେ
### ▪ ୨୦୨୮ ନିର୍ବାଚନ ପାଇଁ ପ୍ରଚାର: ବିରୋଧୀ

**ୱାଶିଂଟନ, ୨୫।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ୱାଶିଂଟନ ଡିସିସ୍ଥିତ 'ୟୁଏସ୍ କ୍ୟାପିଟୋଲ୍'ରେ ଦେଇଥିବା 'ଷ୍ଟେଟ ଅଫ୍ ଦି ୟୁନିୟନ' ଅଭିଭାଷଣ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ଅଭିଭାଷଣଟି ପ୍ରାୟ ୧୦୮ ମିନିଟ (୧ ଘଣ୍ଟା ୪୮ ମିନିଟ) ଧରି ଚାଲିଥିଲା, ଯାହା ଆମେରିକା ଇତିହାସରେ ସବୁଠାରୁ ଦୀର୍ଘତମ ଅଭିଭାଷଣ। ଆମେରିକାରେ ଏଭଳି ଅଭିଭାଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ କାର୍ଯ୍ୟକ୍ରମ। ଏହାକୁ ରାଷ୍ଟ୍ରପତିଙ୍କର 'ବାର୍ଷିକ ପ୍ରଗତି ପତ୍ର' ବୋଲି କୁହାଯାଇଥାଏ। ଟ୍ରମ୍ପ ତାଙ୍କ ଭାଷଣରେ ଅର୍ଥନୀତି, ବୈଦେଶିକ ନୀତି, ସୀମା ସୁରକ୍ଷା ଆଦି ପ୍ରମୁଖ ପ୍ରସଙ୍ଗରେ ନିଜ ସରକାରଙ୍କ ନୀତି ବିଷୟରେ ଉଲ୍ଲେଖ କରିଛନ୍ତି। ତାଙ୍କ ଶାସନ କାଳରେ ଆମେରିକାର ଅର୍ଥନୀତି ଶକ୍ତିଶାଳୀ ହୋଇଛି ଏବଂ ମୁଦ୍ରାସ୍ଫୀତି ହ୍ରାସ ପାଇଥିବା ସେ ଦାବି କରିଛନ୍ତି। ସେହିପରି ଟାରିଫ୍ କଥା ଉଠାଇ ସେ ସୁପ୍ରିମକୋର୍ଟଙ୍କୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ ଭାଷଣ ସମୟରେ ବିରୋଧୀ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇଥିବାବେଳେ ସେମାନଙ୍କୁ ଟ୍ରମ୍ପ 'ପାଗଳ' ଆଖ୍ୟା ଦେଇଛନ୍ତି। ବିରୋଧୀଙ୍କ ମତରେ ଟ୍ରମ୍ପଙ୍କ ୧୦୮ ମିନିଟର ଭାଷଣ କେବଳ 'ରାଜନୈତିକ ଶୋ'। ସେମାନେ ଏହାକୁ ୨୦୨୮ ନିର୍ବାଚନ ପାଇଁ ଏକ ପ୍ରଚାର ବୋଲି ଅଭିହିତ କରିଛନ୍ତି।

ଟ୍ରମ୍ପ ଦାବି କରିଛନ୍ତି ଯେ ତାଙ୍କର 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍' ଆକ୍ଟ ଯୋଗୁ ଆମେରିକାରେ ଟିକସ ହ୍ରାସପାଇଛି ଏବଂ ସାଧାରଣ ଲୋକଙ୍କ ପକେଟକୁ ଅଧିକ ଟଙ୍କା ଆସୁଛି। ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ସେ ନିଜ ହସ୍ତକ୍ଷେପ ଦ୍ୱାରା ରୋକିବାରେ ସଫଳ ହୋଇଛନ୍ତି। ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଯଥେଷ୍ଟ କମିଥିବା ସେ ପ୍ରକାଶ କରିଛନ୍ତି। ଭାଷଣ ମଝିରେ ସେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିବାବେଳେ ଆମେରିକାର ପୁରୁଷ ହକି ଦଳକୁ ସେ ପ୍ରଶଂସା କରିଥିଲେ ଏବଂ ଗୋଲକିପରଙ୍କୁ 'ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ୍' ପ୍ରଦାନ କରିଛନ୍ତି। ତେବେ ଭାଷଣ ସମୟରେ ବିରୋଧୀ ଡେମୋକ୍ରାଟ ସଦସ୍ୟମାନେ ପାଟିତୁଣ୍ଡ କରିବାରୁ ଟ୍ରମ୍ପ ରାଗିଯାଇ 'ଏହି ଲୋକମାନେ ପାଗଳ' ବୋଲି କହିଥିଲେ। ☞ପୃଷ୍ଠା-୪



# ଆମେରିକା ସନ୍ଧି କରାଇ ନ ଥିଲେ ୩୫ ନିୟୁତ ପ୍ରାଣ ହରାଇଥାନ୍ତେ

## ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିବା ଦାବିକଲେ ଟ୍ରମ୍ପ

ଗତବର୍ଷ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରାଇଥିବା ନେଇ ଦାବି କରିଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସମାନ ବିଷୟ ଦୋହରାଇବା ସହ ନୂଆ ପ୍ରଘଟ କରିଛନ୍ତି। ଆମେରିକା କଂଗ୍ରେସରେ ମଙ୍ଗଳବାର ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଅପରେଶନ ସିନ୍ଦୂର ବେଳେ ସେ ହସ୍ତକ୍ଷେପ କରି ନ ଥିଲେ ୩୫ ନିୟୁତ ଲୋକ ପ୍ରାଣ ହରାଇଥାନ୍ତେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ଜଣାଇଥିଲେ। ଆମେରିକୀୟ କମାଣ୍ଡର-ଇନ୍-ଚିଫ୍ ଟ୍ରମ୍ପ କହିଛନ୍ତି, ହ୍ୱାଇଟ୍ ହାଉସ୍‌ରେ ତାଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷ ସହ ୮ ଯୁଦ୍ଧ ବନ୍ଦ କରାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ☞ପୃଷ୍ଠା-୪

**ମହିଳା, ୩ ନାବାଳିକାଙ୍କ ମୃତଦେହ ଜବତ**

ଦିଲ୍ଲୀର ସମୟପୁର ବଦଲି ଅଞ୍ଚଳରେ ବୁଧବାର ଜଣେ ମହିଳା ଓ ତାଙ୍କ ୩ ନାବାଳିକା ଝିଅଙ୍କ ମୃତଦେହ ଠାବହୋଇଛି। ଚନ୍ଦନ ପାର୍କ ଅଞ୍ଚଳରେ ସେମାନେ ରହୁଥିବା ଘରୁ ୩ ଜଣଙ୍କ ତଣ୍ଟି କଟାଯାଇଥିବା ମୃତଦେହ ଜବତ ପରେ ଏହାର କାରଣ ଜାଣିବା ପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କ ହାତ ଥିବା ସନ୍ଦେହ କରୁଛି।





ଇସ୍ରାଏଲ-ଅଧିକୃତ ୱେଷ୍ଟ ବ୍ୟାଙ୍କସ୍ଥିତ ହେବ୍ରୋନ୍‌ରେ ଇସ୍ରାଏଲ ଆକ୍ରମଣରେ ଭାଙ୍ଗିଯାଇଥିବା ଏକ ଗାଡ଼ିରେ ବସିଛନ୍ତି ପାଲେଷ୍ଟିନୀୟ ମହିଳା।

# ୨.୧ ଲକ୍ଷ କୋଟିର ସ୍ପେକ୍ଟ୍ରମ୍ ନିଲାମ ହେବ

## ଟେଲିକମ୍ ବିଭାଗକୁ ଟ୍ରାଇର ସୁପାରିସ

ନୂଆଦିଲ୍ଲୀ,୨୫।୨(ପି.ଟି.)

ଭାରତର ଟେଲିକମ୍ ବିଭାଗ (ଡିଓଟି) ପାଖରେ ବର୍ତ୍ତମାନ ୧୧,୭୯୦ ମେଗାହର୍ଜ ସ୍ପେକ୍ଟ୍ରମ୍ ରହିଛି। ଉପଲବ୍ଧ ସମସ୍ତ ଟେଲିକମ୍ ସ୍ପେକ୍ଟ୍ରମ୍‌କୁ ୨୦୨୬-୨୭ ଆର୍ଥିକବର୍ଷରେ ୨.୧ ଲକ୍ଷ କୋଟି ଟଙ୍କାରେ ନିଲାମ କରିବା ପାଇଁ ଭାରତର ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ସୁପାରିସ କରାଯାଇଛି। ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଡିଓଟି ନିକଟରେ ଥିବା ୧୧,୭୯୦ ମେଗାହର୍ଜ ଟେଲିକମ୍ ସ୍ପେକ୍ଟ୍ରମ୍‌କୁ ନିଲାମ ପାଇଁ



ରଖାଯିବ, ଯାହାର ବେସ୍ ବା ରିଜର୍ଭ ପ୍ରାଇସ୍ ହେଉଛି ୨.୧ ଟ୍ରିଲିୟନ୍ ଟଙ୍କା। ଏହି ସମସ୍ତ ରେଡିଓୱେଭ୍ ସ୍ପେକ୍ଟ୍ରମ୍‌କୁ ନିଲାମ କରିବା ପାଇଁ ଭୂସଞ୍ଚାର ନିୟାମକ ଟ୍ରାଇ ପକ୍ଷରୁ ମଙ୍ଗଳବାର ସୁପାରିସ କରାଯାଇଛି। ଏଥିସହ ନଗଦ ସଙ୍କଟର ସମ୍ମୁଖୀନ ହେଉଥିବା ଅପରେଟର୍ସଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ସଂରକ୍ଷିତ ମୂଲ୍ୟରେ ବଡ଼ ହ୍ରାସ କରାଯାଇଛି। ୨୦୨୪ରେ ହୋଇଥିବା ନିଲାମ ମୂଲ୍ୟଠାରୁ ୨୦-୩୦% ପର୍ଯ୍ୟନ୍ତ କମ୍ କରାଯାଇଛି। ଉପଲବ୍ଧ ଥିବା ୬୦୦, ୮୦୦, ୯୦୦, ୧୮୦୦, ୨୧୦୦, ୨୩୦୦, ୨୫୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ସ୍ପେକ୍ଟ୍ରମ୍ ବ୍ରାଣ୍ଡଗୁଡ଼ିକୁ ନିଲାମ ପାଇଁ ରଖାଯିବ।

# ସତ୍ୟ, ବାସ୍ତବତାକୁ ଆପଣାଇଛି ଭାରତ

## ମୋଦିଙ୍କୁ ଇସ୍ରାଏଲ ସଂସଦର ସର୍ବୋଚ୍ଚ ସମ୍ମାନ

ଜେରୁଜେଲମ୍,୨୫।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶତ ପ୍ରଶଂସାରେ ପୋତି ପକାଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ମୋଦି କେବଳ ଉତ୍ତମ ବନ୍ଧୁ ନୁହନ୍ତି, ଭାଇଠାରୁ ବି ଅଧିକ। ଭାରତ-ଇସ୍ରାଏଲ ସମ୍ପର୍କ ସେତୁର ବିନ୍ଧାଣି। ବିଶ୍ୱ ମଞ୍ଚରେ ଜଣେ ପ୍ରଭାବଶାଳୀ ନେତା। ଭାରତ ଇସ୍ରାଏଲ ସହିତ ସମ୍ପର୍କ ବଢ଼ାଇ ସତ୍ୟ ଓ ବାସ୍ତବତାକୁ ଆପଣାଇଛି। ଏଭଳି ପ୍ରଶଂସାମୁଖର ଶବ୍ଦରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମୋଦିଙ୍କୁ ଇସ୍ରାଏଲ ସଂସଦରେ ସ୍ୱାଗତ କରିବା ସହିତ ତାଙ୍କର ଗସ୍ତ ପାଇଁ ଧନ୍ୟବାଦ ଜଣାଇଛନ୍ତି। ବୁଧବାର ଦଇ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ମୋଦି ତେଲ୍ ଆଭିଭ୍‌ସ୍ଥିତ ବେନ୍ ଗୁରିଅନ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତାଙ୍କ ସ୍ତ୍ରୀ ସାରା ନେତାନ୍ୟାହୁ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ଜେରୁଜେଲମ୍‌ରେ ହୋଇଥିବା ବୈଠକରେ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହା ପରେ ମୋଦି ଇସ୍ରାଏଲ ସଂସଦ( କନେସେଟ୍)କୁ ସମ୍ବୋଧିତ କରିଥିଲେ। ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ନେତା। ଭାରତ ଦୃଢ଼ବିଶ୍ୱାସ ସହିତ ଇସ୍ରାଏଲକୁ ଅଂଶୀଦାର ରାଷ୍ଟ୍ର ଭାବେ ବିବେଚନା କରିବା ସହିତ ଆଗାମୀ ଦିନରେ ସମୃଦ୍ଧି ପଥ ପ୍ରଶସ୍ତ କରିବାକୁ ସଙ୍କଳ୍ପବଦ୍ଧ ବୋଲି ମୋଦି କହିଥିଲେ। ତାଙ୍କ ଜନ୍ମଦିନରେ ହିଁ ଭାରତ ଇସ୍ରାଏଲକୁ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଥିଲା, ଯାହାକି ଏକ ବଡ଼ ସଂଯୋଗ ବୋଲି ମୋଦି କହିଥିଲେ। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଦୁଇଗୁଣ ବୃଦ୍ଧି ପାଇଥିଲା ବେଳେ ସହଯୋଗ ୩ ଗୁଣ ଓ ପାରସ୍ପରିକ ବୁଝାମଣା ୪ ଗୁଣ ବଢ଼ିଛି ବୋଲି ମୋଦି କହିଥିଲେ। ୨୦୨୩ ଅକ୍ଟୋବର ୭ ଆକ୍ରମଣକୁ ସେ ନିନ୍ଦା କରିବା ସହିତ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛି ବୋଲି କହିଥିଲେ। ଗାଜା ଶାନ୍ତି ଓ ବୁଝାମଣା ପ୍ରକ୍ରିୟାକୁ ସ୍ୱାଗତ କରିବା ସହିତ ଶାନ୍ତିର ପଥରେ ଯିବା ସବୁବେଳେ ସହଜ ହୋଇ ନ ଥାଏ ବୋଲି କହିଥିଲେ। କିନ୍ତୁ ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସବୁବେଳେ ଇସ୍ରାଏଲ ସହ ଛିଡ଼ା ହୋଇଛି ବୋଲି କହିଥିଲେ। ଏହି ଅବସରରେ ମୋଦିଙ୍କୁ ଇସ୍ରାଏଲ ସଂସଦର ସର୍ବୋଚ୍ଚ ସମ୍ମାନ ‘ ସ୍ପିକର୍ ଅଫ୍ ଦି କନେସେଟ୍ ମେଡାଲ’ ପ୍ରଦାନ କରାଯାଇଥିଲା। ବାଚସ୍ପତି ଅମିର ଓହାମା ମୋଦିଙ୍କୁ ଏହି ସମ୍ମାନ ପ୍ରଦାନ କରି ଗସ୍ତ ପାଇଁ ଅଭିନନ୍ଦନ ଜଣାଇଥିଲେ। ଗୁରୁବାର ଦୁଇ ଦେଶ ମଧ୍ୟରେ ଏଆଇ, କୃଷି ସମେତ ପ୍ରତିରକ୍ଷା ଦିଗରେ ଅନେକ ବୁଝାମଣା ହେବା କାର୍ଯ୍ୟକ୍ରମ ରହିଛି। ୯ ବର୍ଷ ପରେ ମୋଦିଙ୍କ ଏହି ଦ୍ୱିତୀୟ ଗସ୍ତକୁ ନେଇ ଇସ୍ରାଏଲର ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀ, ରାଜନେତା, କୂଟନୀତିଜ୍ଞ ମହଲରେ ଖୁସି ଦେଖାଯାଇଛି। ଇସ୍ରାଏଲର ଗଣମାଧ୍ୟମ ମୋଦିଙ୍କ ଏହି ଗସ୍ତକୁ ଐତିହାସିକ ବୋଲି ଦର୍ଶାଇବା ସହିତ ପ୍ରକୃଷ୍ଟ ସମୟରେ ମହତ୍ତ୍ୱପୂର୍ଣ୍ଣ ବୋଲି କହିଛି। ଅନ୍ୟପକ୍ଷରେ ମୋଦିଙ୍କ ଇସ୍ରାଏଲ ଗସ୍ତକୁ ନେଇ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଇସ୍ରାଏଲ ଗାଜାକୁ ଧ୍ୱଂସସ୍ତୂପରେ ପରିଣତ କରିବା ପରେ ଏହାକୁ ବୈଶ୍ୱିକସ୍ତରରେ ନିନ୍ଦା କରାଯାଉଥିବାବେଳେ ମୋଦି ଇସ୍ରାଏଲ ଗସ୍ତକରି ତାଙ୍କର ନୈତିକତା ଅଧୋଗତିକୁ ଦର୍ଶାଇଛନ୍ତି ବୋଲି କଂଗ୍ରେସ କହିଛି।



ତେଲ୍ ଆଭିଭ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ।

## ଅନିଲ ଅମ୍ବାନୀଙ୍କ ୩୭୦୦ କୋଟିର କୋଠା ବାଜ୍ୟାପ୍ତ କଲା ଇଡି

ମୁମ୍ବାଇ,୨୫।୨

ଏକ ମନି ଲଣ୍ଡରିଂ ମାମଲାର ଯାଞ୍ଚ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ୩୭୧୬ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି। ରିଲାଏନ୍ସ ଗ୍ରୁପ୍ ଅଧୀନସ୍ଥ ରିଲାଏନ୍ସ



କମ୍ୟୁନିକେଶନ ଦ୍ୱାରା ହୋଇଥିବା ବିପୁଳ ଅର୍ଥ ହେର୍‌ଫେର୍ ମାମଲାରେ ଇଡି ଏହି ପଦକ୍ଷେପ ନେଇଛି। ଅନିଲଙ୍କ ମୁମ୍ବାଇ ପାଲି ହିଲ୍‌ସ୍ଥିତ ୧୭ ମହଲା କୋଠା ‘ ଆବୋଡ୍’କୁ ଇଡି ନିଜ ହାତକୁ ନେଇଛି। ଏହାର ବଜାର ମୂଲ୍ୟ ୩୭୧୬.୮୩ କୋଟି ଟଙ୍କା ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି।

## ଇଡି ମାମଲାରେ ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫।୨

ଜମି ହେର୍‌ଫେର୍ ଅଭିଯୋଗରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳାଇଥିବା ମାମଲାରେ ସୁପ୍ରିମକୋର୍ଟରୁ ହେମନ୍ତଙ୍କୁ ଆଶ୍ୱସ୍ତ କରିଛନ୍ତି। ଏହି ମାମଲାକୁ ନେଇ ଇଡି ୨୦୨୪ରେ ହେମନ୍ତଙ୍କୁ



ହାଜର ହେବା ଲାଗି ବାରମ୍ବାର ସମନ୍ ଜାରି କରିଥିଲା। ହେଲେ ହେମନ୍ତ ହାଜର ନ ହେବାରୁ ଇଡି ପକ୍ଷରୁ ଆଇପିସି ଧାରା ୧୭୪ ଅନୁସାରେ ପୁଣି ମାମଲା ରୁଜୁ କରାଯାଇ ତାଙ୍କୁ ଦଣ୍ଡିତ କରିବାକୁ ଆବେଦନ କରାଯାଇଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲାବେଳେ ବୁଦବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ମାମଲା ସ୍ଥଗିତ ରଖିବାକୁ କହିଛନ୍ତି।

## ସୋଲାର ସାମଗ୍ରୀ ଉପରେ ୧୨୬% ଶୁଳ୍କ ଲଗାଇଲା ଆମେରିକା

ୱାଶିଂଟନ୍,୨୫।୨

ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ୍ ପ୍ରଶାସନର ଟାରିଫ୍‌କୁ ଅବୈଧ ଘୋଷଣା କରିବା ପରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାମଧ୍ୟରେ ଆମେରିକା ପୁଣି ସୋଲାର(ସୌର) ସାମଗ୍ରୀ ଆମଦାନୀ ଉପରେ ୧୨୬ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଆମେରିକା ଭାରତରୁ ଆମଦାନୀ କରୁଥିବା ସୋଲାର ସେଲ୍ ଏବଂ ସୋଲାର ପ୍ୟାନେଲ୍ ଉପରେ ଏହି ପରିମାଣର ଶୁଳ୍କ ଲାଗୁ କରିବାକୁ ବୁଧବାର ଘୋଷଣା କରିଛି। ଭାରତରେ ଏହିସବୁ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକୁ ସରକାରୀ ସ୍ତରରେ ଅଧିକ ସବ୍‌ସିଡି ଦିଆଯାଉଥିବାରୁ ଏହା ଉପରେ ରୋକ୍ ଲଗାଇବାକୁ ଟ୍ରମ୍ପ୍ ପ୍ରଶାସନ ଉପରୋକ୍ତ ହାରରେ କାଉଣ୍ଟରଭେଲିଂ ଡ୍ୟୁଟି(ସିଭିଡି) ଲାଗୁ କରିବାକୁ କହିଛି। ଭାରତ ସମେତ ଭିଏତ୍‌ନାମ ଏବଂ ଲାଓସ୍ ଉପରେ ସୋଲାର ସାମଗ୍ରୀ ଉପରେ ଏହି ସିଭିଡି ଲାଗୁ କରାଯିବ।

## ଇଣ୍ଡିଗୋରେ ଯାନ୍ତ୍ରିକ ତ୍ରୁଟି: ବିମାନରେ ୨୦୦ ଯାତ୍ରୀ ୫ ଘଣ୍ଟା ହନ୍ତସନ୍ତ

ଚେନ୍ନାଇ,୨୫।୨

ବୁଧବାର ସକାଳେ ଚେନ୍ନାଇରୁ ସିଙ୍ଗାପୁର ଯିବାକୁ ଥିବା ଇଣ୍ଡିଗୋ ବିମାନ ୫ ଘଣ୍ଟା ଧରି ବିମାନ ବନ୍ଦରରେ ପଡ଼ିରହିବା ପରେ ଏଥିରେ ଯାତ୍ରା କରୁଥିବା ପ୍ରାୟ ୨୦୦ ଯାତ୍ରୀଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଛି। ଏହି ବିମାନ ସକାଳ ୭.୩୦ ମିନିଟ୍‌ରେ ଉଡ଼ାଣ କରିବାକୁ ରହିଥିଲାବେଳେ ଯାତ୍ରୀମାନଙ୍କୁ ୬.୩୦ ମିନିଟ୍ ପରେ ବୋର୍ଡିଂ ପାଇଁ ଅନୁମତି ଦିଆଯାଇଥିଲା। ଉଡ଼ାଣ ସମୟ ପୂର୍ବରୁ ସମସ୍ତ ଯାତ୍ରୀ ବୋର୍ଡିଂ କରିସାରିଥିଲେ ମଧ୍ୟ ବିମାନଟି ଉଡ଼ାଣ କରି ନ ଥିଲା। କକ୍‌ପିଟ୍ ତାପମାତ୍ରାକୁ ନେଇ କିଛି ସମସ୍ୟା ରହିଥିବା ପାଇଲଟ୍ ଅନୁଭବ କରିବାପରେ ସର୍ଭିସ୍ ଟେକ୍‌ନିସିଆନ୍‌ଙ୍କୁ ଡକାଯାଇଥିବା ବିମାନ କର୍ତ୍ତୃପକ୍ଷ କହିଥିଲେ। ହେଲେ ୫ ଘଣ୍ଟା ଧରି ଏହି ସମସ୍ୟା ଦୂର ହୋଇପାରି ନଥିଲା। ଏହାଭିତରେ ଉକ୍ତ ବିମାନରେ ଯିବାକୁ ଥିବା ଜଣେ ପାଇଲଟ୍ ମଧ୍ୟ ବିମାନ ଛାଡି ପଳାଇଥିଲେ। ଯାତ୍ରୀମାନେ ୫ ଘଣ୍ଟା ଧରି ବିମାନରେ ବସିରହିଥିଲେ। କିନ୍ତୁ ବାରମ୍ବାର ଏସି ବନ୍ଦ କରାଯାଉଥିବାରୁ ଛୋଟ ପିଲା ଏବଂ ବୟସ୍କ ଯାତ୍ରୀ ଅଣନିଃଶ୍ୱାସୀ ହୋଇପଡ଼ିବା ସହିତ ଯନ୍ତ୍ରଣାରେ ଛଟପଟ ହୋଇଥିଲେ।

## ନିର୍ଦ୍ଦିଷ୍ଟ ସମୁଦାୟକୁ ଟାର୍ଗେଟ କରିପାରିବେ ନାହିଁ ବିଶିଷ୍ଟ ବ୍ୟକ୍ତି

ନୂଆଦିଲ୍ଲୀ,୨୫।୨

ଜାତୀୟ ଏକତା ଓ ସାମାଜିକ ସହାବସ୍ଥାନ କ୍ଷେତ୍ରରେ ସମୁଦାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସାମ୍ବିଧାନିକ ପଦପଦବୀରେ ଥିବା ପବ୍ଲିକ୍ ଫିଗର ଜାତି, ଧର୍ମ, ବର୍ଣ୍ଣ ବା ଭାଷା ଆଧାରରେ କୌଣସି ନିର୍ଦ୍ଦିଷ୍ଟ ସମୁଦାୟକୁ ଟାର୍ଗେଟ କରିପାରିବେ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସାଧାରଣ ଜୀବନରେ ରହୁଥିବା ସରକାରଙ୍କ ମନ୍ତ୍ରୀ କିମ୍ବା ବେସରକାରୀ ବ୍ୟକ୍ତିବିଶେଷ ନିଜ ମନ୍ତବ୍ୟ, ମିମ୍, କାର୍ଟୁନ କିମ୍ବା ଭିଜୁଆଲ ଆର୍ଟ ମାଧ୍ୟମରେ କୌଣସି ସମୁଦାୟକୁ ନ୍ୟୁନ ଦର୍ଶାଇପାରିବେ ନାହିଁ। ନେଟ୍‌ଫ୍ଲିକ୍ସର କ୍ରାଇମ୍ ଥ୍ରିଲର ‘ଘୁସ୍‌ଖୋର ପଣ୍ଡତ’ର ମୁକ୍ତିଲାଭକୁ ଚ୍ୟାଲେଞ୍ଜ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏହି ଟିପ୍ପଣୀ ଦେଇଛନ୍ତି।

## ପ୍ରୟାଗ ଭ୍ରମଣ ପାଇଁ ୫୦ ଅଧିକାରୀଙ୍କୁ ଲଗାଇଥିଲେ ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୨୫।୨

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ନିର୍ଦ୍ଦେଶକ ବିବେକ ବନଜଲ୍‌ଙ୍କ ପ୍ରୟାଗରାଜ ଭ୍ରମଣରେ ୫୦ ଅଧିକାରୀ ନିୟୋଜିତ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ବିବେକ ଫେବୃଆରୀ ୨୫ ଏବଂ ୨୬ ଦୁଇ ଦିନ ଧରି ପ୍ରୟାଗରାଜ ଭ୍ରମଣରେ ଆସିବା ସହିତ ସଙ୍ଗମସ୍ଥଳରେ ସ୍ନାନ, ବିଭିନ୍ନ ମନ୍ଦିର ଦର୍ଶନ ଏବଂ ବୋଟ୍ ରାଇଡ୍ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ଏଥିପାଇଁ ସେ ବିଏସ୍‌ଏନ୍‌ଏଲ୍‌ର ୫୦ କନିଷ୍ଠ ଏବଂ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହିତ ବିଭିନ୍ନ ସାମଗ୍ରୀ ଆୟୋଜନ କରିବାକୁ ବରାଦ କରିଥିଲେ। ଏପରିକି ସ୍ନାନ ପାଇଁ ତଉଲିଆଠାରୁ ଆରମ୍ଭ କରି ତେଲ, ସାବୁନ ଏବଂ ଦର୍ପଣ ପାଇଁ ମଧ୍ୟ ବରାଦ କରିଥିଲେ। ଏହି ବିଷୟ ସାମ୍ନାକୁ ଆସିବା ପରେ ବିବାଦ ତେଜିବା ସହିତ ଖବର କେନ୍ଦ୍ର ମନ୍ତ୍ରଣାଳୟରେ ପହଞ୍ଚିଥିଲା। କେନ୍ଦ୍ର ଟେଲିଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିବେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବା ପରେ ବିବେକଙ୍କ ପ୍ରୟାଗରାଜ ଯାତ୍ରା ବାତିଲ କରିଦିଆଯାଇଛି।



ଜ୍ୟୋତିରାଦିତ୍ୟ ସିନ୍ଧିଆ | ବିବେକ ବନଜଲ୍‌ଙ୍କ




## କ୍ୟାଟ୍ରିନା ସୁପର ହିରୋ: ବିକି

ମୁମ୍ବାଇ

ବଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ କପଲ୍ କ୍ୟାଟ୍ରିନା କୈଫ ଏବଂ ବିକି କୌଶଲ। ଉଭୟ ଆଜିକାଲି ସେମାନଙ୍କ ପୁତ୍ର ବିହାନ ସହ ସମୟ ବିତାଉଛନ୍ତି। ନିକଟରେ ବିକି ସୋସିଆଲ ମିଡିଆରେ ତାଙ୍କ ପିତା ହେବାର ଅଭିଜ୍ଞତା ବାଣ୍ଟିଛନ୍ତି। ବିହାନକୁ ଏବେ ତିନି ମାସ। ମୁଁ ଏବେ କେବଳ ଜଣେ ଚିୟରଲିଡର ହେବାକୁ ଚେଷ୍ଟା କରୁଛି । ଆଉ ତା’ ବଡ଼ ହେବାକୁ ଅପେକ୍ଷା କରୁଛି ବୋଲି କହିଛନ୍ତି ବିକି। ଏଥିସହ ବିକି ସ୍ତ୍ରୀ କ୍ୟାଟ୍ରିନାଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ସ୍ତ୍ରୀଙ୍କ ପ୍ରତି ସମ୍ମାନ ପ୍ରଦାନ କରି ସେ କହିଛନ୍ତି, ବର୍ତ୍ତମାନ କ୍ୟାଟ୍ରିନା ଜଣେ ସୁପର ହିରୋ । ସେ ତାଙ୍କ ଗର୍ଭାବସ୍ଥାରେ ଜଣେ ଯୋଦ୍ଧା ଥିଲେ। ତାଙ୍କୁ ନେଇ ମୁଁ ଗର୍ବିତ ବୋଲି ମୁକ୍ତ କଣ୍ଠରେ ପ୍ରକାଶ କରିଥିବା ବିକି କହିଛନ୍ତି। ୨୦୨୫ ବିକିଙ୍କ ପାଇଁ ବ୍ୟକ୍ତିଗତ ଜୀବନ ଏବଂ କ୍ୟାରିଅର ଉଭୟ ଦୃଷ୍ଟିରୁ ଏକ ମହାନ ବର୍ଷ ପ୍ରମାଣିତ ହୋଇଛି। ‘ଚାଭା’ ଫିଲ୍ମରେ ଛତ୍ରପତି ସମ୍ଭାଜୀ ଭୂମିକାରେ ତାଙ୍କର ଅଭିନୟ ଏବଂ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କ କେମେଷ୍ଟ୍ରିକୁ ଦର୍ଶକ ବହୁତ ପ୍ରଶଂସା କରିଥିଲେ। ପ୍ରଶଂସକମାନେ ତାଙ୍କୁ ସଞ୍ଜୟଲୀଲା ବଂଶାଲିଙ୍କ ଫିଲ୍ମ ‘ଲଭ୍ ଆଣ୍ଡ ୱାର୍’ରେ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବିପକ୍ଷରେ ଦେଖିବା ପାଇଁ ମଧ୍ୟ ଉତ୍ସାହିତ ଅଛନ୍ତି।




# ଧରିତ୍ରୀ DHARITRI

52 Years






ଭୁବନେଶ୍ୱର ଓୟୁଏଟି ପରିସର ଫାର୍ମରୁ ଉତ୍ପାଦିତ 'ବେବି କର୍ନ'କୁ ମହିଳାମାନେ ବିକ୍ରି ପାଇଁ ପ୍ରସ୍ତୁତ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ସମସ୍ୟା ବୁଝି ସମୟ ବଢ଼ାଇଲେ

- ଟୋକନ ଅବଧି ସରିବାର ୧୫ ଦିନ ଯାଏଁ ଚାଷୀଙ୍କ ଧାନ ଉଠିବ
- ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ ଧାନକିଣା

**ଭୁବନେଶ୍ୱର, ୨୫।୨(ସୁନିତ୍ ମିଶ୍ର)**

ଧାନକିଣା ନେଇ ରାଜ୍ୟବ୍ୟାପୀ ଚାଷୀଙ୍କ ଭିତରେ ଅସନ୍ତୋଷ ରହିଛି। ମଣ୍ଡିରୁ ଧାନ ନ ଉଠିବା, ସବୁଠାରେ ମଣ୍ଡି ନ ଖୋଲିବା, ଟୋକନ ପ୍ରଦାନ କରି ଯେଉଁ ଧାର୍ଯ୍ୟ ସମୟରେ ଧାନ ଉଠିବା କଥା ସେଥିରେ ବ୍ୟତିକ୍ରମ ଦେଖାଦେବା ଆଦି କଥାକୁ ନେଇ ବିଭିନ୍ନ ଆଡୁ ଖବର ଆସୁଛି। ସରକାର ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରୁଥିଲେ ମଧ୍ୟ ଅନେକ ସ୍ଥାନରେ ଏଭଳି ସମସ୍ୟାର ସମାଧାନ ଶତପ୍ରତିଶତ ହୋଇ ନ ପାରିବା ବିରୋଧୀ ଦଳଗୁଡ଼ିକୁ ସୁଯୋଗ ଦେଇଛି। ନିକଟରେ ସରିଥିବା ପ୍ରଥମ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଏହି ପ୍ରସଙ୍ଗକୁ ନେଇ ଭଲ ଭାବେ ଚାଲିପାରି ନାହିଁ। ଚାଷୀ ପ୍ରସଙ୍ଗରେ ଲଗାତର ୭ଟି କାର୍ଯ୍ୟଦିବସ ଏକ ପ୍ରକାର ଧୋଇଯାଇଥିଲା। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ପକ୍ଷରୁ ଗତ ମଙ୍ଗଳବାର ଚାଷୀ ପ୍ରସଙ୍ଗରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ବିଶାଳ ପ୍ରତିବାଦ ସଭା କରାଯାଇଛି। ଏଭଳି ସ୍ଥିତିରେ ଚାଷୀଙ୍କ ସମସ୍ୟା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି, କାହାର ଟୋକନ ଲାପ୍ସ ହେବାର ୧୫ ଦିନ ପର୍ଯ୍ୟନ୍ତ ଧାନ କିଣିବେ ସରକାର। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ବିରୋଧୀଙ୍କ ଅଭିଯୋଗ ଏକ ପ୍ରକାର ଠିକ୍ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ମନ୍ତ୍ରୀ ପାତ୍ର ଆହୁରି କହିଛନ୍ତି, ଯେଉଁ ଚାଷୀଙ୍କ ଟୋକନ ସମୟ ସରିଯାଇଛି ସେମାନେ ବ୍ୟସ୍ତହେବା ଦରକାର ନାହିଁ। ଟୋକନ ସମୟ ଶେଷହେବାର ୧୫ ଦିନ ପର୍ଯ୍ୟନ୍ତ ସରକାର ଧାନ କିଣିବେ। ରାଜ୍ୟର ସବୁ ଜିଲାପାଳ ଏହି ସମୟ ଅବଧି ବୃଦ୍ଧି କରିପାରିବେ। ବିଳମ୍ବ କିମ୍ବା ସମସ୍ୟା ଯୋଗୁ ଏହି ସମୟ ଯୋଗୁ ରାଜ୍ୟର ଚାଷୀଙ୍କୁ ବାଦ୍ ଦିଆଯିବ ନାହିଁ। ମାର୍ଚ୍ଚ ୩୧ ଯାଏଁ ଧାନ କିଣା ଜାରି ରହିବ।

ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୫-୨୬ରେ ପଞ୍ଜୀକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନ୍ ଖରିଫ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଜିଲାଗୁଡ଼ିକୁ ଫେବୃଆରୀ ୧୬ ସୁଦ୍ଧା ୭୧,୧୬,୦୫୪ ମେଟ୍ରିକ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଜିଲାଗୁଡ଼ିକରୁ ୫୮,୦୧,୯୬୮ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି ବୋଲି ମନ୍ତ୍ରୀ ପାତ୍ର ବିଧାନସଭାରେ ସୂଚନା ଦେଇଥିଲେ। ଭାଜପା ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଥିଲେ, ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଅଦ୍ୟାବଧି ପ୍ରାୟ ୪.୭୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ବିଭିନ୍ନ ଗୋଦାମରେ ଗଚ୍ଛିତ ରହିଛି। ୬.୪୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ କଷ୍ଟମ ମିଲରଙ୍କଠାରୁ ଆଦାୟ କରିବାର ପ୍ରକ୍ରିୟା ଚାଲୁ ରହିଛି। ଏହା ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ☞ପୃଷ୍ଠା-୫

# ମାଓବାଦୀଙ୍କୁ ହତ୍ୟାକଲେ ମାଓବାଦୀ

## ଆତ୍ମସମର୍ପଣକୁ ନେଇ ଅନ୍ୱେଷଙ୍କୁ ମାରିଦେଲେ ଶୁକ୍ରୁ

**ଫୁଲବାଣୀ/ଦାରିଙ୍ଗିବାଡି, ୨୫।୨ (ରାକେଶ କୁମାର ରାଉତ/ଅରୁଣ ସାହୁ)**

କନ୍ଧମାଳ ଜିଲାରୁ ମାଓବାଦୀ ମୂଳୋତ୍ପାଟନ ପାଇଁ କୋମ୍ବିଂ ଅପରେଶନ ଜାରି ରହିଛି। କିଛିଦିନ ମଧ୍ୟରେ ପୋଲିସ ଗୁଳିରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ଆହୁରି ପ୍ରାୟ ୩୦ ଜଣ ମାଓବାଦୀ ଥିବା ପୋଲିସ ଅନୁମାନ କରୁଛି। ସେପଟେ ମୋଷ୍ଟ ୱାଣ୍ଟେଡ୍‌ମାନେ ଆତ୍ମସମର୍ପଣ କରୁଥିବାରୁ ମାଓବାଦୀ ସଙ୍ଗଠନରେ ଫାଟ ସୃଷ୍ଟି ହୋଇଛି।କନ୍ଧମାଳ ଜିଲା ସଙ୍ଗଠନ ଦାୟିତ୍ୱରେ ଥିବା ମୋଷ୍ଟ ୱାଣ୍ଟେଡ୍ ଶୁକ୍ରୁ ତାଙ୍କ ସାଥୀ ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିବା ଖବର ବୁଧବାର ☞ପୃଷ୍ଠା-୫



ହତ୍ୟାର ଶିକାର ହୋଇଥିବା ଅନ୍ୱେଷ।



ମୋଷ୍ଟ ୱାଣ୍ଟେଡ ଶୁକ୍ରୁ।

# କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଚୂଡ଼ାନ୍ତ

**ଭୁବନେଶ୍ୱର, ୨୫।୨(ସୁନିତ୍ ମିଶ୍ର)**

କ୍ୟାପିଟାଲ ରିଜିଅନ ରିଂରୋଡ୍ (ଭୁବନେଶ୍ୱର ବାଇପାସ୍)ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ତାହା ଚୂଡ଼ାନ୍ତ ହୋଇଥିବା ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'X' ରେ ସୂଚନା ଦିଆଯାଇଛି। ୩ଟି ପ୍ୟାକେଜ୍ ପାଇଁ ୩ଟି ନିର୍ମାଣକାରୀ ସଂସ୍ଥା ଚୟନ ହୋଇଛନ୍ତି। ଖୋର୍ଦ୍ଧା-ରାମେଶ୍ୱର-ବିଲିପଦା ଓ ଗୋବିନ୍ଦପୁର-କଟକ-ଟାଙ୍ଗୀ ସଂଯୋଗ ହେବ। ୬ ଲେନ୍ ବିଶିଷ୍ଟ ଏହି ରିଂରୋଡ୍ ୧୧୦ କି.ମି. ରହିବ। ପ୍ରତ୍ୟେକ ଫେଜ୍ ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି ଉଲ୍ଲେଖ କରାଯାଇଛି। ପ୍ୟାକେଜ ୱାନ୍ ଲାଗି ପଟେଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍‌କୁ ୧୨୩୮.୭୯ କୋଟି, ପ୍ୟାକେଜ-୨ ପାଇଁ ଭିଆର୍‌ସି କନ୍‌ଷ୍ଟ୍ରକ୍ସନ ଲିମିଟେଡ୍‌କୁ ୧୧୯୨.୨୪ କୋଟି ଏବଂ ପ୍ୟାକେଜ -୩ ଲାଗି ଏଚ୍‌ଜି ଇନ୍‌ଫ୍ରା ଇଞ୍ଜିନିୟରିଂ ଲିମିଟେଡ୍‌କୁ ୧୫୮୨.୧୧ କୋଟି ଟଙ୍କାରେ କାମ ମିଳିଛି।





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 28 ଫେବୃଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ। ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781• **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Markona** SURAJ BAJAJ **9124626001** • **Jaleswar** SURAJ BAJAJ **9124626016**, • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ମହୋତ୍ସବ ୨୦୨୬, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୧୩ତମ ଆଲୋଚନାଚକ୍ର ଓ ପୁରସ୍କାର ପ୍ରଦାନ, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସମୟ: ସନ୍ଧ୍ୟା ୫ଟା ୪୫।
- ଓଡ଼ିଶା ପାଇକ ସମ୍ମାନ ୨୦୨୬ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଏସ୍‌ସିବି ମେଡିକାଲ କଲେଜ ଜୁନିୟର ଡାକ୍ତର ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ସେଣ୍ଟ୍ରାଲ ଅଡିଟୋରିୟମ, ଏସ୍‌ସିବି ପରିସର, ସମୟ: ଅପରାହ୍ନ ୨ଟା ୩୦।
- ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଷ୍ଣୁପ୍ରିୟା ନିରଞ୍ଜନ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ମହାନଦୀ ଭବନ, ମହାନଦୀ ବିହାର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଓଡ଼ିଶୀ ଆସର, ସ୍ଥାନ: ପୌରସଦନ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ଟା।
- ନାଟକ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- .ଶ୍ରୀରାମଚରିତ ମାନସ ଓ ପାରାୟଣ ପୂର୍ଣ୍ଣାହୁତି, ସ୍ଥାନ: ଧବଳେଶ୍ୱର ପୀଠ, ଗୁରୁଜଙ୍ଗ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଦେଉଳୀ ଅଲେଖ ମହିମା ଆଶ୍ରମ, ବାସୁଦେବପୁର, ସମୟ: ସକାଳ ୬ଟା।
- ମହାଲକ୍ଷ୍ମୀ ମନ୍ଦିରରେ ସୁଦଶା ବ୍ରତ, ସ୍ଥାନ: ନିମପଡ଼ା, ବନ୍ତ, ସମୟ: ସକାଳ ୮ଟା।

## କେନ୍ଦୁଝର

- ଶ୍ରୀ ନୀଳକଣ୍ଠେଶର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନାହାଳିଆ, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା।
- ଦୋଳ ପୂର୍ଣ୍ଣିମା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ : ନୀଳାଦ୍ରି, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବର ଘଟତୋଳନ, ସ୍ଥାନ: ମଧୁବନସ୍ଥିତ ମା' ଭୈରବୀ ପୀଠ ପରିସର, ବାରିପଦା, ସମୟ: ସକାଳ ୮ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ ଟୁର୍ନାମେଣ୍ଟ, ସ୍ଥାନ: ତୁଳସୀଚଉରା ଗୋଶାଳା ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ୪୮ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ବୁଗୁଡ଼ା ବ୍ଲକ କରସିଙ୍ଗି, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ବୁଗୁଡ଼ା ବ୍ଲକ ବାରିକପଲ୍ଲୀ, ସମୟ: ସକାଳ ୭ଟା ୩୦।

## କନ୍ଧମାଳ

- ସାମୁହିକ ସୁଦଶା ବ୍ରତ ପୂଜନୋତ୍ସବ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ବାଲିଗୁଡ଼ା, ସମୟ : ସକାଳ ୯ ଟା।
- ପ୍ରବୋଧନ ତାଲିମ ଶିବିର, ସ୍ଥାନ: ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାଲିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା ସାହିତ୍ୟ ଆଲୋଚନା, ସ୍ଥାନ: ଫୁଲବାଣୀ ବିଟିମ୍ ପଡ଼ିଆ, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ବିଶ୍ୱ ସାମାଜିକ ନ୍ୟାୟ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜୟଗୋପାଳ ମଠ, ବାଜିଚୌକ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା୩୦।
- ମହାପାଟ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇ କାଟେଣି ଗ୍ରାମ, ପରଜଙ୍ଗ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ଅଭିରାମ ପରମହଂସ ଦେବଙ୍କ ୨୯ତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ହମାମୀରା ଶାନ୍ତି ମଠ, ସମୟ: ସକାଳ ୭ଟା।
- ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ତଳମୂଳ କଲେଜ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସରେ ଭୁବନେଶ୍ୱର ଓ ସୁନ୍ଦରଗଡ଼ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ଜଗତ୍‌ସିଂହପୁର ଜିଲାରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ସକାଳ ୯ଟା ୪୫।

## କେନ୍ଦ୍ରାପଡ଼ା

- ରାଜସ୍ୱ ମାମଲା ସମ୍ପର୍କୀତ ଜନଶୁଣାଣି ଶିବିର, ସ୍ଥାନ:ତହସିଲ କାର୍ଯ୍ୟାଳୟ, ଗରଦପୁର ଓ ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ବିକଶିତ ଭାରତ ୟୁଥ ପାର୍ଲ୍ୟାମେଣ୍ଟ-୨୦୨୬, ସ୍ଥାନ: ଯାଜପୁର ଏନ.ସି. ସ୍ୱୟଂଶାସିତ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଶିକ୍ଷା ବୃତ୍ତି ପୁରସ୍କାର ସଂକ୍ରାନ୍ତରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଛତିଆ ରଜଦୋଳ ମେଳଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛତିଆ ଫୁଟ୍‌ବଲ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପନୀ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ପ୍ରଥମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ପ୍ୟାଲେସ, ନ୍ୟୁ ବସ୍‌ଷ୍ଟାଣ୍ଡ, ଗୁଣପୁର, ସମୟ: ଅପରାହ୍ନ ୫ଟା ୩୦ ।

## ନବରଙ୍ଗପୁର

- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ବାଲ ଗଣପତି ମନ୍ଦିର ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋଟପାଡ଼ସ୍ଥିତ ତେଲୁଗୁ ସାହି, ସମୟ: ସକାଳ ୯ ଟା।
- ସେନସସ ୨୦୨୭ ନେଇ ଅଧିକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାର ବ୍ୟାଙ୍କ ସମୂହର କୋର କମିଟି ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦ ।
- ସ୍ୱାନ ଅନୁଷ୍ଠାନ ପକ୍ଷରୁ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର

- କଳିଙ୍ଗ ହର୍ବାଲ ମେଳା ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ସୁନ୍ଦରଗଡ଼

- ମହୁଚାଷ ସମ୍ପର୍କିତ ତାଲିମ ଶିବିରର ଚତୁର୍ଥ ଦିବସ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କିରେଇ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ନୂଆଁ ଗୁଡେଶିରା, ସମୟ:ଅପରାହ୍ନ ୩ଟା।

## କଳାହାଣ୍ଡି

- ବିକାଶ ଡିଗ୍ରୀ କଲେଜରେ ଭି ଫେଷ୍ଟ ୪.୦ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଫଗୁ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ମଥୁରା, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କିର୍ଲା ଗ୍ରାମ ମଣ୍ଡପ, କଣ୍ଟାମାଳ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଆଶାକର୍ମୀ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ବାଣିଜ୍ୟ ମେଳା, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶିତ ଭାରତ ଯୁବ ସଂସଦ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଦେବଗଡ଼ କଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ ସ୍ଥାନ : ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ : ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ତରଭା ସହର କୁମ୍ଭାରପଡାରେ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଅବସରରେ ରତ୍ନମୁଦ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଚନ୍ଦ୍ରମା ସଭାଗୃହ ବିନିକା, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ୦ସାମୂହିକ ଆଦର୍ଶ ବିବାହ, ସ୍ଥାନ: ଗୁରୁକୁଳ ଆଶ୍ରମ ଆମସେନା, ଖରିଆର ରୋଡ, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳପ୍ରହର ଅଖଣ୍ଡ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଭେଲା ପଞ୍ଚାୟତ କ୍ରିଷ୍ଟା ଗାଁ, ସମୟ: ଅପରାହ୍ନ ୩ଟା ।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ବେହେରାମାଲସ୍ଥିତ ଏମ୍‌ସିଏଲ, ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦେବଗୁରୁଙ୍କ ସହ ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ସୌଭାଗ୍ୟ ପ୍ରଦାୟକ ରହିବେ। କୃତି, କୃତିତ୍ୱ ଓ ବାଗ୍ମିତାକୁ ନେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟସାଧନ କରିବେ। କିନ୍ତୁ ସାମାନ୍ୟ କଥାରେ ପରିବାରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବୃଷ** ଉଚ୍ଚାରୋହୀ ଶୁକ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇପାରିବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ଅଭିଳାଷ ପୂରଣ ହେବ। ପାରିବାରିକ ସ୍ଥିତି ପୂର୍ବପରି ବ୍ୟତିକ୍ରମ ମଧ୍ୟରେ ରହିପାରେ। ବନ୍ଧୁସମ୍ପର୍କ, ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ନିର୍ମାଣକାର୍ଯ୍ୟରେ ପ୍ରତିବନ୍ଧକ ଦୂରେଇଯିବ।

**ମିଥୁନ** ଶୁଭ ଗ୍ରହଙ୍କ ପ୍ରଭାବରୁ ଆପଣଙ୍କ ଦୂରଦର୍ଶୀ ଯୋଜନା ଫଳପ୍ରଦ ହେବାରେ ବନ୍ଧୁବର୍ଗଙ୍କ ସହଯୋଗ ଅବିସ୍ମରଣୀୟ ରହିବ। ପଡ଼ୋଶୀଙ୍କ ପରାମର୍ଶରେ ମାନସିକ ଦ୍ୱନ୍ଦ୍ୱର ଅବସାନ ସଙ୍ଗକୁ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବେ। ଯାତ୍ରା କାଳରେ ଅନ୍ୟମନସ୍କ ହେତୁକ କୌଣସି ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି।

**କର୍କଟ** ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ନିରଙ୍କୁଶ ରହିବା ସହ ସାମଗ୍ରିକ ସୁବିଧା ସୁଯୋଗ ହାସଲ କରିପାରିବେ। ଆଶା ପୂରଣ, ଦୀର୍ଘ ଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ଆଶା ରହିଛି। ଭାବପ୍ରବଣତା ବଶତଃ ଓଲଟା କଥା କହି ଅପଦସ୍ଥ ହେବେ। ପଡ଼ୋଶୀଙ୍କ ଦ୍ୱାରା ପ୍ରତିରୋଧ କାରଣରୁ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଚିନ୍ତା ବୃଦ୍ଧି କରିପାରେ।

**ସିଂହ** ଆଜିର ଗ୍ରହସ୍ଥିତି ଅନୁକୂଳ ଥିବାରୁ ଯେଉଁ କାମରେ ହାତ ଦେବେ ନିଶ୍ଚିତ ପୂର୍ଣ୍ଣାଙ୍ଗ ହୋଇପାରିବ। କିନ୍ତୁ ଶନିଙ୍କ ପ୍ରଭାବରେ ପଛବୁଦ୍ଧିଆ ଭଳି କାମ କରି ପଶ୍ଚାନ୍ତେ ଅନୁତାପ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ହଠାତ୍ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବ୍ୟବସାୟରେ ଲାଭ ପରିମାଣ କୌଣସି ପ୍ରକାରେ ଊଣା ହେବ ନାହିଁ।

**କନ୍ୟା** କର୍ମଭାବସ୍ଥ ଚନ୍ଦ୍ର ଓ ଗୁରୁଙ୍କ ପ୍ରଭାବରେ ବନ୍ଧୁଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। ସଭାସମିତି, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗାଯୋଗ ତଥା ଏଜେନ୍ସିପରୁ ଶୁଭଫଳ ମିଳିବ। ସରକାରୀ ସ୍ତରରୁ ସହାୟତା ପାଇବା ସହଜ ହେବନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ତୁଳା** ଅନୁକୂଳ ଗ୍ରହସ୍ଥିତିଜନିତ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଶୃଙ୍ଖଳିତ ରହିବ। ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବ। ବନ୍ଧୁମିଳନ ପରିପ୍ରେକ୍ଷୀରେ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି । ବଳହୀନ ଶନିଙ୍କ କୁପ୍ରଭାବରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଯାତ୍ରା ସ୍ଥଗିତ ରହିଯିବ।

**ବିଛା** ଅଷ୍ଟମସ୍ଥ ଚନ୍ଦ୍ର ଗୁରୁଙ୍କ ସାନ୍ନିଧ୍ୟରେ ସନ୍ତାନଙ୍କ ସକାଶେ ସମସ୍ୟା ସୃଷ୍ଟିର କାରଣ ସାଜିପାରନ୍ତି। ଆନୁଷ୍ଠାନିକ କାମରେ ଆପଣଙ୍କର ପ୍ରଶଂସନୀୟ ସାହାଯ୍ୟ ଓ ସହଯୋଗ ଜନାଦୃତ ହେବ। ସାମାଜିକ ସ୍ତରରେ ପାରିବେଶିକ କୁପ୍ରଭାବରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ। ବୃଥା ସନ୍ଦେହ ଅଶାନ୍ତିର କାରଣ ପାଲଟିଯାଇ ପାରେ।

**ଧନୁ** ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାମରେ ସଫଳତା ଲାଭ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିଲେ ମଧ୍ୟ ବିଶେଷ କିଛି ଅସୁବିଧା ରହିବ ନାହିଁ। କୌଣସି ଅଜଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇଯିବ।

**ମକର** ମୁଖଭାବରେ ଏକାଧିକ ଗ୍ରହଜନିତ ଆପଣଙ୍କ ରୁକ୍ଷ ବ୍ୟବହାର ସମ୍ପର୍କହାନିର କାରଣ ହେବ। ଶନିଙ୍କ ପ୍ରଭାବରେ କାମରେ ଅବହେଳାଜନିତ ସୁଯୋଗ ହରାଇପାରନ୍ତି। ଅଯଥା କାମରେ ସମୟର ଅପଚୟ ନ କରି କୌଣସି ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଓ ଯୋଜନା କରିବା ଭଲ ହେବ। ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** ରାଶିରେ ପଞ୍ଚଗ୍ରହକୂଟ ପ୍ରଭାବରେ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପରକଥାରେ ମୁଣ୍ଡ ପୂରାଇଲେ ଅଶାନ୍ତି ସୃଷ୍ଟି ହେବାର ସୂଚନାକୁ ଦୃଢୀଭୂତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଶେୟାରବଜାର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ବିବାଦରେ ବିଜୟ ଲାଭ ସଙ୍ଗକୁ ପ୍ରତିଯୋଗିତାରେ ସଫଳତା ନିଶ୍ଚିତ ପାଇବେ।

**ମୀନ** ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟାର କୁପରିଣାମ ଭୋଗ କରିବାକୁ ପଡ଼ିପାରେ। ଶନିଙ୍କ ସ୍ଥିତିରୁ ଯେତେ ଭଲ କଲେ ମଧ୍ୟ ଖଳ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। ଜମିଜମା ବିବାଦର ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ଆଜିର ବ୍ୟବସାୟିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

ଆଜି ଫେବୃଆରୀ ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀ ଗୁରୁବାର। ସୁଦଶାବ୍ରତ, ଶ୍ରୀଜୀଉଙ୍କର ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ। ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ.୧୨।୧୧ମି. ଗତେ ଆର୍ଦ୍ରା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ନବବଧୂ ଯାତ୍ରା, ଦେବତା ପ୍ରତିଷ୍ଠା ସକାଶେ ଶୁଭଦିନ। ଦିବା ଘ.୦୬।୧୨ମି. ଗତେ ଘ.୦୭।୪୪ମି. ମଧ୍ୟେ, ଘ.୧୦।୫୦ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୬ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁ କାଳ ।

## ଝିଅର ପ୍ରେମ...

ଅଖାରୁ ଏହେମ୍‌ଙ୍କ ଗଳିତ ମୃତଦେହ ମିଳିଥିଲା। ମଙ୍ଗଳବାର ସକାଳେ ଅନୁଷ୍କାଙ୍କ ମୃତଦେହ ଜୟନ୍ତୀଗିରି କେନାଲରୁ ମିଳିଥିଲା। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ପ୍ରେମକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହହେବାରୁ ନାବାଳିକାଙ୍କୁ ଆଣି ପଚରାଉଚରା କରାଯାଇଥିଲା। ଏହାପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏବେ ୫ଜଣଙ୍କ ନାମରେ ହତ୍ୟା ମାମଲା (ନମ୍ବର ୪୫/୨୬) ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମାଙ୍କ ସମେତ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ବୋରିଗୁମ୍ମା ଆଇଆଇସି ରାମାନନ୍ଦ ସାହୁ ଉପସ୍ଥିତ ଥିଲେ।

## ଖଣିବାବୁଙ୍କ ଘରେ ...

ପଦରେ ବରିଷ୍ଠ ସର୍ଭେୟର ଭାବେ ୨୦୦୪ ଅଗଷ୍ଟ ୯ରେ ବଲାଙ୍ଗୀର ଖଣି କାର୍ଯ୍ୟାଳୟରେ ଯୋଗଦେଇଥିଲେ। ସେହି ପଦରେ ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ବାରିପଦା, ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ବ୍ରହ୍ମପୁର, ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କଟକ, ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଭୁବନେଶ୍ୱର ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟ କରିଥିଲେ। ସେ ୨୦୧୮ ମାର୍ଚ୍ଚରେ ସହକାରୀ ଖଣି ଅଧିକାରୀ ପଦରେ ମୁଖ୍ୟ ସର୍ଭେୟର ଭାବେ ପଦୋନ୍ନତି ପାଇଥିଲେ। ସେ ୨୦୧୫ ଡିସେମ୍ବରରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ଫୁଲବାଣୀରେ ନିଯୁକ୍ତି ପାଇ ଫୁଲବାଣୀ, ବୌଦ୍ଧ ଓ ନୟାଗଡ଼ ଜିଲା କାର୍ଯ୍ୟଭାର ତୁଲାଉଥିଲେ। ସେ ୨୦୨୬ ଜାନୁଆରୀ ୭ରେ କଟକ ସର୍କଲର ଉପନିର୍ଦ୍ଦେଶକ ଭାବେ ଯୋଗଦେଇ କଟକ ଓ କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଞ୍ଜେଇ ନିଶାରେ**
**ମୂଷା ବିରାଡ଼ିକି ଚିହ୍ନିପାରେ ନା।**

ନିଶା ମଣିଷକୁ ବିପଥଗାମୀ କରାଇଥାଏ। ନିଶା ସେବନ କଲେ ମଣିଷ ନିଜର ହିତାହିତ ଜ୍ଞାନ ହରାଇ ବସିଥାଏ। ସେହିପରି ନିଶା ଭୋଳରେ ବ୍ୟକ୍ତି ନିଜପକ୍ଷ ଓ ଶତ୍ରୁପକ୍ଷ ନ ଚିହ୍ନି ପାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗାଁ ଧୋଅରା ଯେଉଁଠି ପଶେ,**
**ପଧାନ ହଳ ସେଇଠି ଚଷେ।**

ସାଧାରଣତଃ ଗ୍ରାମର ମୁଖିଆ ସ୍ତରର ବ୍ୟକ୍ତିଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ମିଳିଥାଏ। ସବୁପ୍ରକାର ସୁଖ ସୁବିଧା ମିଳିବା ସହ ତାଙ୍କ ଇଚ୍ଛା ପ୍ରତି ସମ୍ମାନ ଦିଆଯାଇଥାଏ। ଏପରିକି ସବୁ କଥାରେ ତାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏ ପରିସ୍ଥିତିରେ ଗ୍ରାମର ପ୍ରଧାନ ବ୍ୟକ୍ତି ଶ୍ରେଷ୍ଠ ଜମି ବା ଉର୍ବର ଜମି ଚାଷ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଆମେରିକା ଅର୍ଥନୀତି ...

ଏହାର ପ୍ରତିବାଦରେ କେତେଜଣ ବିରୋଧୀ ନେତା ସଭା କକ୍ଷରୁ ବାହାରି ଯାଇଥିବାବେଳେ ବାରମ୍ବାର ପ୍ରତିବାଦ କରୁଥିବା ଡେମୋକ୍ରାଟିକ ପାର୍ଟିର ସାଂସଦ ଅଲ୍ ଗ୍ରୀନ୍‌ଙ୍କୁ ସୁରକ୍ଷା କର୍ମୀମାନେ ବାହାରକୁ ନେଇଯାଇଥିଲେ। ଟାରିଫ୍ ବା ଶୁଳ୍କ ନୀତି ଉପରେ ନିକଟରେ ଆସିଥିବା ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସେ ବିଦେଶୀ ସାମଗ୍ରୀ ଉପରେ ଟିକସ ଲଗାଇବା ନୀତିକୁ ସମର୍ଥନ କରିଥିଲେ। ସୁପ୍ରିମକୋର୍ଟ ଏହି ନୀତି ବିରୋଧରେ ରାୟ ଦେଇଥିଲେ ମଧ୍ୟ ଅନ୍ୟ ଆଇନଗତ ପନ୍ଥା ଆପଣାଇ ଏହାକୁ ଜାରି ରଖିବେ ବୋଲି ସେ କହିଥିଲେ। ଟ୍ରମ୍ପ 'ବର୍ଡର ୱାଲ୍' ଏବଂ କଠୋର ସୀମା ସୁରକ୍ଷା ନୀତିକୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ସମୟରେ ବିରୋଧୀ ଡେମୋକ୍ରାଟ୍ ନେତାମାନେ ପାଟିତୁଣ୍ଡ କରିବା ସହ ମିନେସୋଟାରେ ଘଟିଥିବା କିଛି ହିଂସାତ୍ମକ ପ୍ରବାସୀ-ନିରୋଧୀ କାର୍ଯ୍ୟାନୁଷ୍ଠାନର ଫଟୋ ଧରି ପ୍ରତିବାଦ କରିଥିଲେ।

ଟ୍ରମ୍ପଙ୍କ ଦୀର୍ଘ ଅଭିଭାଷଣ ପରେ ବିରୋଧୀ ଡେମୋକ୍ରାଟିକ ଦଳ ପକ୍ଷରୁ ଭର୍ଜିନିଆର ଗଭର୍ନର ଏବିଗେଲ ସ୍ପାନବର୍ଗର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଟ୍ରମ୍ପ ଅର୍ଥନୀତିର ଯେଉଁ ଉଜ୍ଜ୍ୱଳ ଚିତ୍ର ଦେଖାଉଛନ୍ତି, ତାହା ବାସ୍ତବତାଠାରୁ ଦୂରରେ। ସାଧାରଣ ଆମେରିକୀୟ ପରିବାର ଏବେ ବି ମହଙ୍ଗା ଜୀବନଧାରଣ ପାଇଁ ଅସୁବିଧାରେ ଅଛନ୍ତି। ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ଜିନିଷପତ୍ରର ଦାମ ବଢୁଛି, ଯାହା ମଧ୍ୟବିତ୍ତ ଶ୍ରେଣୀ ଉପରେ ବୋଝ ଲଦି ହୋଇଯାଇଛି। ସ୍ପାନବର୍ଗର ଆହୁରି କହିଛନ୍ତି, ରାଷ୍ଟ୍ରପତି ଦେଶରେ ଏକତା ବଦଳରେ ବିଭାଜନ ସୃଷ୍ଟି କରୁଛନ୍ତି। ସଂସଦରେ ବିରୋଧୀଙ୍କୁ 'ପାଗଳ' ବୋଲି କହିବା ତାଙ୍କର ପଦବୀର ଗରିମା ହାନି କରୁଛି। ଟ୍ରମ୍ପଙ୍କ କଠୋର ପ୍ରବାସୀ ନୀତିକୁ ଯୁବ ନେତ୍ରୀ ଆଲେକ୍ସଜାଣ୍ଡ୍ରିଆ ଓକାସିଓ-କର୍ଟେଜ 'ଅମାନବୀୟ' ବୋଲି ଦର୍ଶାଇଥିଲେ। ସୀମାରେ ଲୋକଙ୍କୁ ଯେଉଁଭଳି ଭାବେ ବନ୍ଦୀ କରାଯାଉଛି, ତାହା ଆମେରିକାର ମୂଲ୍ୟବୋଧ ବିରୋଧୀ ବୋଲି ସେ କହିଛନ୍ତି। ଡେମୋକ୍ରାଟ୍‌ମାନେ ଦାବି କରିଛନ୍ତି ଯେ ସୁରକ୍ଷା ସହିତ ମାନବିକତାକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ। ଆମେରିକା ପ୍ରତିନିଧି ସଭାରେ ଡେମୋକ୍ରାଟିକେ ଦଳର ନେତା ହାକିମ୍ ଜେଫ୍ରିସ୍ ଟ୍ରମ୍ପଙ୍କ ଅର୍ଥନୈତିକ ପ୍ରଗତି ଦାବିକୁ 'କେବଳ ଏକ ମିଛ କାହାଣୀ' ବୋଲି କହିଛନ୍ତି। ଟ୍ରମ୍ପ କେବଳ ଧନୀ ଲୋକଙ୍କ ପାଇଁ କାମ କରୁଥିବା ସେ କହିଛନ୍ତି। କାଲିଫର୍ନିଆର ପ୍ରଭାବଶାଳୀ ନେତା ଜଭିଏର୍ ବେସେରା ଟ୍ରମ୍ପଙ୍କ ସ୍ୱାସ୍ଥ୍ୟସେବା ନୀତିକୁ ତୀବ୍ର ବିରୋଧ କରିଛନ୍ତି। ବିଶେଷକରି ଟ୍ରମ୍ପ ଯେଉଁଭଳି ଭାବେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥାରେ ପରିବର୍ତ୍ତନ କରୁଛନ୍ତି, ତାହାକୁ ସେ 'ସାଧାରଣ ଆମେରିକୀୟଙ୍କ ପାଇଁ ବିପଦ' ବୋଲି କହିଛନ୍ତି। ଟ୍ରମ୍ପଙ୍କର ଜଣେ ବଡ଼ ସମାଲୋଚକ ଭାବେ ଜଣାଶୁଣା କାଲିଫର୍ଣ୍ଣିଆର ଗଭର୍ନର ଗେଭିନ୍ ନ୍ୟୁସମ୍ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ନୀତି ଉପରେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ଟ୍ରମ୍ପ ପରିବେଶ ସୁରକ୍ଷା ନିୟମକୁ କୋହଳ କରୁଥିବାରୁ ନ୍ୟୁସମ ତାଙ୍କୁ ସମାଲୋଚନା କରିଆସୁଛନ୍ତି। ମିଶିଗାନ ଗଭର୍ନର ଗ୍ରେଟେନ୍ ହ୍ୱିଟ୍‌ମର୍ ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ସ୍ଥାନୀୟ ବ୍ୟବସାୟ ଗୁରୁତର ପ୍ରଭାବିତ ହେଉଥିବା କହିଛନ୍ତି। ଟେକ୍ସାସର ସାଂସଦ ଅଲ୍ ଗ୍ରୀନ୍ ସଂସଦ ଭବନ ଭିତରେ ହିଁ ଟ୍ରମ୍ପଙ୍କ ବିରୋଧରେ ପ୍ରତିବାଦ କରି ଚର୍ଚ୍ଚାରେ ଥିଲେ। ସେ ଟ୍ରମ୍ପଙ୍କୁ ସାମ୍ବିଧାନିକ ମୂଲ୍ୟବୋଧର ଉଲ୍ଲଂଘନକାରୀ ବୋଲି କହିଛନ୍ତି। ଭାରତ-ପାକିସ୍ତାନ ଯୁଦ୍ଧ ରୋକିବା ନେଇ ଟ୍ରମ୍ପ କରିଥିବା ଦାବିକୁ ବିରୋଧୀମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଟ୍ରମ୍ପ ନିଜର ପ୍ରଶଂସା ପାଇଁ ଘଟଣାକୁ ଅତିରଞ୍ଜିତ କରି କହୁଛନ୍ତି ଏବଂ ଏହା ଦ୍ୱାରା ଅନ୍ୟ ଦେଶ ସହ ସମ୍ପର୍କ ଖରାପ ହୋଇପାରେ ବୋଲି ସେମାନେ କହିଛନ୍ତି।

ଆମେରିକାର ସମ୍ବିଧାନ ଅନୁଯାୟୀ, ରାଷ୍ଟ୍ରପତି ସମୟ ସମୟରେ ସଂସଦ 'କଂଗ୍ରେସ'ର ଯୁଗ୍ମ ଅଧିବେଶନ (ଦ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଓ ସିନେଟ୍)କୁ ଦେଶର ସ୍ଥିତି ବିଷୟରେ ସୂଚନା ଦେବା ବାଧ୍ୟତାମୂଳକ। ଏହି ଅଭିଭାଷଣରେ ରାଷ୍ଟ୍ରପତି ଦେଶର ଅର୍ଥନୀତି, ସୁରକ୍ଷା ଏବଂ ସାମାଜିକ ସ୍ଥିତି ବିଷୟରେ ଜଣାନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗତ ବର୍ଷରେ ସରକାର କ'ଣ ସବୁ ଭଲ କାମ କରିଛନ୍ତି, ତାହା ରାଷ୍ଟ୍ରପତି ଜନସାଧାରଣଙ୍କୁ ଅବଗତ କରାଇଥାନ୍ତି। ସେହିପରି ଆଗାମୀ ବର୍ଷ ପାଇଁ ସରକାରଙ୍କର ଲକ୍ଷ୍ୟ କ'ଣ ଏବଂ ସେ କେଉଁନୂଆ ଆଇନ ଆଣିବାକୁ ଚାହୁଁଛନ୍ତି, ତାହା ଏଠାରେ ଘୋଷଣା କରାଯାଏ। ଏହା ଏକ ପରମ୍ପରା ନୁହେଁ, ବରଂ ଏକ ସମ୍ବିଧାନିକ ନିୟମ। ଏହି କାର୍ଯ୍ୟକ୍ରମ ୱାଶିଂଟନ ଡିସିସ୍ଥିତ 'ୟୁଏସ୍ କ୍ୟାପିଟୋଲ୍' (ଆମେରିକା ସଂସଦ ଭବନ) ଠାରେ ଅନୁଷ୍ଠିତ ହୁଏ। ସଂସଦର ଉଭୟ ସଦନର ସମସ୍ତ ସଦସ୍ୟ, ଉପରାଷ୍ଟ୍ରପତି, ମନ୍ତ୍ରିମଣ୍ଡଳ, ସୁପ୍ରିମକୋର୍ଟରେ ବିଚାରପତି ଏବଂ ସେନା ମୁଖ୍ୟମାନେ ଉପସ୍ଥିତ ରହିଥାନ୍ତି।

## ଆମେରିକା ସନ୍ଧି ...

କହିଥିଲେ, ସନ୍ଧି ପାଇଁ ଆମେରିକା ହସ୍ତକ୍ଷେପ କରି ନ ଥିଲେ ଭାରତର 'ଅପରେଶନ୍ ସିନ୍ଦୂର'ରେ ପ୍ରାୟ ୩୫ ନିୟୁତ ଲୋକ ପ୍ରାଣ ହରାଇଥାନ୍ତେ। ଟ୍ରମ୍ପ ପ୍ରଶାସନ ୮ଟି ଯୁଦ୍ଧ ବନ୍ଦ କରିସାରିଥିବାବେଳେ ୯ମ ଯୁଦ୍ଧର ଅବସାନ ପାଇଁ କଠିନ ପରିଶ୍ରମ ଜାରି ରଖିଛି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହତ୍ୟା ତଥା ବଧ ଚାଲିଛି। କିନ୍ତୁ ଆରମ୍ଭରୁ ସେ ରାଷ୍ଟ୍ରପତି ଥିଲେ ଯୁଦ୍ଧ ହେବାକୁ ଦେଇ ନ ଥାନ୍ତେ। ପ୍ରକାଶ ଯେ, ଗତବର୍ଷ ମେ' ୧୦ର ଅପରେଶନ ସିନ୍ଦୂର ପରଠୁ ଟ୍ରମ୍ପ ଅଦ୍ୟାବଧି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିବା ବିଷୟ ୮୦ ଥର ଦାବି କଲେଣି। ୨୦୨୫ ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱସ୍ତ କରିବା ପାଇଁ ଅପରେଶନ ସିନ୍ଦୂର ଚଳାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାବେଳେ ଟ୍ରମ୍ପ୍ ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ଦେଶ ଉପରେ ୨୦୦% ଟାରିଫ୍ କଷିବା ଚେତାବନୀ ଦେବା ସହ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରିଥିବା ଟ୍ରମ୍ପ୍ ଦାବି କରି ଆସୁଛନ୍ତି। ତେବେ ଭାରତ ଏହାକୁ ଖଣ୍ଡନ କରିଆସୁଛି। ପାକିସ୍ତାନର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ (ଡିଜିଏମ୍‌ଓ)ଙ୍କ ଅନୁରୋଧକ୍ରମେ ଭାରତୀୟ ପ୍ରତିପକ୍ଷ ପ୍ରତ୍ୟକ୍ଷ ଆଲୋଚନା କରି ଯୁଦ୍ଧ ବନ୍ଦ କରିଥିବା ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା।

## ଆଜିଠୁ ୫ଦିନିଆ ...

ଟ୍ରିବ୍ୟୁନାଲ କମିଟି ୨୬ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦର ଠାରେ ଅପରାହ୍ନ ୫ଟା ୧୫ ମିନିଟ୍‌ରେ ପହଞ୍ଚିବା ପରେ ସେଦିନ ହୀରାକୁଦ ସ୍ଥିତ ଅଶୋକ ନିବାସରେ ରହିବେ। ୨୭ ତାରିଖରେ ହୀରାକୁଦ ଏବଂ ମହାନଦୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବେ। ସେଦିନ ପୁଣି ଥରେ ଅଶୋକ ନିବାସରେ ରାତ୍ରିଯାପନ କରିବେ। ୨୮ରେ ସମଲେଶ୍ୱରୀ ମନ୍ଦିର ଯିବେ। ସେଠାରେ ଦର୍ଶନ ସାରିବା ପରେ ଅଶୋକ ନିବାସରେ ମଧ୍ୟାହ୍ନଭୋଜନ ସାରି ଭୁବନେଶ୍ୱର ଆସି ରାତ୍ରିଯାପନ କରିବେ। ୧ ତାରିଖରେ ଲିଙ୍ଗରାଜ ମନ୍ଦିର ଦର୍ଶନ କରିବେ। ସେଠାରୁ ପୁରୀ ଯାଇ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଦର୍ଶନ କରିବେ। ସେହିଦିନ ଅପରାହ୍ନ ୪ଟାରେ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ଯିବେ। ଚନ୍ଦ୍ରଭାଗା ଯାଇ ସେଠାରୁ ପୁରୀରେ ରାତ୍ରିଯାପନ କରିବେ। ୨ ତାରିଖରେ ସାତପଡ଼ା ଯିବା ସହ ଚିଲିକା ବୁଲିବେ। ସେହିଦିନ ଟ୍ରିବ୍ୟୁନାଲ କମିଟି ଓଡ଼ିଶାରୁ ଫେରିଯିବେ।

## ଗଭୀର ଷଡ଼ଯନ୍ତ୍ର...

ଏବଂ ମହାଭିଯୋଗ ପ୍ରସ୍ତାବ ପାରିତ କରି ଜଣେ ବିଚାରପତିଙ୍କୁ ହଟାଇପାରିବ। ଏଭଳି ପ୍ରସ୍ତାବ କେବଳ ଉପଯୁକ୍ତ ତଦନ୍ତ ପରେ ହିଁ ଅଣାଯାଇଥାଏ। ସେହି ଅବଧି ମଧ୍ୟରେ ବିଚାରପତିଙ୍କୁ ମାମଲାରେ ନିଜ ପକ୍ଷ ରଖିବାକୁ ଉପଯୁକ୍ତ ସୁଯୋଗ ଦିଆଯାଇଥାଏ। ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଦୁର୍ନୀତି ହେଉଥିବାବେଳେ ଗରିବ ଓ ବଞ୍ଚିତ ବର୍ଗ ନ୍ୟାୟ ପାଇବାରେ ଅସୁବିଧା ହେଉଛି। ତେଣୁ ନ୍ୟାୟପାଳିକାରେ ବିଶ୍ୱାସ ପ୍ରତିଷ୍ଠା ତଥା ସ୍ୱଚ୍ଛତା ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ତରରେ ଉଦ୍ୟମ କରାଯାଉଛି। ଏଥିପାଇଁ ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। କୌଣସି ବିଚାରପତି ଦୁର୍ନୀତିଗ୍ରସ୍ତ ହୋଇଥିବା ପ୍ରମାଣିତ ହେଲେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି ବୋଲି ଏଥିରେ କୁହାଯାଇଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ଆପତ୍ତି ଉଠାଇ ଏହାର ଜରୁରୀ ଶୁଣାଣି ପାଇଁ ଆବେଦନ କରିଛନ୍ତି। ଉଭୟେ ଯୁକ୍ତି ବାଢ଼ିଛନ୍ତି, ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନ୍ୟାୟପାଳିକାରେ ଦୁର୍ନୀତି ଚାଲିଥିବା ସମ୍ପର୍କିତ ପାଠ ପଢ଼ାଯିବା ଅତ୍ୟନ୍ତ ଚିନ୍ତାଜନକ। ସିଜେଆଇ କହିଛନ୍ତି, ଏହା ନ୍ୟାୟପାଳିକା ଉପରେ ଏକ ଯୋଜନାବଦ୍ଧ ଓ ଗଭୀରଭାବେ ଆକ୍ରମଣ ପରି ମନେହେଉଛି। ନ୍ୟାୟପାଳିକାକୁ ବଦନାମ କରିବାକୁ କାହାକୁ ଦିଆଯିବ ନାହିଁ। ଆଇନ ତା' ବାଟରେ ଯିବ। ସୁପ୍ରିମକୋର୍ଟ ମୁଖ୍ୟ ହିସାବରେ ସେ ନିଜ କର୍ତ୍ତବ୍ୟ ପାଳନ କରିଛନ୍ତି ଏବଂ ଏହାକୁ ସଂଜ୍ଞାନକୁ ନେଇଛନ୍ତି। ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି, ଏହି ପୁସ୍ତକ ସମ୍ବିଧାନର ମୌଳିକ ଢାଞ୍ଚା ପରିପନ୍ଥୀ ଭଳି ମନେହେଉଛି। ଏହା ଶୁଣିବା ପରେ ସିଜେଆଇ କହିଲେ, ଦୟାକରି କିଛି ଦିନ ଅପେକ୍ଷା କରନ୍ତୁ। ଆଇନଜୀବୀ ଓ ବିଚାରପତିମାନେ ଏହାକୁ ନେଇ ମର୍ମାହତ।

ଏହି ବିବାଦ ମୁଣ୍ଡ ଟେକିବା ପରେ ଏନ୍‌ସିଇଆର୍‌ଟି ନିଜ ୱେବ୍‌ସାଇଟ୍‌ରୁ ବହିକୁ କାଢ଼ି ନେଇଛି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିବାଦୀୟ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରସାରଣ ବନ୍ଦ କରିବା ପାଇଁ ଏନ୍‌ସିଇଆର୍‌ଟିକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ସିଇଆର୍‌ଟି ନିଜ ଭୁଲ୍ ବୁଝିବା ପରେ କ୍ଷମା ମାଗିଛି। ଅନୁପଯୁକ୍ତ ଲିଖିତ ବିବରଣୀ, ତ୍ରୁଟିପୂର୍ଣ୍ଣ ରାୟ ଭଳି ବିଷୟ ଅନିଚ୍ଛାକୃତ ଭାବେ ବହିରେ ସନ୍ନିବେଶିତ ହୋଇଥିବା ପରିଷଦ ପକ୍ଷରୁ କୁହାଯାଇଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଶ କରି ବିବାଦୀୟ ପ୍ରସଙ୍ଗ ହଟାଯିବ ଏବଂ ପ୍ରକୃତ ତଥ୍ୟ ଯୋଡ଼ାଯିବ ବୋଲି ବୁଧବାର ବିଳମ୍ବିତ ରାତିରେ ଏନ୍‌ସିଇଆର୍‌ଟି ଏକ ବିବୃତିରେ ପ୍ରକାଶ କରିଛି। ତେବେ ମାମଲା ଅଦାଲତଙ୍କ ବିଚାରାଧୀନ ଥିବାରୁ ଏହା ଉପରେ ଏନ୍‌ସିଇଆର୍‌ଟି ଅଧ୍ୟକ୍ଷ ଦୀନେଶ ପ୍ରସାଦ ସକଲାନି ଏନେଇ ମୁହଁ ଖୋଲିନାହାନ୍ତି।




# ଲାଟ୍ରିନ୍ ସଫାରେ ବିଳମ୍ବ ହେବାରୁ ଛାତ୍ରୀଛାତ୍ରଙ୍କୁ ମାଡ଼

## ୧୦ରୁ ଊର୍ଦ୍ଧ୍ୱ ଆହତ

- ଖବର ପାଇ ପହଞ୍ଚିଲେ ଅଭିଭାବକ, ସ୍କୁଲରେ ଉତ୍ତେଜନା
- ଆସିଲେନି ଏଡିଇଓ, ବିଇଓ

କବିସୂର୍ଯ୍ୟନଗର, ୨୫।୨ (କୃପାସିନ୍ଧୁ ସ୍ୱାଇଁ)

ସବୁ ଛାତ୍ରୀଛାତ୍ରଙ୍କୁ ଲହୁଲୁହାଣ କରି ନିସ୍ତୁକ ପିଟିଛନ୍ତି ଜଣେ ସହାୟକ ଶିକ୍ଷୟିତ୍ରୀ। ପାଠ ପାଇଁ ନୁହେଁ, ଲାଟ୍ରିନ୍ ସଫା ସହ ସେମାନଙ୍କୁ କହିଥିବା ଅନ୍ୟ କାର୍ଯ୍ୟରେ ବିଳମ୍ବ ଯୋଗୁ ସେମାନଙ୍କୁ ଏପରି ଦଣ୍ଡ ମିଳିଛି। ଶିକ୍ଷୟିତ୍ରୀଙ୍କ ମାଡ଼ରେ କାହାର ହାତ, କାହାର ପିଠି ଆଉ କାହାର ଜଙ୍ଘରେ ନୋଳା ପଡ଼ିଯାଇଛି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏଭଳି ଘଟଣା ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଠଗଡ଼ପାଟଣା ଆଠଗଡ଼ ଦୁର୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଶିକ୍ଷାନୁଷ୍ଠାନ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ବେଳେ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଇଛି।

ଖବରରୁ ଜଣାପଡିଛି, ପ୍ରତିଦିନ ଭଳି ବୁଧବାର ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ସଫା କରିବା ସହ ଗଛରେ ପାଣି ଦେଉଥିଲେ। ମାତ୍ର ଆଜି ପ୍ରଧାନ ଶିକ୍ଷୟିତ୍ରୀ ଆସିବାରେ ବିଳମ୍ବ ହେତୁ ସହାୟକ ଶିକ୍ଷୟିତ୍ରୀ ଝରଣା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଲାଟ୍ରିନ୍ ସଫା କରିବା, ଶ୍ରେଣୀକକ୍ଷ ଝାଡୁ କରିବା, ପାରିବେଶ ସଫା କରିବାକୁ କହିଥିଲେ। ପିଲାମାନେ ସେହି ଅନୁଯାୟୀ କାମ ମଧ୍ୟ କରିଥିଲେ। ମାତ୍ର କାର୍ଯ୍ୟରେ ବିଳମ୍ବ ହେତୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଝରଣା ନିସ୍ତୁକ ମାଡ଼ ମାରିଥିଲେ। ଏ ନେଇ ଖବର ପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ସରପଞ୍ଚଙ୍କୁ ଡାକିବାରୁ ସରପଞ୍ଚ ପ୍ରତିନିଧି ଆଦିତ୍ୟ ତ୍ରିପାଠୀ ବିଦ୍ୟାଳୟରେ ପହଞ୍ଚିଥିଲେ। ତ୍ରିପାଠୀ ଏନେଇ ବିଇଓ ଅଭିମନ୍ୟୁ ସାହୁଙ୍କୁ ଜଣାଇବାରୁ କାର୍ଯ୍ୟବ୍ୟସ୍ତତା ହେତୁ କାଲି ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଅଭିଭାବକମାନେ ସହାୟକ ଶିକ୍ଷୟିତ୍ରୀଙ୍କୁ ଆମ ପିଲାଙ୍କୁ କାହିଁକି ବାଡ଼େଇଲେ ବୋଲି ପଚାରି ଏହାର ଜବାବ ମାଗିଥିଲେ। ମାତ୍ର ଶିକ୍ଷୟିତ୍ରୀ ଝରଣା କିଛି ନ ଶୁଣି ମୋବାଇଲ ଫୋନ୍ ଦେଖୁଥିବା ଦେଖାଯାଇଥିଲା। ଅଭିଭାବକମାନେ ତାଙ୍କୁ ବାହାରକୁ ଯିବାକୁ କହିବାରୁ ସେ ସମସ୍ତଙ୍କୁ ଜୁହାର କରିବା ଦେଖିବାକୁ ମିଳିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୋମିତା ଅଜାଲିନ ମିଶ୍ର, ସିଆରସିସି ସୀମାଞ୍ଚଳ ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିପାଠୀ ଘଟଣା ସମ୍ପର୍କରେ ତାଙ୍କୁ ଯେତେ ପଚାରିଲେ ସୁଦ୍ଧା ସେ କୌଣସି ଉତ୍ତର ନ ଦେଇ ମୋବାଇଲ ଦେଖାରେ ବ୍ୟସ୍ତ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ, ସିଆରସିସି ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିପାଠୀ ଅଭିଭାବକମାନଙ୍କୁ ବୁଝାଶୁଝା କରିବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା। ତେବେ ସମ୍ପୃକ୍ତ ସହାୟକ ଶିକ୍ଷୟିତ୍ରୀଙ୍କୁ ଏଠାରୁ ବଦଳି କରିବା ଓ ତାଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଥିଲେ।

ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ରୋମିତା ଅଜାଲିନ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଘଟଣା ବେଳେ ମୁଁ ବିଦ୍ୟାଳୟରେ ନ ଥିଲି। କ'ଣ ହୋଇଛି ମୁଁ ଦୃଷ୍ଟି ଦେବି। ସହାୟକ ଶିକ୍ଷୟିତ୍ରୀ ଜଣକ ଦୁଇଦିନ ଛୁଟିରେ ଯାଇଛନ୍ତି ବୋଲି ସେ କହିଥିଲେ। ଏଡିଇଓ ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଁ କବିସୂର୍ଯ୍ୟନଗର ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପରୀକ୍ଷା ପରିଦର୍ଶନ କରି ଫେରିଛି। ଏ ନେଇ କୌଣସି ଖବର ତାଙ୍କ ପାଖରେ ନାହିଁ। ସହାୟକ ଶିକ୍ଷୟିତ୍ରୀ ଝରଣାଙ୍କ ମତାମତ ମିଳିପାରିନାହିଁ।

## ଏନ୍‌ଏଚ୍‌ଆର୍‌ସି ସ୍ପେଶାଲ ମନିଟରଙ୍କ ୬ ଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୫।୨ (ସୁଚିସ୍ମିତା ସାହୁ)

ଜାତୀୟ ମାନବ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)ର ସ୍ୱତନ୍ତ୍ର ମନିଟର ବାଲକ୍ରୀଷ୍ଣ ଗୋଏଲ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ବୁଧବାର ଅପରାହ୍ନରେ ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ସ୍ୱାଗତ କରିଥିଲେ। ସେ ସିଆର୍‌ପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେଠାରେ ସେ ହିତାଧିକାରୀଙ୍କ ସହ ଆଲୋଚନା କରି ରାଶନର ସମୟୋଚିତ ବଣ୍ଟନ, ଚାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରି ବୁଝିଥିଲେ। ପିଡିଏସ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ସେ ସନ୍ତୋଷ ବ୍ୟକ୍ତ କରିବା ସହିତ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ନିରୀକ୍ଷଣ ସମୟରେ ସିଏସ୍‌ଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସେବାସଦନ ସ୍ପେଶାଲ ଆଡପ୍‌ସନ ସେଣ୍ଟରକୁ ଯାଇ ୬ ବର୍ଷରୁ କମ୍ ବୟସର ଅନାଥ ଓ ଅସହାୟ ଶିଶୁଙ୍କ ସହ ସମୟ ବିତାଇଥିଲେ। ସେଠାରେ ସେ ଶିଶୁଙ୍କ ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମାଗିଥିଲେ। କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚାଲୁ କରିବା ସହ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧକ୍ଷ ଓ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ବଳଦେବ ଜୀଉଙ୍କ ରଥ ନିର୍ମାଣ ପାଇଁ ୧ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ

ଭୁବନେଶ୍ୱର, ୨୫।୨ (ସୌମ୍ୟରଞ୍ଜନ ରାଉତ)

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଗତ କିଛିବର୍ଷ ହେବ ରଥର ୧୪ ଚକର ଅବସ୍ଥା ଠିକ୍ ନ ଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀ ମା' ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିପାରୁ ନ ଥିଲା ଏବଂ ପାଖାପାଖି ୨ ଦିନ ବିଳମ୍ବ ହେଉଥିଲା। ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ହରିଚନ୍ଦନ ମତପ୍ରକାଶ କରିଛନ୍ତି।


ବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ।

# ପ୍ରୟାଗରାଜରେ ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରୟାଗରାଜରେ ଗଙ୍ଗା ଆଳତିରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)

ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ, ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନର୍ଜାଗରଣ ବୋଲି ଉତ୍ତର ପ୍ରଦେଶ ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ଏହି ଅବସରରେ ଗଙ୍ଗା ଆଳତିରେ ଅଂଶଗ୍ରହଣକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ରକରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହ ଜଡ଼ିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧିଥାଏ। ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ପ୍ରାଚୀନକାଳରୁ ପ୍ରୟାଗରାଜ ଋଷି ଓ ମୁନିମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଳ ଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂହ ଓ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଶହ ଶହ ସାଧୁସନ୍ଥ ଯୋଗଦେଇଥିଲେ।

# ହୋଲିରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୫।୨ (ଅନୁରାଧା ମହାରଣା)

ହୋଲି ଏବଂ ଦୋଳଯାତ୍ରା ସମୟରେ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ ଭାରତୀୟ ରେଳପଥ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି। ଓଡ଼ିଶାର ପ୍ରମୁଖ ଷ୍ଟେଶନ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର ନୂଆ, ପୁରୀ, ବ୍ରହ୍ମପୁର ଏବଂ ମାଳତୀପାଟପୁରକୁ ଦେଶର ପ୍ରମୁଖ ସ୍ଥାନ ସହ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରାଯାଇଛି। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୦୪୦୬୬ ଆନନ୍ଦବିହାର ଟର୍ମିନାଲ-ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ୦୪୦୬୫ ଖୋର୍ଦ୍ଧାରୋଡ୍-ଆନନ୍ଦବିହାର ଟର୍ମିନାଲ ସ୍ପେଶାଲ, ୦୭୧୬୫ ଚାର୍ଲାପଲ୍ଲୀ-ଭୁବନେଶ୍ୱର ନୂଆ ସ୍ପେଶାଲ ଏବଂ ୦୭୧୬୬ ଭୁବନେଶ୍ୱର ନୂଆ-ଚାର୍ଲାପଲ୍ଲୀ ସ୍ପେଶାଲ, ୦୧୯୨୯ ବୀରଙ୍ଗନା ଲକ୍ଷ୍ମୀବାଈ ଝାନ୍ସି -ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ୦୧୯୩୦ ଖୋର୍ଦ୍ଧାରୋଡ୍-ବୀରଙ୍ଗନା ଲକ୍ଷ୍ମୀବାଈ ଝାନ୍ସି ସ୍ପେଶାଲ, ୦୩୨୩୦ ପାଟ୍ନା-ପୁରୀ ସ୍ପେଶାଲ ଏବଂ ୦୩୨୨୯ ପୁରୀ-ପାଟ୍ନା ସ୍ପେଶାଲ, ୦୮୦୧୧ ଭଞ୍ଜପୁର-ପୁରୀ ସ୍ପେଶାଲ ଏବଂ ୦୮୦୧୨ ପୁରୀ-ଭଞ୍ଜପୁର ସ୍ପେଶାଲ, ୦୨୮୩୯ ଶାଲିମାର-ପୁରୀ ସ୍ପେଶାଲ ଏବଂ ୦୨୮୪୦ ପୁରୀ-ଶାଲିମାର ସ୍ପେଶାଲ, ୦୨୮୬୩ ସାନ୍ତ୍ରାଗାଛି-ୟାଲାହାଙ୍କା ଜଙ୍କ୍‌ଶନ ସ୍ପେଶାଲ ଏବଂ ୦୨୮୬୪ ୟାଲାହାଙ୍କା ଜଙ୍କ୍‌ଶନ-ସାନ୍ତ୍ରାଗାଛି ସ୍ପେଶାଲ, ୦୨୮୪୧ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ ସ୍ପେଶାଲ ଏବଂ ୦୨୮୪୨ ଚେନ୍ନାଇ ସେଣ୍ଟ୍ରାଲ-ଶାଲିମାର ସ୍ପେଶାଲ, ୦୭୦୨୭ ଚାର୍ଲାପଲ୍ଲୀ-ବ୍ରହ୍ମପୁର ସ୍ପେଶାଲ ଏବଂ ୦୭୦୨୮ ବ୍ରହ୍ମପୁର-ଚାର୍ଲାପଲ୍ଲୀ ସ୍ପେଶାଲ, ୦୫୦୬୪ ଗୋମତୀ ନଗର(ଲକ୍ଷ୍ନୌ)-ମାଳତୀପାଟପୁର ସ୍ପେଶାଲ ଏବଂ ୦୫୦୬୩ ମାଳତୀପାଟପୁର-ଗୋମତୀ ନଗର(ଲକ୍ଷ୍ନୌ) ସ୍ପେଶାଲ ସହ ୦୮୪୦୫ ପୁରୀ-ପୁଣେ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। ଟ୍ରେନ୍ ସମ୍ପର୍କିତ ସୂଚନା ପାଇଁ ଅନୁମୋଦିତ ରେଳ ଅନୁସନ୍ଧାନ ପ୍ରଣାଳୀ ଏବଂ ଆଇଆର୍‌ସିଟିସି ପ୍ଲାଟ୍‌ଫର୍ମ ମାଧ୍ୟମରେ ଟ୍ରେନ୍ କାର୍ଯ୍ୟସୂଚୀ, ରହଣି ଓ ବୁକିଂ ଉପଲବ୍ଧତା ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

# ଝଡ଼ବର୍ଷା: ୨୩ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨୫।୨ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଥିବା ଘୂର୍ଣ୍ଣିବଳୟ ୧.୫ କିଲୋମିଟର ପର୍ଯ୍ୟନ୍ତ ଉପରକୁ ବିସ୍ତାରିତ ହୋଇ ରହିଛି। ଏହା ପୂର୍ବଦିଗରେ ଗତି କରି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବୁଧବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଗୁରୁବାର ୨୩ ଜିଲାରେ ଝଡ଼ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ରହିଛି।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

କଟକ, ୨୫।୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମଗ୍ର ରାଜ୍ୟର ୪୬୨ଟି କେନ୍ଦ୍ରରେ ଏହି ପରୀକ୍ଷା ଜାନୁଆରୀ ୨୮ରେ ଅନୁଷ୍ଠିତ ହୋଇଥିଲା। ମୋଟ ୭୭୬୪୪ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ଷ୍ଟେଜ-୧ରେ ୬ଷ୍ଠ ଶ୍ରେଣୀର ୪୧,୧୧୪ ଜଣ ଓ ଷ୍ଟେଜ-୨ରେ ନବମ ଶ୍ରେଣୀର ୩୬,୫୩୦ ଜଣ ପରୀକ୍ଷାର୍ଥୀ ଅଛନ୍ତି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରେ ନିଜ ରୋଲ ନମ୍ବର ଜରିଆରେ ଫଳ ଜାଣିପାରିବେ।

# ଯୁକ୍ତ ୩ ପରୀକ୍ଷା ପ୍ରଶ୍ନପତ୍ର ଲିକ୍

## ଆଦିକବି ସାରଳା ଦାସ କଲେଜ

### ୨ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ତିର୍ତ୍ତୋଲ, ୨୫।୨ (ଗୌରାଙ୍ଗ ଚରଣ ସାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ କଲେଜରେ ବୁଧବାର ଯୁକ୍ତ ୩ ପ୍ରଥମ ବର୍ଷର ପରିବେଶ ବିଜ୍ଞାନ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇ ଭାଇରାଲ ହୋଇଛି। ଏ ସମ୍ପର୍କରେ ଜଣାପଡ଼ିବା ପରେ କଲେଜ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ପ୍ରଶ୍ନପତ୍ର ବାତିଲ କରି ନୂତନ ପ୍ରଶ୍ନ ପତ୍ର ପ୍ରସ୍ତୁତ କରି ପରୀକ୍ଷା ଲାଗି ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ କଲେଜ ଅଧକ୍ଷ ନଳିନୀକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ ସେ ତାହାକୁ ସ୍ୱୀକାର କରିବା ସହ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯାଇ ପରୀକ୍ଷା କରାଯାଇଥିବା କହିଛନ୍ତି। ଏହି ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଜଣେ କର୍ମଚାରୀ ଓ ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ସମସ୍ୟା ବୁଝି...

ଚାଲିବ। ବଳକା ଚାଉଳର ଉପଯୋଗ ବିଷୟ ସରକାରଙ୍କ ବିଚାରାଧୀନ ରହିଥିବା ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖ କରାଯାଇପାରେ, ଚାଷୀଙ୍କ ଠାରୁ ଧାନକିଣା ସମୟରେ ଯେତେବେଳେ ସମସ୍ୟା ହେଲା ସେହି ସମୟରେ ମିଲରଙ୍କ ପକ୍ଷରୁ ମଧ ବିଭିନ୍ନ ଅଭିଯୋଗ ଉଠାଯାଇଥିଲା। ମିଲରମାନେ କିଛି ଦାବି ନେଇ ଧାନ ଉଠାଇବାକୁ ପ୍ରଥମେ ରାଜି ହୋଇ ନ ଥିଲେ। ପୂର୍ବରୁ ସେମାନଙ୍କ ମିଲ୍‌ରେ ପଡ଼ି ରହିଥିବା ଧାନ ଖାଲି ହୋଇ ନ ଥିବା ଯୋଗୁ ସେମାନେ ଧାନ ଉଠାଇବାକୁ ଆଉ ରାଜି ହୋଇ ନ ଥିଲେ। ଏହାସହ ଅନ୍ୟ ରାଜ୍ୟ ତୁଳନାରେ ସେମାନଙ୍କୁ ସରକାର ଦେଉଥିବା ମିଲିଂ ଚାର୍ଜ ବୃଦ୍ଧି ପାଇଁ ମଧ ସେମାନେ ଦାବି କରିଥିଲେ, ଯାହାକୁ ନେଇ ମିଲର ଆସୋସିଏସନ ଏବଂ ସରକାରଙ୍କ ମଧ୍ୟରେ ବାରମ୍ବାର ବୈଠକ ବସିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ସମୟରେ ଶାସକ ଦଳ ପକ୍ଷରୁ ଦାବି କରାଯାଇଥିଲା, ଯେହେତୁ ଭାଜପା ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରିଦେଲେ ସେଥିଲାଗି ରାଜ୍ୟର ସବୁଆଡ଼େ ଅନ୍ୟ ଚାଷ ଅପେକ୍ଷା ସମସ୍ତେ ଧାନ ଉତ୍ପାଦନ କରିବାକୁ ଚାହିଁଲେ; ଯେଉଁଥିଲାଗି ଧାନ ଫସଲ ବିଗତ ଦିନଗୁଡ଼ିକ ଅପେକ୍ଷା ଏଥର ବହୁ ଅଧିକ ହେଲା। ଏଭଳି ସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ ଉପସ୍ଥାପନା କରିବା ସମୟରେ ୨ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଚାଷୀଙ୍କୁ ସେମାନଙ୍କ ସମୟୋଚିତ ପାଉଣା ପୈଠକରିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆବର୍ତ୍ତନ ପାଣ୍ଠିକୁ ୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ଅଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ଲାଗି ପ୍ରସ୍ତାବ ରହିଛି।

### ମାଓବାଦୀଙ୍କୁ...

ପଦାକୁ ଆସିଛି। ଅନ୍ୱେଷ ଆତ୍ମସମର୍ପଣ କରିବାକୁ ଚାହୁଁଥିବାରୁ ହତ୍ୟାର ଶିକାର ହୋଇଛନ୍ତି। ଏହି ଘଟଣା ପରେ ଶୁକ୍ରୁ ଏବେ ପୋଲିସର ମୋଷ୍ଟ ୱାଣ୍ଟେଡ୍‌ଙ୍କ ତାଲିକାର ଆଗରେ ରହିଛନ୍ତି।

ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ କୁଟିମାହା ଗ୍ରାମ ନିକଟ ପକାରୀ ସଂରକ୍ଷିତ ଜଙ୍ଗଲରୁ ମାଓବାଦୀ ଅନ୍ୱେଷଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି।କେକେବିଏନ୍ ଡିଭିଜିନାଲ କମିଟି ସଦସ୍ୟ ଅନ୍ୱେଷ ଏବଂ ତାଙ୍କର କେତେଜଣ ସହଯୋଗୀ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଉଦ୍ୟମ କରୁଥିଲେ। ଏହାକୁ ସଙ୍ଗଠନ ନେତୃତ୍ୱ ନେଉଥିବା ଷ୍ଟେଟ କମିଟି ମେମ୍ବର ଶୁକ୍ରୁ ବିରୋଧ କରୁଥିଲେ।ବର୍ତ୍ତମାନ ସ୍ଥିତି ଭଲ ନ ଥିବା ଅନ୍ୱେଷ ବାରମ୍ବାର କହୁଥିଲେ ସୁଦ୍ଧା ଶୁକ୍ରୁ ଶୁଣୁ ନ ଥିଲେ।ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ଜାନୁୟାରୀ ୨୯ରେ ଶୁକ୍ରୁ ଏବଂ ତାଙ୍କର କେତେଜଣ ସାଥୀ ମିଶି ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଗତ ୨୩ ତାରିଖରେ ପୋଲିସ ସହ ମୁହାଁମୁହିଁ ବେଳେ ନିହତ ହୋଇଥିବା ଜାଗେଶ ମଧ ଶୁକ୍ରୁଙ୍କ ସହ ମିଶି ଏହି କାଣ୍ଡ କରିଥିଲେ ବୋଲି କନ୍ଧମାଳ ଏସ୍‌ପି ହରିଶ ବି.ସି. ପ୍ରକାଶ କରିଛନ୍ତି।ଅନ୍ୱେଷଙ୍କୁ ସଙ୍ଗଠନ ମଧ୍ୟରେ ହତ୍ୟା କରାଯିବା ପରେ ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ, ସେମାନଙ୍କ ମଧ୍ୟରେ ଏବେ ଭୟ ପଶିଯାଇଛି। ଅନ୍ୟପକ୍ଷରେ ଅନେକ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ଶୁକ୍ରୁଙ୍କୁ ଧରିବା ପାଇଁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।ଅନ୍ୱେଷଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ଏ ନେଇ ଦାରିଙ୍ଗିବାଡି ଥାନାରେ ନଂ.୫୮/୨୬ରେ ହତ୍ୟା ମାମଲା ରୁଜୁ ହୋଇଛି।



"ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ।-ଶ୍ରୀମା

-ଫଗୁ ଦଶମୀ, ସୁଦଶାବ୍ରତ ଓ ଶ୍ରୀଜୀଉଙ୍କ ଚାଚେରୀ ବେଶ

# କ୍ଷମତା ନିୟନ୍ତ୍ରଣର ଯୁଗ



ଦେବଦତ୍ତ ପଟ୍ଟନାୟକ

ଶିକ୍ଷାବିତ୍‌ଙ୍କ ବାସ୍ତବ ତଥ୍ୟ ଓ ରାଜନେତାଙ୍କ ବିଚାରର ଦ୍ୱନ୍ଦ୍ୱ ମଧ୍ୟରୁ କେଉଁଟିକୁ ପସନ୍ଦ କରିବ ବୋଲି ଭାରତ ଯେଭଳି ଜଟିଳତାର ସମ୍ମୁଖୀନ ହୋଇଛି ଚାଇନା ମଧ୍ୟ ସେହିଭଳି ସ୍ଥିତିକୁ ସାମ୍ନା କରିଛି। କିନ୍ତୁ ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଭାରତର ଇତିହାସ ବିବିଧତା ଉପରେ ଅଧାରିତ ଥିବାବେଳେ ଚାଇନାର ଇତିହାସ ହେଉଛି ଏକତାର ସମ୍ଭାର। ଭାରତରେ ଆନ୍ତଃଜାତି ବିବାହକୁ ବିଶ୍ୱାସ କରୁଥିବା ଅନେକ ଶହ ଜାତି ଅଛନ୍ତି। କର୍ମ ଓ ବର୍ଣ୍ଣ ଅନୁଯାୟୀ ସେମାନଙ୍କୁ ଚାରି ଭାଗରେ ବିଭକ୍ତ କରାଯାଇଛି। ଏଥିରେ ଆଉ କୌଣସି ନୂଆ ଜାତି ଯୋଡ଼ି ହୋଇନାହିଁ। ଏହିସବୁ ଜାତି ମଧ୍ୟରେ ବିଶ୍ୱାସ ରହିଛି ଯେ, ଜାତି ବାହାରେ ବିବାହ କରିବା ଏକ ଅପବିତ୍ର କାର୍ଯ୍ୟ। ପୁରାତନ ଯୁଗରେ ବୌଦ୍ଧ ଧର୍ମକୁ ଏକ ଧର୍ମ ଭାବେ ଗଣାଯିବା ପୂର୍ବରୁ ଅଧିକାଂଶ ଲୋକ, ଯେଉଁମାନେ ବୁଦ୍ଧଙ୍କୁ ଓ ବୌଦ୍ଧ ଧର୍ମର ବ୍ୟବସ୍ଥାକୁ ଗ୍ରହଣ କରୁଥିଲେ, ସେମାନେ ସେମାନଙ୍କ ଜାତି ପ୍ରତି ଅନୁରକ୍ତ ଥିଲେ। ତେବେ ବୌଦ୍ଧ ବିଚାରଧାରା ପରବର୍ତ୍ତୀ ସମୟରେ ଏକ ଧର୍ମ ଭାବେ ପରିପ୍ରକାଶ ହୋଇଥିଲା।

ବୌଦ୍ଧଧର୍ମ ଚାଇନାରେ ଯେତେବେଳେ ପ୍ରବେଶ କରିଥିଲା ସେତେବେଳେ ଚାଇନା ତାଓିଷ୍ଟ ଓ କନ୍‌ଫ୍ୟୁସିଆନ ସିଦ୍ଧାନ୍ତ ଆଧାରରେ ଚାଲୁଥିଲା। ସେ ସମୟରେ ଚାଇନାର ଆଧାତ୍ମିକ ବା ଦାର୍ଶନିକ ପଥ ପ୍ରତି ବୌଦ୍ଧଧର୍ମ ଏକ ଆହ୍ୱାନକାରୀ ଶକ୍ତି ଭାବେ ଉଭା ହୋଇଥିଲା। ହେଲେ ଧୀରେ ଧୀରେ ବୌଦ୍ଧ ବିରାଧାରାକୁ ଚାଇନା ଗ୍ରହଣ କରିଥିଲା। ତେବେ ଚାଇନାରେ ହାନ୍ ସିଦ୍ଧାନ୍ତ ଅଧିକ ଗ୍ରହଣୀୟ ହୋଇଛି। ଚାଇନା ଦର୍ଶନର ସଂସ୍କୃତିଗତ ଗ୍ରହଣୀୟତାକୁ ଆଧାର କରି ଗଢ଼ିଉଠିଥିବା ହାନ୍ ସିଦ୍ଧାନ୍ତ ସାମାଜିକ ବ୍ୟବସ୍ଥାର ଅଂଶ ପାଲଟିଯାଇଛି। ଏପରିକି ଚାଇନାକୁ ଶାସନ କରିଥିବା ମଙ୍ଗୋଲୀୟ ଓ ମାଞ୍ଚୁରୀୟ, ଉତ୍ତରଭାଗର ଯାଯାବର ସମୁଦାୟ ସମୟକ୍ରମେ ହାନ୍ ବିଚାରଧାରାକୁ ଗ୍ରହଣ କରିଯାଇଥିଲେ। ଏବେ ଚାଇନାର ୯୦% ଲୋକ ହାନ୍ ସିଦ୍ଧାନ୍ତକୁ ମାନିନେଇଛନ୍ତି। ହେଲେ ତିବ୍ବତର ବୌଦ୍ଧଧର୍ମାବଲମ୍ବୀ ଓ ଉଇଘରର ମୁସଲମାନମାନେ ଏହି ଦର୍ଶନକୁ ଗ୍ରହଣ କରିନାହାନ୍ତି, ଯେଉଁଥିପାଇଁ ରାଜନୈତିକ ସ୍ତରରେ ସେମାନଙ୍କୁ ଏକ ବିପଦ ବୋଲି ମନେକରାଯାଉଛି।

ଚାଇନାର ଇତିହାସକୁ ବୁଝିବାକୁ ହେଲେ ଏହାର କ୍ଷମତା, ଅବିଶ୍ୱାସ ମାନସିକତା, ପତନ ତଥା ପୁନରାବୃତ୍ତିର ଏକ ଚକ୍ରକୁ ବର୍ଝିବାକୁ ପଡ଼ିବ। ଅନେକ ଶତାବ୍ଦୀ ଧରି କନ୍‌ଫୁସିୟସ ଦର୍ଶନର ସମ୍ପର୍କବାଦ ଏବଂ ବିଧିବାଦୀ ଯୋଗ୍ୟତାବାଦ ମଧ୍ୟରେ ଚାଇନା ଲଗାତର ଆଗପଛ ହୋଇ ଚାଲିଆସିଛି। ଚାଇନା ଇତିହାସରେ ୩,୦୦୦ରୁ ଊର୍ଦ୍ଧ୍ୱ ଏକ ଡଜନରୁ ଅଧିକ ରାଜବଂଶ ଶାସନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ପ୍ରତ୍ୟେକେ ଅନ୍ୟଠାରୁ ନିଜକୁ ନିଆରା ବୋଲି ଦାବି କରନ୍ତି, ହେଲେ କାହାଣୀ ସବୁବେଳେ ସମାନ ହୋଇଛି। ନୂଆ ସମ୍ରାଟ ଆସିଛନ୍ତି, କିନ୍ତୁ ଏକାପ୍ରକାର ଏକଛତ୍ରବାଦ ଆପଣାଇଛନ୍ତି। ଶାସନରେ ନୂଆ ପତାକା ହୋଇଛି, ହେଲେ ସମାନ ପ୍ରକାର ଭୟ ରହିଛି। ଗୋଟିଏ ରାଜବଂଶର ପତନ ଘଟିଛି ଏବଂ ପୁନର୍ବାର ଏକ ନୂଆ ଜାତି, ନୂଆ ପ୍ରଥାକୁ ନେଇ ଆଉ ଏକ ରାଜବଂଶର ଉତ୍‌ଥାନ ଆରମ୍ଭ ହୋଇଛି। ରାଜବଂଶ ଶାସନର ଅଧ୍ୟାୟରେ କେବେ ବି ପରିବର୍ତ୍ତନ ଘଟିନାହିଁ। କୃଷକମାନେ ଭୋକରେ ମୃତ୍ୟୁବରଣ କରୁଥିବାବେଳେ ଶାସକମାନେ ବିଳାସରେ ସମୟ କାଟନ୍ତି। ପରେ ଏଭଳି ସ୍ଥିତିକୁ ନେଇ ବିଦ୍ରୋହ ତେଜିବା ଅପରିହାର୍ଯ୍ୟ ହୋଇପଡ଼େ। ବିଦ୍ରୋହରୁ ପରିବର୍ତ୍ତନର ଧାରା ଆସେ। ଦାବି କରାଯାଏ ଯେ, 'ସ୍ୱର୍ଗର ଦେବଶକ୍ତି' ତାଙ୍କୁ ଶାସକ ଭାବେ ବାଛିଛି ଏବଂ ସେ ପୁରୁଣା ସମ୍ରାଟଙ୍କୁ ହତ୍ୟା କରି ସିଂହାସନ ଦଖଲ କରନ୍ତି। ନିଜକୁ ସ୍ୱର୍ଗର ପୁତ୍ର ବୋଲି ଘୋଷଣା କରନ୍ତି। ଗୋଟିଏ କିମ୍ବା ଦୁଇଟି ପିଢ଼ି ପାଇଁ ଏଭଳି ବ୍ୟବସ୍ଥା ଜାରି ରହେ। ତା'ପରେ ଆସିଯାଏ ବନ୍ୟା, ଦୁର୍ଭିକ୍ଷର ପ୍ରଭାବ ଏବଂ ଟିକସ ଚାପ। ସମ୍ରାଟଙ୍କ କ୍ଷମତା ବଢ଼େ ଏବଂ କୃଷକ ହତାଶ ହୋଇଯାଏ। ସମୟକ୍ରମେ ସାମ୍ରାଜ୍ୟ ଭୁଶୁଡ଼ି ପଡ଼େ ଏବଂ ଆଉ ଏକ ପର୍ଯ୍ୟାୟ ଆରମ୍ଭର ସଙ୍କେତ ଦିଏ। ଅବଶ୍ୟ ଏହା ହେଉଛି ନିଶ୍ଚିତ ରୂପେ ଏକ ନିରାଶାବାଦୀ ଦୃଷ୍ଟିକୋଣ।



ପ୍ରତ୍ୟେକ ରାଜବଂଶ ଏକଛତ୍ରବାଦକୁ ନୂଆ ରୂପ ଦେଇଛନ୍ତି। କିନ୍ ରାଜବଂଶ ବିଧିବାଦ ଅର୍ଥାତ କଠୋର ଆଇନକୁ ଉପଯୋଗ କରିଥିଲା, ଯାହାର ସାମାଜିକ, ଭାବଗତ କିମ୍ବା ବୃତ୍ତିଗତ ପରିଣାମ ଅତ୍ୟନ୍ତ ଭୟଙ୍କର ଥିଲା। ହାନ୍ ବଂଶ ରାଜତ୍ୱ ସମୟରେ କନ୍‌ଫୁସିୟସ ବିଚାରରେ ଏକଛତ୍ରବାଦକୁ ଆପଣାଇଥିଲା। ସେ ସମୟର ସିଭିଲ ସର୍ଭିସ ପରୀକ୍ଷା ହେଉଛି ୨୦୦୦ ବର୍ଷର ଏକ ପୁରୁଣା ବ୍ୟବସ୍ଥା। ଟାଙ୍ଗ ବଂଶର ଶାସନ ସମୟରେ କାବ୍ୟର ବିକାଶ ହେବା ସହ ପ୍ରାସାଦରେ ହତ୍ୟା ଲାଗି ବେଶ୍ ଜଣାଶୁଣା। ସୋଙ୍ଗ୍ ବଂଶ ରାଜତ୍ୱ କାଳ ଆର୍ଥିକ ସମୃଦ୍ଧିର ସୁବର୍ଣ୍ଣ ଯୁଗ ହେଲେ ମଧ୍ୟ ନିଜକୁ ରକ୍ଷା କରିପାରି ନ ଥିଲା। ୟୁଆନ କହିଲେ ବିଦେଶୀ ମଙ୍ଗୋଲ ଶାସକଙ୍କ ସମୟକୁ ବୁଝାଏ, ଯେଉଁମାନେ ଚାଇନାର ଲମ୍ବା ପୋଷାକ ପରିଧାନ କରୁଥିଲେ। ମିଙ୍ଗ୍ ବଂଶ ରାଜତ୍ୱରେ ୱାଲ ନିର୍ମାଣ କରାଯିବା ସହ ସମୁଦ୍ର ପଥରେ ଜାହାଜ ପୋଡ଼ିଥିଲେ, ଯାହା ବିଦେଶୀଙ୍କୁ ଘୃଣା କରିବାର ଏକ ବଡ଼ ଦୃଷ୍ଟାନ୍ତ। କ୍ୱିଙ୍ଗ୍ ଶାସନରେ ପୁରୁଷଙ୍କୁ କପାଳ ସାମ୍ନା ଲଣ୍ଡା ହୋଇ ପଛରେ ଜଟ ଭଳି ଚୁଟି ରଖିବାକୁ ବାଧ କରାଯାଇଥିଲା ଏବଂ ନିଜର ବିଫଳତା ଯୋଗୁ ଏହି ରାଜବଂଶର ଅଧପତନ ଘଟିଥିଲା। ଦେଖିବାକୁ ଗଲେ ଚାଇନାରେ ପ୍ରତ୍ୟେକ ରାଜବଂଶର ପତନର କାହାଣୀ ସମାନ ରହିଛି। ଜଣେ ଐତିହାସିକଙ୍କ ମତରେ, ଚାଇନାରେ ସଭ୍ୟତା କମ୍ ଏବଂ ନିଜ ସ୍ୱାର୍ଥ ପାଇଁ ଲୋକଙ୍କୁ ନିୟନ୍ତ୍ରଣ କରୁଥିବା ଲୋକଙ୍କ ଦ୍ୱାରା ଏହା ଚାଲିଆସିଛି।

ରାଜବଂଶ ଶାସନ ବଡ଼ ଆକାରରେ ଆରମ୍ଭ ହୋଇଥିଲେ ମଧ୍ୟ ଗ୍ରହଣୀୟ ହୋଇନାହିଁ, କ୍ଷମତା ଭୁଶୁଡ଼ି ପଡ଼ିଛି। ତଥାପି ଶାସନ ସବୁବେଳେ ଲୋକଙ୍କୁ ଖାଦ୍ୟ ଯୋଗାଇବା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଛି। ସବୁ ଆହ୍ୱାନର ସମ୍ମୁଖୀନ ହୋଇ ଆଗକୁ ବଢ଼ିଛି। ଏହି ଦେଶ ପ୍ରତିଯୋଗିତାରେ ବିଜୟୀ ହୋଇଛି। ୫୦୦ ବର୍ଷର ଲଗାତର ଯୁଦ୍ଧ ପରେ ଏହି ଦେଶର ଅସ୍ତିତ୍ୱ ଆଜକୁ ୨୨୦୦ ବର୍ଷ ତଳେ ସାମ୍ନାକୁ ଆସିଥିଲା ଏବଂ ରକ୍ଷକର ଭୂମିକା ନିଭାଇଥିଲା, ଯାହା ଏବେ ସୁଦ୍ଧା ରହିଆସିଛି। ତେବେ ବିଂଶ ଶତାବ୍ଦୀରେ ଚାଇନାର କମ୍ୟୁନିଷ୍ଟ ପାର୍ଟି ସେହି ବ୍ୟବସ୍ଥା ପୁନରାବୃତ୍ତି ପାଇଁ ପଦକ୍ଷେପ ନେଇଥିଲା। ସେମାନେ ରାଜବଂଶ ଶାସନକୁ ନ ହଟାଇ କେବଳ ଏହାର ପୁନଃନାମକରଣ କରି ପରିବର୍ତ୍ତନ କରିଥିଲେ। ରାଜକୀୟ ଆଦେଶ ବଦଳରେ ପାର୍ଟି ନିର୍ଦ୍ଦେଶ ପ୍ରଚଳନ ହୋଇଛି। 'ସ୍ୱର୍ଗର ଦେବତାଙ୍କ ପ୍ରେରିତ ଶାସକ'ର ସିଦ୍ଧାନ୍ତ ବଦଳରେ ଏବେ ଚାଇନିଜଙ୍କ ପ୍ରବୃତ୍ତିରେ ସମାଜବାଦ କିମ୍ବା ପୁଞ୍ଜିବାଦ ବସା ବାନ୍ଧିଛି। ଚାଇନା ଏବେ ସୁଦ୍ଧା ଏକ ଦଳୀୟ ଶାସନ ବ୍ୟବସ୍ଥାରେ ରହିଛି। କିନ୍ତୁ ଏକ ବଡ଼ ପରିବର୍ତ୍ତନ ଘଟିଥିଲା। ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲେ ବି ଖୁବ୍ କମ୍ ସମୟ ମଧ୍ୟରେ ସଂଖ୍ୟାଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିଲେ, ଯାହା ଏକ ଉଲ୍ଲେଖନୀୟ ସଫଳତା ହୋଇ ରହିଛି।

୩,୦୦୦ ବର୍ଷ ପୂର୍ବେ, ସ୍ୱର୍ଗର ଶକ୍ତି ନାମରେ ଚାଇନାରେ କ୍ଷମତା ଦଖଲ କରାଯିବା ଦେଖାଯାଇଛି। ସ୍ଥାୟିତ୍ୱ ବଦଳରେ ଭୟ ରହିଥିଲା। ଲୋଭ ଏବଂ ଦୁର୍ନୀତି ଯୋଗୁ ଶାସନ ଭୁଶୁଡ଼ି ପଡ଼ିଥିଲା। ରାଜବଂଶ ପରେ ରାଜବଂଶ, ପାର୍ଟି ପରେ ପାର୍ଟି କ୍ଷେତ୍ରରେ ଏହା ଘଟିଛି। ଚାଇନାର ଇତିହାସ ଜ୍ଞାନର ଏକ ନଦୀ ନୁହେଁ, ବରଂ ଏହା ହେଉଛି କ୍ଷମତା ନିୟନ୍ତ୍ରଣର ଏକ ଚକ୍ର। କେବଳ ରାଜବଂଶ ଶାସନ ସମୟରେ ଅଧିକ ଟିକସ, ବନ୍ୟା ଓ ଯୁଦ୍ଧ ସହୁଥିବା କୃଷକଙ୍କ ନିର୍ଯାତନା ସ୍ଥାୟୀ ଭାବେ ରହିଆସିଛି। ଏହି ଦୀର୍ଘ କାହାଣୀରୁ ଯେଉଁ ଗୋଟିଏ ଶିକ୍ଷା ମିଳିଛି ତାହା ହେଉଛି ନାମାନୁସାରେ ଶାସନ ବଦଳିଛି, କିନ୍ତୁ ଘଟଣାଚକ୍ରର ପୁନରାବୃତ୍ତି ଜାରି ରହିଛି। ଯଦି ପ୍ରାସାଦରେ ଜନ୍ମ ହୋଇଛନ୍ତି ତୁମେ ମହାନ, ଯଦି କୃଷକ ଭାବେ ଜନ୍ମ ହୋଇଛନ୍ତି ତେବେ ତୁମେ ତାହା ନୁହେଁ। ଭାରତ ସମ୍ପର୍କରେ ଜଣେ ଏହି ସମାନ କଥା କହିପାରନ୍ତି, ଯେଉଁଠି ସବର୍ଣ୍ଣ ଜନ୍ମିତ ଶୋଷକ ଥିବାବେଳେ ଶୋଷିତ ଅସବର୍ଣ୍ଣ ଅଛନ୍ତି।

-devduttofficial@gmail.com

# ହିଙ୍ଗା ଓ ବୁଢ଼ୀ ହଳଦୀ



ଡ.ଚନ୍ଦନ କୁମାର ସିଂହ

ଶୀତର ଦାଉ ଏବେ ଦୁର୍ବିପାକ ଅବସ୍ଥାକୁ ଆସିଗଲାଣି। ଦିହକୁ କାଟୁନି ଖରାତାତି। ବେଳ ନ ଗଡୁଣୁ ଡଙ୍ଗର ଉପରୁ ଚହଲି ଆସୁଛି ଜାଡୁଆ ପବନ। ଗଛପତର ଜାଡ଼ରେ କାଠ ପାଲଟିଯାଉଛି। ଗାଁର ମଣିଷ କଥା ପଚାରୁଛି କିଏ ସତରେ! ମାଣ୍ଡିଆ, ବିରି ଅମଳ ସରିଗଲାଣି। କୋଳଥ ଅମଳ ହେଉଛି। କାନ୍ଦୁଲ ବାଡ଼ରେ କାନ୍ଦୁଲ ହସୁଛି। କାନ୍ଦୁଲ ଗଛରେ ହଳଦିଆ ଫୁଲ ପବନରେ ଥରି ଥରି ହସୁଛି। ଗତ ବରଷ ଏଇ ମାସରେ ବରଷା ବରଷିଲାରୁ କାନ୍ଦୁଲ ଫୁଲ ଝଡ଼ିଗଲା। କାନ୍ଦୁଲ ହେଲା ନାହିଁ। ଏଥରକ ଶୀତ ବଢ଼ିଛି। କାନ୍ଦୁଲ ଗଛରେ ଫୁଲ ଭର୍ତ୍ତି। ଦିନରେ ଖରା ସାଙ୍ଗରେ ଶୀତୁଆ ପବନ। ଆଉ ଦିନରେ ଡଙ୍ଗର ଦିହରୁ ଆସୁଥିବା ପବନ। ନହନହକା ଗଛ ନିଜ ନିଜ ଖାମ୍ଭୁରା ଦିହରେ କାନ୍ଦୁଲ ଧରି ଠିଆ ହୋଇଛନ୍ତି। କେଉଁଠି କାନ୍ଦୁଲ ଧରିଲାଣି ତ ଆଉ କେଉଁଠାରେ ଫୁଲ କନ୍ଦିରୁ ମୁରୁକି ହସୁଛି କାନ୍ଦୁଲ, କଷି କାନ୍ଦୁଲ। ମାତ୍ର ଏଣେ ପଦର ଆଉ ଗୁଡ଼ିଆରେ ହିଙ୍ଗା ପତର (ହଳଦୀ) ଶୁଖିଗଲାଣି। କିଏ କିଏ ହିଙ୍ଗା ଅମଳ କଲେଣି ତ ଆଉ କେହି କାନ୍ଦୁଲ ପରବ ପରେ ପରେ ହିଙ୍ଗା ଅମଳ କରିବେ। କୁଇ କନ୍ଧ କୁଳ ସମାଜରେ କାନ୍ଦୁଲ ସହ ହିଙ୍ଗାର ଅମଳ ଯୋଡ଼ାଯୋଡ଼ି। ଔଷଦ ଦିଆ ଯାଏନାହିଁ। ଖୋଲା ଆକାଶର ପାଣି, ଖରା, ପବନ ଓ ଗୁଡ଼ିଆ ଦିହରୁ ହିଙ୍ଗା ରସ ନେଇ ନିଜ ଶରୀରକୁ ଗଢ଼ିଥାଏ। ଚାଟିକଣା, ବିଷମ କଟକ, ହାଟ ମୁନିଗୁଡ଼ା, ମୁନିଖୋଲ ହାଟରେ ବିକ୍ରି ହୁଏ ହିଙ୍ଗା। ଯିଏ ଗଲାବରଷ ବିକ୍ରି କରି ନ ପାରିଛନ୍ତି ହିଙ୍ଗା ପାଲଟିଛି ବୁଢ଼ୀ ହଳଦୀରେ। ବୁଢ଼ୀ ହଳଦୀର ଟାଣ ବେଶି। ନୂଆ ହିଙ୍ଗା ଆଉ ବୁଢ଼ୀ ହଳଦୀ ମିଶିଲେ ହଳଦୀ ଗୁଣ୍ଡ ସହଜ ହୁଏ। ଖାଲି ହିଙ୍ଗା, ଖାଲି ବୁଢ଼ୀ ହଳଦୀ ଅଡୁଆ ତଡୁଆ। ପଦର, ଗୁଡ଼ିଆ ଓ ଡଙ୍ଗର ତଳର ପ୍ରାଥମିକ ଶିକ୍ଷାରେ ହିଙ୍ଗା ଓ ବୁଢ଼ୀ ହଳଦୀର ପ୍ରୟୋଗ ଖୁବ୍ ଅହେତୁକ ଓ ଦରକାରୀ। ଅର୍ଥାତ୍ ନୂଆ ଓ ପୁରୁଣା ପ୍ରାଥମିକ ଶିକ୍ଷା ଦିହକୁ ଦଣ୍ଡାଟିଏ ପରି। ଧୀରେ ଧୀରେ ପାଦଥାପି ପିଲାଙ୍କ ପାଖକୁ ଯାଇ ହୁଏ। ତାଙ୍କ ପହୁଞ୍ଚ ଭିତରକୁ ପଶି ପାରିବା ସହଜ ହୁଏ। ଏହି ନୂଆ ପୁରୁଣା ହେଉଛନ୍ତି ପ୍ରାଥମିକ ଶିକ୍ଷାର ଭାଷା ସମ୍ବଳ। ବିଶେଷଭାବେ କୋମଳମତି ଶିଶୁଟି ତା'ପରିବାର ଭିତରୁ ହିଁ ବୁଝିବା, ନ ବୁଝିବା, ଶୁଣିବା, ନ ଶୁଣିବା, ଦେଖିବା, ନ ଦେଖିବା ଆଦି ପ୍ରସଙ୍ଗଗୁଡ଼ିକୁ ବହୁ ସରାଗରେ ସାଉଁଟି ଧରିଥାଏ। ଏଥିପାଇଁ ନୂଆ ପୁରୁଣାର ଆୟମଟି ବହୁ ପ୍ରସ୍ଥର। ତାଲିମ ଅପେକ୍ଷା ଅଧିକତର ଭାବେ ତଳିପକାକୁ ବୁଝାଇଥାଏ। ଅର୍ଥାତ୍ ଏଇଟି ଭିତରୁ କେତେ କେତେ କଥା। ପ୍ରାଥମିକ ଶିକ୍ଷା ହେଉଛି ତଳିପକା କାମ। ମାଟିକୁ ପାଗ କରାଯାଉଥିବ। ବିହନ ଏହି ତଳିରେ ହିଁ ପଡ଼ିବା ଭାରି ନରମ ମାଟି। ଅଥଚ ହାଲୁକା ମାଟି। ପ୍ରାଥମିକ ଶିକ୍ଷାର ପାଗ ହିଁ ଏହି ତଳିପତାର ମାଟି। ଏହାରି ଭିତରେ ଭାଷା ହିଁ ଖୁବ୍ ମୌଳିକ। ତା' ପାଖର ଗୀତ, ତାପ, ଚିତ୍ର, ଉଦାହରଣ ଭାଷାର ରୂପଦିଅନ୍ତି।

ତୁଚ୍ଛା ଭାଷା କେବେ ହେଲେ ନ ଥାଏ। ଏସବୁର ଆଦର ଯେତେ ଯେତେ ପିଲାର ବୁଝିବା ମଧ୍ୟ ସେତେ ସେତେ। ବେଳେ ଏହାରି ଭିତରୁ ପିଲା ପାଟିରୁ କେତେ କେତେ ଶବ୍ଦ ଛାଆଁକୁ ଛାଆଁ ବାହାରି ପଡ଼େ। ଶ୍ରେଣୀ କକ୍ଷର ଶିକ୍ଷକଙ୍କ ପାଇଁ ଏହା ରଙ୍ଗ ବେରଙ୍ଗର ବାଲି ଗରଡ଼ା ପରି। ଆଗକୁ ପାଠକୁ ନେବାରେ ଏହା ଖୁବ୍ ସାହାଯ୍ୟ କରନ୍ତି। ପଦର-ଜୀବନରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଖୁବ୍ ଅନ୍ତରଙ୍ଗ ଶବ୍ଦ ଗୋଟିଏ ଉଚ୍ଚାରଣ କରନ୍ତି ବେଳ ଅବେଳରେ "ବଡ଼ ବାଆଧା ଏକା" ଏହି ଖଣ୍ଡବାକ୍ୟଟି ପିଲାଙ୍କ ବୋଧଗମ୍ୟତା ପାଇଁ ଏକ ନମୁନା ଭଳି। ପ୍ରତିଦିନ ଶ୍ରେଣୀ କକ୍ଷରେ ଶିକ୍ଷକ ଓ ପିଲାଙ୍କ ତୁଣ୍ଡ-ଆଲୋଚନାରେ ଅନେକ ଶବ୍ଦ ସ୍କୁଲ ଅଙ୍ଗନକୁ ପୂର୍ଣ୍ଣ କରିଦିଅନ୍ତି। ଏସବୁକୁ ସାଉଁଟି ଆଣି ସେ ସବୁର ପ୍ରୟୋଗ କରି ଜାଣିଲେ ପ୍ରାଥମିକ ଶିକ୍ଷାରେ ଭାଷା ସମ୍ବଳ ପ୍ରସଙ୍ଗ ଆହୁରି ପୁଷ୍ଟ ହୋଇ ଉଠେ। ଲିଖିତ ଅବା ଅଲିଖିତ ଅବା କଥିତ ଭାଷାରେ ଅନେକ ଶବ୍ଦ ବ୍ୟଞ୍ଜନ ସୁଦୂର ପ୍ରସାରୀ ଅର୍ଥ ବହନ କରନ୍ତି। ଭାବାବେଗକୁ ଆଧାର କରି ଏହାର ନିହିତାର୍ଥ ଗଭୀର। ତେଣୁ ହିଙ୍ଗା ଓ ବୁଢ଼ୀ ହଳଦୀ ପ୍ରାଥମିକ ଶିକ୍ଷାର ଅଭିଭାବକ ପରି। ସଲପଗଛର ବାହୁଙ୍ଗା ଭିତରୁ ଠେଲି ଆସୁଥିବା ଶୀତୁଆ ପବନ ଝରଣା କୂଳର ସରଗି ଜଙ୍ଗଲ ଭିତରୁ ମାଟି ଉପରେ ପଡୁଥିବା ଚେନା ଚେନା ଖରା ଭିତରଦେଇ ପ୍ରାଥମିକ ଶିକ୍ଷାର ଭାଷା ଆମ ପାଇଁ ସବୁବେଳେ ଏକ ଆଶ୍ୱାସନାର ଆହ୍ୱାନ।

**ବିଷମ କଟକ, ରାୟଗଡ଼**
**ମୋ: ୮୨୪୯୬୫୭୭୭୮**

## ଏଇ ଭାରତରେ

କର୍ଣ୍ଣାଟକର ଗ୍ରାମାଞ୍ଚଳ ପିଲାଙ୍କୁ ସ୍ମାର୍ଟ ଶିକ୍ଷା ଦେବା ପାଇଁ ଏକ ଅଭିନବ ଉପାୟ ଆପଣାଇଛନ୍ତି ଅକ୍ଷୟ ମାଶେଲ୍‌କର। ସେ ଏଥିପାଇଁ ଏକ ରୋବୋ ନିର୍ମାଣ କରିଛନ୍ତି। ଏପରି ରୋବୋ ଏବେ ପାଠ ପଢ଼ାଉଛି କର୍ନାଟକର ସିର୍‌ଶି ଗାଁରେ। ରୋବୋ ଶିକ୍ଷକ ମଣିଷଙ୍କ ଭଳି ପଢ଼ାଇପାରୁଛି। ୩୦ ବର୍ଷିଆ ଅକ୍ଷୟ କୋଭିଡ୍ ମହାମାରୀ ସମୟରେ ଏହି ରୋବୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତଦନୁଯାୟୀ ଯୋଜନା ପ୍ରସ୍ତୁତ କରିଥିଲେ। ୨୦୨୨ରେ ସେ ତାଙ୍କ ଯୋଜନାକୁ ବାସ୍ତବରୂପ ଦେଇପାରିଥିଲେ। ଏହି ରୋବୋ ଶିକ୍ଷକର ନାମ ଶିଖା। ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ କନ୍ନଡ ଓ ଇଂଲିଶ୍‌ରେ ପଢ଼ାଇପାରୁଛି। ଶିଖା ରାଇମ୍ ମଧ୍ୟ ଗାଉଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ରୋବୋ ତିଆରିରେ ସେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏହା ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୮ ମାସ ସମୟ ଲାଗିଯାଇଥିଲା। ଏବେ ସେ ପ୍ରାୟ ୩୫,୦୦୦ ଟଙ୍କାରେ ଅନ୍ୟ ଏକ 'ଶିଖା' ତିଆରି କରିବାକୁ ମନସ୍ଥ କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲ୍‌ରେ ପିଲା ସ୍ମାର୍ଟ ଶିକ୍ଷା ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟଙ୍କ ନିକଟରୁ ପିଲାମାନେ ରୋବୋଟିକ୍ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ପାଇ ରୋବୋ ନିର୍ମାଣ କରିପାରୁଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିବାରେ ସକ୍ଷମ ହୋଇଗଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୬ ଫେବୃଆରୀ ୧୯୭୭

- ରାଜ୍ୟରେ କୃଷି ଶିଳ୍ପର ବିକାଶ ଲାଗି ବିଶ୍ୱବ୍ୟାଙ୍କ ୨୦ ନିୟୁତ ଡଲାର ମଞ୍ଜୁର କରିଛନ୍ତି।
- ହରିଆଣା ବିଧାନସଭା ସଭ୍ୟ ରୁଲିଆ ରାମ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।

# ସାମାଜିକ ନ୍ୟାୟ ସଙ୍କଳ୍ପ



ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠାରେ ସର୍ବାଧିକ ଅନଗ୍ରସର ବର୍ଗର ଲୋକ ବସବାସ କରନ୍ତି। ଯେଉଁଠାରେ ଶତାଂଶ ଦୃଷ୍ଟିରୁ ମିଳିତ ଭାବେ ଭାରତବର୍ଷର ସର୍ବାଧିକ ଅନୁସୂଚିତ ଜାତି ଓ ଜନଜାତି ଏବଂ ଓବିସିମାନେ ବସବାସ କରନ୍ତି। ଆଉ କେଉଁ ରାଜ୍ୟରେ ଏମାନେ ଏତେ ସଂଖ୍ୟାରେ ନାହାନ୍ତି। ଯେଉଁଥିରେ ଏସ୍‌ଟିଙ୍କ ସଂଖ୍ୟା ଶତକଡା ୨୨.୮୫ ଭାଗ ଓ ଏସ୍‌ସିଙ୍କ ସଂଖ୍ୟା ଶତକଡା ୧୭.୧୩ ଭାଗ ୨୦୧୧ ମସିହାର ଜନଗଣନା ଅନୁଯାୟୀ। ଏମାନଙ୍କ ସମୁଦାୟ ସଂଖ୍ୟା ଶତକଡା ୪୦ ଭାଗ। କୁହାଯାଉଛି ଏ ସଂଖ୍ୟା ଏବେ ଆହୁରି ବଢ଼ିଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ସଂଖ୍ୟା ଶତକଡା ୫୪ ଭାଗ ୧୯୩୧ ମସିହା ଜନଗଣନା ଅନୁଯାୟୀ। ତେବେ ୨୦୨୩ ମସିହା ସର୍ଭେ ଅନୁଯାୟୀ ଏସ୍‌ଇବିସିଙ୍କ ସଂଖ୍ୟା ୩୯.୩୧%। ୧୯୩୧ର ଓବିସି ସଂଖ୍ୟାକୁ ମିଶାଇଲେ ସମୁଦାୟ ସଂଖ୍ୟା ଶତକଡା ୯୪ ଭାଗ ଓ ୨୦୨୩ର ରିପୋର୍ଟକୁ ନେଲେ ଏହା ପାଖାପାଖି ଶତକଡା ୯୦ ଭାଗ ହେବ। ଏମାନେ ଏତେସଂଖ୍ୟାରେ ଥିଲେହେଁ ରାଜ୍ୟର ସମସ୍ତ କ୍ଷେତ୍ରରେ ନିଜର ସମାନୁପାତିକ ଅଧିକାର ହାସଲ କରିପାରିନାହାନ୍ତି।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆଯାଉଥିଲା, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ସଂରକ୍ଷଣ ମିଳିବା କଥା। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ବିଜେଡି ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଫାଇଲ ଭିତରେ ବନ୍ଧା ହୋଇ ରହିଲା, କର୍ଯ୍ୟକାରୀ ହୋଇପାରିଲା ନାହିଁ। ଏମାନେ ସଂରକ୍ଷଣ ହାର କମ୍ ପାଇବା ଦ୍ୱାରା ଗତବର୍ଷ ପ୍ରାୟ ୪୦୦ ଏମ୍‌ବିବିଏସ ଆଡମିଶନ ଆସନ ହରାଇଛନ୍ତି। ବିଗତ ଦଶ ବର୍ଷରେ ପ୍ରାୟ ୨୦୦୦ରୁ ଅଧିକ ଆସନ ହରାଇଛନ୍ତି। ସେହିପରି ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନ ସମେତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ କେତେ ଆସନ ଏଯାଏ ହରାଉଛନ୍ତି ତାହାର ହିସାବ ହେବା ଉଚିତ। ଏପରି ଉଦାସୀନତାର ତର୍ଜମା ହେବା ଜରୁରୀ।

ରାଜ୍ୟରେ ଓବିସି/ଏସ୍‌ଇବିସିଙ୍କ ଅବସ୍ଥା ଆହୁରି ସଙ୍ଗିନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ ସଦୃଶ। ଓଡ଼ିଶାରେ ୨୦୨୩ ସର୍ଭେ ଅନୁଯାୟୀ ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡା ୩୯.୩୧ ଭାଗ, କିନ୍ତୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ ଏ ସୁବିଧା ରାଜ୍ୟ ସରକାର ଦେଇ ନଥିଲେ। ମଣ୍ଡଳ କମିଶନଙ୍କ ସୁପାରିସ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରି ଓ ଶିକ୍ଷା କ୍ଷେତ୍ରରେ ପାଇବା କଥା, ତାହା ଦେବା ପାଇଁ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇନାହାନ୍ତି। ରାଜ୍ୟରେ ଚାକିରି କ୍ଷେତ୍ରରେ ଏମାନଙ୍କୁ ୨୭% ସଂରକ୍ଷଣ ସୁବିଧା ନ ଦେଇ ମାତ୍ର ୧୧.୨୫% ସଂରକ୍ଷଣ ଦେବା ଯୋଗୁ ବିଗତ ୧୫ ବର୍ଷରେ ଅଦ୍ୟାବଧି ଏମାନେ ପ୍ରାୟ ପାଞ୍ଚ ଲକ୍ଷ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଂରକ୍ଷଣ ୨୦୦୫ରୁ ଲାଗୁ ହୋଇଛି। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିବା ଯୋଗୁ ଏମାନେ ଅଦ୍ୟାବଧି ପ୍ରାୟ ଚାରି ହଜାର ଏମ୍‌ବିବିଏସ୍ ଆସନ ହରାଇଲେଣି। ଗତବର୍ଷ ଏ କ୍ଷେତ୍ରରେ ପ୍ରାୟ ୭୦୦ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ କେତେ ଆସନ ହରାଇଛନ୍ତି ତାହାର ହିସାବ ଜରୁରୀ।



ରାଜ୍ୟରେ ଭାଜପା ସରକାର ଗଠିତ ହେବା ପରେ ଏ ଦିଗରେ ଆଶାର ସଞ୍ଚାର ହୋଇଛି। ସମ୍ବିଧାନସମ୍ମତ ଭାବେ ଏହି ବର୍ଗର ଲୋକମାନଙ୍କୁ ବର୍ଦ୍ଧିତ ସଂରକ୍ଷଣ ସୁବିଧା ଦେବା ଦିଗରେ ପଦକ୍ଷେପ ନେଉଛନ୍ତି। ପୂର୍ବରୁ ସେ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନ ପାଇଁ ଅନୁସୂଚିତ ଜାତି ଓ ଜନଜାତିର ସଂରକ୍ଷଣ ହାରକୁ ୨୦%ରୁ ବଢ଼ାଇ ୩୮.୭୫% କରିଛନ୍ତି ଏବଂ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ହାର ୧୧.୨୫% କରିଛନ୍ତି। ପୂର୍ବରୁ ଏସ୍‌ଇବିସିଙ୍କ ପାଇଁ ସାଧାରଣ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ନଥିଲା। ସରକାରଙ୍କ ଏ ପ୍ରକାର ପଦକ୍ଷେପ ସ୍ୱାଗତଯୋଗ୍ୟ। ତେବେ ଏ ପ୍ରକାର ପରିବର୍ଦ୍ଧିତ ସଂରକ୍ଷଣ ଯଥେଷ୍ଟ ନୁହେଁ ବୋଲି ସାମାଜିକ ନ୍ୟାୟ ସମର୍ଥିତ ବିଭିନ୍ନ ସଂଗଠନ ଓ ସଂଗଠକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପ୍ରକାର ବର୍ଦ୍ଧିତ ସଂରକ୍ଷଣ ସୁବିଧା ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ ପ୍ରଦାନ ପାଇଁ ଦାବିକରି ଆସିଛନ୍ତି।

ନିକଟରେ ଜାତୀୟ 'ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା' ବିଭାଗର ଯୋଜନା ପ୍ରଣୟନ କମିଟି ବୈଠକରେ ସର୍ବସମ୍ମତିଭାବେ ସୁପାରିସ ହୋଇଛି ସମସ୍ତ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ହାର ବୃଦ୍ଧି ପାଇଁ। ଅର୍ଥାତ ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ ବର୍ଦ୍ଧିତ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ। ସୁପାରିସ ଅନୁଯାୟୀ ଅନୁସୂଚିତ ଜାତିଗୁଡ଼ିକ ସଂରକ୍ଷଣ ୮%ରୁ ବଢ଼ି ୧୬.୨୫% ହେବ ଓ ଅନୁସୂଚିତ ଜନଜାତିଗୁଡ଼ିକ ପାଇଁ ୧୨%ରୁ ବଢ଼ି ୨୨.୫% ହେବ, ମୋଟ ୩୮.୭୫% ହେବ। ସେହିପରି ଏସ୍‌ଇବିସିମାନେ ମଧ୍ୟ ଏହି ଅନୁଷ୍ଠାନଗୁଡ଼ିକରେ ୧୧.୨୫% ସଂରକ୍ଷଣ ସୁବିଧା ପାଇବେ। ବିଭିନ୍ନ ସୂତ୍ରରୁ ଯାହା ଜଣାପଡୁଛି ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷା ବର୍ଷରୁ ଏହାକୁ କର୍ଯ୍ୟକାରୀ କରିବା ପାଇଁ ମନସ୍ଥ କରିଛନ୍ତି। ଏ ବାବଦକୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବାକି ରହିଛି। ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏ ପଦକ୍ଷେପ ଯୋଗୁ କୋଟି କୋଟି ଦଳିତ ଓ ଆଦିବାସୀ ଉପକୃତ ହେବେ। ଏସଇବିସି ମଧ୍ୟ ଲାଭ ପାଇବେ।

ଅନ୍ୟ ଏକ ପଦକ୍ଷେପ ରାଜ୍ୟ ସରକାରଙ୍କ ନେତୃତ୍ୱକୁ ଆହୁରି ମଜଭୁତ କରିବ, ତାହା ହେଉଛି ରାଜ୍ୟରେ ଓବିସିଙ୍କ ସଂରକ୍ଷଣକୁ ୧୧.୨୫%ରୁ ମଣ୍ଡଳ କମିଶନ ସୁପାରିସ ମୁତାବକ ୨୭%କୁ ବୃଦ୍ଧି କରିବା। ଏ ବାବଦକୁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। ଓଡ଼ିଶାର ସ୍ୱତନ୍ତ୍ର ସାମାଜିକ ସ୍ଥିତି ଅନୁଯାୟୀ ଏ ବିଷୟ ସମ୍ବନ୍ଧିତ ଏକ ବିଧେୟକ ଓଡ଼ିଶା ବିଧାନସଭାରେ ପାରିତ କରି ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ସହିତ ପୂର୍ବ ସରକାର ଅମଳରେ ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଓବିସି ସମ୍ବନ୍ଧୀୟ କେସ୍‌ର ଆନ୍ତରିକତାର ସହିତ ପରିଚାଳନା ଜରୁରୀ।

**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 8 | | | | 2 | 4 | 5 |
| | | | | | | | | |
| | 7 | | | 2 | 4 | 3 | | |
| | | | 2 | | | 5 | 9 | |
| | 2 | | 7 | | 9 | 8 | | |
| | | 1 | | | 3 | 7 | 2 | |
| 4 | 6 | 2 | 1 | 3 | 5 | | 8 | |
| 8 | 1 | | | | | | | 2 |
| | 3 | 9 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 6 | 2 | 4 | 3 | 8 | 1 |
| 6 | 1 | 8 | 9 | 7 | 3 | 4 | 5 | 2 |
| 2 | 4 | 3 | 8 | 1 | 5 | 6 | 7 | 9 |
| 3 | 9 | 4 | 1 | 8 | 6 | 5 | 2 | 7 |
| 7 | 2 | 6 | 4 | 5 | 9 | 8 | 1 | 3 |
| 1 | 8 | 5 | 7 | 3 | 2 | 9 | 4 | 6 |
| 4 | 5 | 2 | 3 | 9 | 1 | 7 | 6 | 8 |
| 9 | 6 | 7 | 2 | 4 | 8 | 1 | 3 | 5 |
| 8 | 3 | 1 | 5 | 6 | 7 | 2 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜିଟାଲ ପେମେଣ୍ଟରେ ଦାନ ଦିଆଯାଉ

ମହାଶୟ,

ଡିଜିଟାଲ ଦ୍ୱାରା ଅର୍ଥ ଦେଣନେଣରେ ଭାରତ ବିଶ୍ୱରେ ଆଗକୁ ବଢ଼ିବାରେ ଲାଗିଛି। ଏବେ ଆମ ଦେଶ ବିକାଶ ହେବା ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଏହି ମାଧ୍ୟମ ହିଁ ଟନିକ୍ ଭଳି କାମ କରୁଛି। ଆଜିର ଦିନରେ ଅନେକ ବୁଲାବିକାଳି ଓ ଗାଁ ଗାଁ ବୁଲି ଲୁହାଲକଡ଼ି କିଣୁଥିବା କବାଡ଼ିଆ ମଧ୍ୟ ଫୋନ୍ ପେ' ବ୍ୟବହାର କଲେଣି। ଛୋଟରୁ ଅତି ଛୋଟ ଦୋକାନୀ ଫୋନ୍ ପେ' ବ୍ୟବହାର କରୁଥିବା ବେଳେ ଆମିଷ ହାଟରେ ମାଛ ମାଂସ ବିକ୍ରେତା କାରବାର କରୁଥିବା ନଗଦ ଟଙ୍କାପଇସାର ପବିତ୍ରତା ନଷ୍ଟ ହେଉଛି। ଏ ହାତରୁ ସେ ହାତ ହୋଇ ଅପବିତ୍ର ରାଶି ମନ୍ଦିର ପୂଜକଙ୍କ ଅଣ୍ଟାକୁ ଯିବା ସହିତ ମନ୍ଦିର ଦାନବାକ୍ସରେ ମଧ୍ୟ ପଡୁଛି। ଏଭଳି ସ୍ଥିତିରେ ଏବେ ଡିଜିଟାଲ ଯୁଗରେ ମାଛ ମାଂସ କିଣାବିକା ବେଳେ ଦୋକାନୀ ଓ ଗରାଖ କେବଳ ଫୋନ୍ ପେ' ବ୍ୟବହାର କରିବା ଦରକାର। ଏଭଳି ନିୟମ ପାଳନ ପାଇଁ ସରକାରୀ ଆଦେଶ ଆସିବା ଦରକାର।

**-ମନୋରଞ୍ଜନ ପାତ୍ର, ଶୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୦୨।୨୦୨୬

| | |
|---|---|
| ୪, ୯୭,୦୫୫ ଟଙ୍କା | |
| ସୁନା | ୮.୧୦୦ ଗ୍ରାମ୍ |
| ରୁପା | ୨ ଗ୍ରାମ୍ |



ଉଠାଦୋକାନୀଗୁଡ଼ିକ ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ପୁରୀ ବନ୍ଦ ଡାକରା ସାମୟିକ ସ୍ଥଗିତ

**ପୁରୀ,୨୫।୨(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା କୋର୍ଟ ବଲୁଖଣ୍ଡ ମଧୁରଜଳ, ଅଭୟାରଣ୍ୟ ଅଞ୍ଚଳକୁ ସ୍ଥାନାନ୍ତର ପ୍ରକ୍ରିୟା ପ୍ରତିବାଦରେ ପୁରୀ ଜିଲା ଓକିଲ ସଂଘ ପୂର୍ବରୁ ଗତ ୨୦ରେ ମାଳତୀପାଟପୁର ରାଜରାସ୍ତାରେ ପ୍ରତିବାଦ ଆନ୍ଦୋଳନ କରି ଫେବୃଆରୀ ୨୭ରେ ପୁରୀ ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲା। ପରେ ପୁରୀ ଏସ୍‌ପି ଓ ଜିଲାପାଳ ଓକିଲ ସଂଘ ସହ ଆଲୋଚନା କରିଥିଲେ। ମୁଖ୍ୟ ବିଚାରପତିଙ୍କୁ ଜିଲାପାଳଙ୍କ ମାଧ୍ୟମରେ ଆଉ ଏକ ସ୍ମାରକପତ୍ର ୨୨ ତାରିଖରେ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। ୨୪ ତାରିଖ ଜିଲାପାଳଙ୍କ ସହ ସଂଘ କର୍ମକର୍ତ୍ତା ଓ ବରିଷ୍ଠ ଓକିଲ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ପରେ ଜିଲାପାଳଙ୍କ ଏକ ପତ୍ର ବୁଧବାର ସଂଘର ହସ୍ତଗତ ହୋଇଛି। ପତ୍ର ମିଳିବା ପରେ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଗଠନମୂଳକ ପତ୍ର, ଯାହା ବର୍ତ୍ତମାନ ସ୍ଥାନରେ କୋର୍ଟ କମ୍ପ୍ଲେକ୍ସ ତିଆରି ପାଇଁ ଉଦ୍ୟମ ଜାରି ରହିଛି ବୋଲି କୁହାଯାଉଛି। ତେଣୁ ୨୭ ତାରିଖ ପୁରୀ ବନ୍ଦ ସ୍ଥଗିତ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ। ଏଥିସହ ୨୭ ଫେବୃଆରୀ ମାଟ୍ରିକ ପରୀକ୍ଷା ଥିବାରୁ ବୃହତ୍ତର ସ୍ୱାର୍ଥକୁ ଆଖିଆଗରେ ରଖି ପୁରୀ ବନ୍ଦକୁ ସଂଘ ପକ୍ଷରୁ ସାମୟିକ ସ୍ଥଗିତ ରଖିବାକୁ ସଂଘ ନିଷ୍ପତ୍ତି ନେଇଛି। ପୂର୍ବଭଳି ସତ୍ୟାଗ୍ରହ ଚାଲୁ ରହିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ଅନିଲ ସାହୁ, ବିଭୁଦତ୍ତ ପଟ୍ଟନାୟକ, ସୋମନାଥ ଦାସ, ସାରଦା ସାମଲ, ପୁଲିନ ଆଚାର୍ଯ୍ୟ, ରଚିତା ଦାଶ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ବିଶ୍ୱଜିତ୍ ପ୍ରଧାନ, ଜୟଦେବ ମିଶ୍ର, ବୈଦ୍ୟନାଥ ପାଣି, ପ୍ରିୟଦର୍ଶନ ପଟ୍ଟନାୟକ, ଜ୍ୟୋତିପ୍ରକାଶ ମିଶ୍ର, ଶୁଭେନ୍ଦୁ ଦାଶ, ସୁକାନ୍ତ ପ୍ରଧାନଙ୍କ ସମେତ ଶତାଧିକ ଓକିଲ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଟି ମାଗି ଜଣେ ଗିରଫ

**ପୁରୀ,୨୫।୨(ଅଜିତ୍ କୁମାର ମହାନ୍ତି)**

ବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଉକ୍ତ ଥାନା ଅନ୍ତର୍ଗତ ଗଜପତିନଗରର କାର୍ତ୍ତିକ ସାହୁ (୨୯)। ପୋଲିସ ଏନେଇ କେସ୍ ନଂ.୧୦୯/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ କାର୍ତ୍ତିକ ବୁଧବାର ସକାଳେ ବଡ଼ଶଙ୍ଖ ପରିବା ମାର୍କେଟ୍‌ଠାରେ ପରିବା ଦୋକାନୀଙ୍କୁ ଛୁରି ଦେଖାଇ ଧମକ ଦେଇ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ବାଡ଼ର ଖୁଣ୍ଟ ଭାଙ୍ଗି କଣ୍ଟାତାର ଚୋରିକରିବା ସହ ଆକ୍ରମଣ

**ବଳଙ୍ଗା,୨୫।୨(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ଅନ୍ତର୍ଗତ ପୁରୁଣା ବୁଢ଼ାକେରା ଗ୍ରାମରେ ଏକ ବଗିଚାରୁ ଖୁଣ୍ଟ ଭାଙ୍ଗି କଣ୍ଟାତାର ଚୋରି କରିବା ସହିତ ଆକ୍ରମଣ କରିଥିବା ନେଇ ଥାନାରେ ଅନ୍ନପୂର୍ଣ୍ଣା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଅନ୍ନପୂର୍ଣ୍ଣା ପ୍ରଧାନ କରିଥିବା ଅଭିଯୋଗ ଅନୁଯାୟୀ ଆମ ଘରବାରି ଡିହକୁ ଲାଗି ପ୍ରକାଶ ଭୋଇ, ରମେଶ ମୋଦିଙ୍କର ଘରବାରି ଜାଗା ରହିଛି। କିଛିବର୍ଷ ତଳେ ସୀମାବିବାଦ ଉପୁଜିବାରେ ଆମ୍ଭେ ଉଭୟପକ୍ଷ ଅମିନ ଏବଂ ଗ୍ରାମ ମୁଖିଆଙ୍କ ଉପସ୍ଥିତିରେ ଜାଗାବାଡ଼ି ଚିହ୍ନଟ କରାଯାଇଥିଲା। ଆମ୍ଭ ଜାଗାର ସୁରକ୍ଷା ପାଇଁ କଣ୍ଟାବାଡ଼ କରାଯାଇଥିଲା ବେଳେ ଗତ ୧୮ ତାରିଖ ସକାଳେ ପ୍ରକାଶ ଓ ରମେଶ ଆମ ସୀମାରେ ଥିବା ଖୁଣ୍ଟକୁ ଓପାଡ଼ି କଣ୍ଟାତାର ନେଉଥିବାର ଦେଖିଥିଲି। ତାଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ ମୋତେ ଧମକ, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅନ୍ନପୂର୍ଣ୍ଣା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇ ପୋଲିସ ନଂ.୬୩/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

### ବଡ଼ଓରାରେ ଅଗ୍ନିକାଣ୍ଡ

**କଣାସ,୨୫।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅନ୍ତର୍ଗତ ବଡ଼ାଲ ପଞ୍ଚାୟତର ବଡ଼ଓରା ଗ୍ରାମରେ ଗତକାଲି ମଧ୍ୟରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ସାହୁଙ୍କ ବାସଗୃହ ପୋଡ଼ି ପାଉଁଶ ହୋଇଯାଇଛି। ଉକ୍ତ ଗୃହ ମଧ୍ୟରେ ତାଙ୍କ ଝିଅକୁ ଦେବା ପାଇଁ ତିଆରି କରି ରଖିଥିବା ଫର୍ନିଚର ଓ ଆସବାବପତ୍ର ପୋଡ଼ି ଯାଇଛି। ଗ୍ରାମର ଜଣେ ମହିଳା ନିଆଁ ଦେଖି ଚିତ୍କାର କରିବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଗଡ଼ଖାରଦ ରାଜସ୍ୱ ନିରୀକ୍ଷକ ସରୋଜ କୁମାର ବିଶ୍ୱାଳ ଘଟଣାର ତଦନ୍ତ କରି ଫେରିଯାଇଛନ୍ତି।

### ପଞ୍ଚରାତ୍ର କଥାମୃତ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

**ବଳଙ୍ଗା,୨୫।୨(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ଅନ୍ତର୍ଗତ ବାଲିଘାଇଠାରେ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ୯ମ ପଞ୍ଚରାତ୍ର କଥାମୃତ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପତିତପାବନ ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଗ୍ରାମ ଲୋକଙ୍କ ଦ୍ୱାରା କଳସ ଯାତ୍ରା, ପରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପାଞ୍ଚରାତି ଧରି ପ୍ରବକ୍ତା ଶୁକଦେବ ମହାରଣା, କୈଳାସ ଚନ୍ଦ୍ର ପଣ୍ଡା ଅଞ୍ଚଳବାସୀଙ୍କୁ କଥାମୃତ ପ୍ରଦାନ କରିଥିଲେ। ଏଥିରେ ପତିତପାବନଙ୍କ ବଡ଼ପଣ୍ଡା ପରମା ଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ରଥ, ବ୍ୟାସ ରଘୁନାଥ ଆନନ୍ଦ ଚୈତନ୍ୟ ପ୍ରମୁଖ ସହଯୋଗ କରିଥିଲା ବେଳେ ଆଖପାଖ ଅଞ୍ଚଳର ଲୋକଙ୍କ ସହଯୋଗରେ ରାତିରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

# ସମସ୍ତଙ୍କ ସହଯୋଗରେ ଯାତ୍ରା ଶୃଙ୍ଖଳିତ ହେବ




ସମନ୍ୱୟ ସଭାରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟମାନେ।

**ସାହିଯାତ: ମାର୍କଣ୍ଡସାହିରେ ସାହି କମିଟି ସମନ୍ୱୟ ସଭା**

**ପୁରୀ,୨୫।୨(ଅଜିତ୍ କୁମାର ମହାନ୍ତି)**

ସାହିଯାତ ଯାତ୍ରା-୨୦୨୬କୁ ପୁରୀ ସହରରେ ସୁଚାରୁ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ମାର୍କଣ୍ଡସାହି ଅଞ୍ଚଳରେ ଏକ ସାହି କମିଟି ସମନ୍ୱୟ ସଭା ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଅଧିକାରୀଙ୍କ ସହ ମାର୍କଣ୍ଡସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସଭାରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ ଥାନାଧିକାରୀ ସଙ୍ଗୀତା ଦାଶଙ୍କ ସମେତ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ। ସଭାରେ ସାହିଯାତ ଯାତ୍ରା ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତ୍‌କାଳୀନ ସେବା, ସାଧାରଣ ଲୋକଙ୍କ ସୁରକ୍ଷା ଓ ସାମ୍ପ୍ରଦାୟିକ ସମନ୍ୱୟ ସମ୍ବନ୍ଧୀୟ ବିଭିନ୍ନ ମୁଦ୍ଦା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଯାତ୍ରା ସମୟରେ ସାହି ମଧ୍ୟରେ ଯାଉଥିବା ପ୍ରମୁଖ ରୁଟ୍ ଓ ବିକଳ୍ପ ରୁଟ୍ ଚିହ୍ନଟ କରି ପୂର୍ବପ୍ରସ୍ତୁତି ନେବାକୁ ନିଷ୍ପତ୍ତି ହୋଇଥିଲା। ଏସ୍‌ପି ସ୍ଥାନୀୟ ସାହି କମିଟି ସଦସ୍ୟମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରି କହିଛନ୍ତି, ପୋଲିସ-ଜନସାଧାରଣ ସମନ୍ୱୟ ଦ୍ୱାରା ଏପରି ପାରମ୍ପରିକ ଯାତ୍ରା ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରାଯାଇପାରିବ। ସାହି ଭିତର ରାସ୍ତା ସଫାସୁତରା ରଖିବା, ଅବୈଧ ପାର୍କିଂ ରୋକିବା, ବିଦ୍ୟୁତ୍ ତାର ଓ ଅସ୍ଥାୟୀ ଟେଣ୍ଟ୍ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା। ଟ୍ରାଫିକ୍ ଡିଏସ୍‌ପିଙ୍କ ପକ୍ଷରୁ ଯାତ୍ରାଦିନ ଟ୍ରାଫିକ୍ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ପ୍ରମୁଖ ସ୍ଥାନଗୁଡ଼ିକରେ ଡାଇଭର୍ସନ ବ୍ୟବସ୍ଥା କରାଯିବ ଓ ଆବଶ୍ୟକ ଅନୁସାରେ ପୋଲିସ ଏବଂ ଟ୍ରାଫିକ୍ କର୍ମଚାରୀ ମୁତୟନ କରାଯିବ। ସିଟି ଡିଏସ୍‌ପି ଓ ଟାଉନ ଥାନା ପକ୍ଷରୁ ସାହି ଅଞ୍ଚଳର ସମ୍ବେଦନଶୀଳ ସ୍ଥାନ, ସଂକୀର୍ଣ୍ଣ ରାସ୍ତା ଓ ଭିଡ଼ ହେବା ସମ୍ଭାବନା ଥିବା ଛକଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାତ୍ରା ସମୟରେ ସିସିଟିଭି ମାଧ୍ୟମରେ ନଜରଦାରି, ପାଟ୍ରୋଲିଂ ଓ କ୍ୱିକ୍ ରେସ୍‌ପନ୍ସ ଟିମ୍ ସଜାଗ ରହିବେ। ସ୍ଥାନୀୟ ସାହି ପ୍ରତିନିଧିମାନେ ସଭାରେ ତାଙ୍କ ସମସ୍ୟା ଓ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ପୋଲିସ ପକ୍ଷରୁ ସେଗୁଡ଼ିକୁ ଗୁରୁତ୍ୱ ସହ ନେଇ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ। ପୁରୀ ପୋଲିସ ପକ୍ଷରୁ ସମସ୍ତ ନାଗରିକଙ୍କୁ ଆଗାମୀ ସହିଯାତ ସମୟରେ ଟ୍ରାଫିକ୍ ନିୟମ ମାନିବା, ପୋଲିସକୁ ସହଯୋଗ କରିବା ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ଅନୁରୋଧ କରାଯାଉଛି। ସମସ୍ତଙ୍କ ମିଳିତ ପ୍ରୟାସରେ ସାହିଯାତ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ପାଳନ ହେବ ବୋଲି ପୁରୀ ପୋଲିସ ଆଶାବ୍ୟକ୍ତ କରିଛି।



ରଙ୍ଗଶାଳା ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ମଞ୍ଚସ୍ଥ ନାଟକ 'ବ୍ରେନ୍ ଗେନ୍ ଡଟ୍ କମ୍'ର ଏକ ଦୃଶ୍ୟ।

## ମଞ୍ଚସ୍ଥ ହେଲା ନାଟକ 'ବ୍ରେନ୍ ଗେନ୍ ଡଟ୍ କମ୍'

**ପୁରୀ,୨୫।୨(ଅଜିତ୍ କୁମାର ମହାନ୍ତି)**

ନାଟକ ଓ ସଂସ୍କୃତିର ପ୍ରଚାର, ପ୍ରସାରକୁ ଲକ୍ଷ୍ୟକରି ରଙ୍ଗଶାଳା ପକ୍ଷରୁ ୧୬ତମ ଜାତୀୟ ନାଟ୍ୟ ମହୋତ୍ସବ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଲୋକପ୍ରିୟ ଅଭିନେତା ହରିହର ମହାପାତ୍ର, ଲୁକୁନ ଚୌଧୁରୀ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶିଳ୍ପପତି ରାଜକିଶୋର ପାତ୍ର, ସାମାଜିକ କର୍ମୀ ଶ୍ରୀକଣ୍ଠ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟକାର ଓ ନିର୍ଦ୍ଦେଶକ ଦିଲେଶ୍ୱର ମହାରଣାଙ୍କୁ ରଙ୍ଗଶାଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ରଙ୍ଗଶାଳାର ସଭାପତି ଗିରିଶ୍ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରୂପକଳ୍ପ ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭରତ ନାୟକ, ନିର୍ଦ୍ଦେଶକ ବିକ୍ରମ ସାହୁ, ଉପସଭାପତି ସରୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପରେ ନାଟ୍ୟାନୁଷ୍ଠାନ 'ରଙ୍ଗଶାଳା' ପକ୍ଷରୁ ୪ ଦିନିଆ ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା 'ବ୍ରେନ୍ ଗେନ୍ ଡଟ୍ କମ୍'। ଦର୍ଶକଙ୍କୁ ହାସ୍ୟରସ ସହ ମେଶିନର ଭୟାବହତା ସମ୍ପର୍କରେ ବଳିଷ୍ଠ ବାର୍ତ୍ତା ନାଟକ ଭେଟି ଦେଇଥିଲା। ଭଗବାନ୍‌ଙ୍କ ସୃଷ୍ଟି ଆମକୁ ଜୀବଜଗତରେ ଶ୍ରେଷ୍ଠ ମସ୍ତିଷ୍କ ଭେଟିଦେଇଛି। ମାତ୍ର ଏ ମସ୍ତିଷ୍କର ବୁଦ୍ଧିମତ୍ତାକୁ ବିନିଯୋଗ କରି ଗଢୁଥିବା ମେଶିନ ମଣିଷଙ୍କୁ ମାନସିକ ଭାବେ ପଙ୍ଗୁ କରିଦେଉଛି।

ଡ. ସଞ୍ଜୟ ହାତୀ ନାଟ୍ୟ ରଚନା କରିଥିବା ବେଳେ ବିକ୍ରମ କୁମାର ସାହୁ ନିର୍ଦ୍ଦେଶନା ଦେଇଥିଲେ। ବୃନ୍ଦାବନ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଶରତ ମହାନ୍ତି ମଞ୍ଚ ସଜାଇଥିଲେ। ଆଲୋକ ସମ୍ପାଦନା କରିଥିଲେ ବେଣୁଧର ମାପିନ୍ତ। ନାଟକ ମହୋତ୍ସବ ପରିଚାଳନାରେ ଓମ୍‌ପ୍ରକାଶ ଦାସ, ସ୍ୱାତିଶ୍ରୀ ପରିଡ଼ା, ଆଶିଷ ବେହେରା, ଦେବାଶିଷ ସିଂହ, ଅଙ୍କିତା ଦାସ, ସୁମିତ୍ରା ବେହେରା, ମଧୁସ୍ମିତା ଦାସ ଏବଂ ଅବିନାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆଇନ ସଚେତନତା ଶିବିର

**ପୁରୀ,୨୫।୨(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟା ତଥା ଜିଲା ଦୌରାଜଜ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବିକଳ୍ପ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଡ଼କ ସୁରକ୍ଷା, ମୋଟର ଦୁର୍ଘଟଣା, ଏମଏସିଟିଏମଭି ଆକ୍ଟ, ମୋଡିଫାଏଡ କ୍ଲେମ ଟ୍ରିବ୍ୟୁନାଲ ଏଗ୍ରୀଡ ପ୍ରୋସିଡିୟର ଏବଂ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ସଚେତନତା କରାଯାଇଥିଲା। କାର୍ଯକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷା ପ୍ରତିମା ପଣ୍ଡା ଏବଂ ଏଆର୍‌ଟିଓ ଦେବାଶିଷ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଯାଇଥିଲା। ଏଥିସହ ଆଇନ ସେବା କ'ଣ ଏବଂ ଆଇନସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ, ସେହି ବିଷୟରେ ଆଲୋଚନା କରିଥିଲେ।

## ୨୫ରୁ ଊର୍ଦ୍ଧ୍ୱ ଇଟାଭାଟି ଭାଙ୍ଗିଲେ ତହସିଲଦାର



**ଗୋପ/ନୟାହାଟ,୨୫।୨ (ଭାରତୀ ଭୂଷଣ ଉପାଧ୍ୟାୟ/ରଶ୍ମିରଞ୍ଜନ ସାହୁ)**

ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଗୋପ ତହସିଲ କାର୍ଯ୍ୟାଳୟ ଅଧୀନ ନୟାହାଟ ଫାଣ୍ଡି ଅନ୍ତର୍ଗତ ଏକାଧିକ ସ୍ଥାନରେ ବୁଧବାର ବେଆଇନ ଇଟାଭାଟି ଭାଙ୍ଗିଥିବା ଜଣାପଡ଼ିଛି। ୨୫ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଭାଙ୍ଗିଥିବା ବେଳେ ଏହି ଇଟାର ଆନୁମାନିକ ମୂଲ୍ୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଗତ କିଛିବର୍ଷ ଧରି ବେଆଇନ ଭାବେ ଗୋପ ବ୍ଲକ ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର, ନରସିଂହପୁର, ଧୂମାଳ ଓ ନୟାହାଟ ଅଞ୍ଚଳର ଅନେକ ସ୍ଥାନରେ ବ୍ୟବସାୟିକ ଭିତ୍ତିରେ ଇଟାଭାଟି ଗଢ଼ିଉଠିଛି। ସବୁ ସମୟରେ ଇଟାଭାଟି ଧୂଆଁରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି କଲେଜ, ସ୍କୁଲ ଛାତ୍ରୀଛାତ୍ର ଅଣନିଃଶ୍ୱାସୀ ହୋଇପଡ଼ିବା ଭଳି ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ଭିତ୍ତିକରି ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ବୁଧବାର ୩ ଜେସିବି ସାହାଯ୍ୟରେ ୨୫ରୁ ଊର୍ଦ୍ଧ୍ୱ ଇଟାଭାଟି ଭାଙ୍ଗିବା ସହ ଦମକଳ ବାହିନୀ ଯୋଗେ ପାଣି ମାଡ଼ କରାଯାଇଥିଲା। ଏହି ଇଟାଭାଟି ଭଙ୍ଗାଯିବା ବେଳେ ଜିଲା ଖଣି ବିଭାଗ ଅଧିକାରୀ ସମୀର ମିଶ୍ର, ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର, ଏସ୍‌ଆଇ ବୁଦ୍ଧରାୟ ମାଝୀ, ମହନ୍ତ ବିଭୁପ୍ରସାଦ ଦାସ, ସୀତାରାମ ଶତପଥୀ, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ, ଗୋପ ରାଜସ୍ୱ ନିରୀକ୍ଷକ ଜି. ରଶ୍ମିତା ପ୍ରଧାନଙ୍କ ସମେତ ବିଭିନ୍ନ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ଏହି ଇଟାଭାଟି ଭଙ୍ଗା ସମ୍ପର୍କରେ ଗୋପ ତହସିଲଦାର ସୂର୍ଯ୍ୟଶଙ୍କର କହିଛନ୍ତି, ମୁଖ୍ୟତଃ କଲେଜ, ସ୍କୁଲ୍ ନିକଟରେ ବେଆଇନ ଇଟାଭାଟି ଥିବା ଅଭିଯୋଗ ଓ ଆଗକୁ ଖରାଦିନ ଆସୁଥିବା ଏବଂ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଯୁବ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ, ନାରାବାଜି

**ନିମାପଡ଼ା,୨୫।୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ ଯୁବ କଂଗ୍ରେସ କର୍ମୀଙ୍କ ପକ୍ଷରୁ ନିମାପଡ଼ା ଦୋଳବେଦି ଛକରେ ବିକ୍ଷୋଭ ପ୍ରଦର୍ଶନ, ନାରାବାଜି କରାଯାଇଥିଲା। ଏହି ଅବସରରେ କଂଗ୍ରେସ କର୍ମୀମାନେ ଆନ୍ଦୋଳନ ସ୍ଥଳରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଜୀଙ୍କୁ ବେଆଇନ ଭାବେ ଗିରଫ କରାଯିବାର ପ୍ରତିବାଦ ଓ ତୁରନ୍ତ ତାଙ୍କୁ ଖଲାସ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ଏହି ଆନ୍ଦୋଳନ ହୋଇଥିଲା। ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ସେଠୀ, ଯୁବ କଂଗ୍ରେସର ବରିଷ୍ଠ ନେତା ମିହିରଧର ଭୋଇ, ରାଜକିଶୋର ସାହୁ, ଅଜୟ ପରିଡ଼ା, ସତ୍ୟପ୍ରିୟ ସାହୁ, ପୃଥ୍ୱୀରାଜ ସ୍ୱାଇଁ, ସୋନାଲି ବିଶ୍ୱାଳ, ରେଣୁବାଳା ମାଝୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଆୟୋଜନ ହୋଇଥିଲା। ରାଷ୍ଟ୍ରୀୟ ଯୁବ କଂଗ୍ରେସ ନେତାଙ୍କୁ ତୁରନ୍ତ ମୁକ୍ତ କରା ନ ଗଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନ୍ଦୋଳନକାରୀ ନେତାମାନେ କହିଛନ୍ତି। ଆନ୍ଦୋଳନ ସ୍ଥଳରେ ଯୁବ କଂଗ୍ରେସ ନେତାମାନେ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।




ଯୁବ କଂଗ୍ରେସ କର୍ମୀମାନେ ଦୋଳବେଦି ଛକଠାରେ ବିକ୍ଷୋଭ ପ୍ରଦର୍ଶନ ଓ ନାରାବାଜି କରୁଛନ୍ତି।

## ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ



**କଣାସ,୨୫।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଥାନା ପକ୍ଷରୁ ଗଡ଼ସାନପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଡ଼ସାନପୁଟ ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂଙ୍କ ଅଧ୍ୟକ୍ଷତାରେ କଣାସ ଥାନାଧିକାରୀ ଶୁଭେନ୍ଦୁ କୁମାର ମହାନ୍ତି, ୧୪ ମୌଜା ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁଚରଣ ସାମନ୍ତରାୟ, ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ପୋଲିସ ଏବଂ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତ ରହିବ। କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ିଲେ କାହା ମାଧ୍ୟମରେ ଥାନାକୁ ନ ଯାଇ ନିଜେ ଥାନା ଅଧିକାରୀଙ୍କୁ ଦେଖାହେବା ପାଇଁ କଣାସ ଥାନାଧିକାରୀ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

## ସମସ୍ତଙ୍କ ଦୁଃଖ ହରଣ କରିଥାନ୍ତି ଶ୍ରୀହରି ସହଦେବ

**ପୁରୀ,୨୫।୨(ଅଜିତ୍ କୁମାର ମହାନ୍ତି)**

ଶ୍ରୀହରି ସହଦେବଙ୍କ ମନ୍ଦିର କୃଷ୍ଣପ୍ରସାଦ ତହସିଲ୍‌ରେ, ମୁଖଶାଳା ବ୍ରହ୍ମଗିରି ତହସିଲ୍‌ରେ ଥିବାରୁ ୫ ହଜାର ବର୍ଷର ପୁରାତନ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ। ୨୦୨୫ ମସିହାରେ ଏଠାକୁ ବିଦ୍ୟୁତ୍ ଆସିବା ପାଇଁ ତାର ଟଣାଯାଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନାହିଁ।

ସ୍ୱୟମ୍ଭୁ ଶ୍ରୀହରି ସହଦେବଙ୍କୁ ଘରୁ ଚାଉଳ ଗଣ୍ଡେ ଆଣି ପୂଜାରୀ ଭୋଗ କରୁଛନ୍ତି। ୯୬ ଏକର ସ୍ଥାବର ସମ୍ପତ୍ତି ଏବେ ଭୋଗଦଖଲରେ ହସ୍ତାନ୍ତର। ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ସଭାପତି ଅଧ୍ୟାପକ କାଶୀନାଥ ନାୟକ ସଭାପତିତ୍ୱ କରି କହିଛନ୍ତି, ଶ୍ରୀହରି ସହଦେବଙ୍କ ପ୍ରାଚୀନ ପୀଠ ଅବହେଳିତ ହେବାର ମୁଖ୍ୟ କାରଣ ଶ୍ରୀହରି ସହଦେବଙ୍କ ଐତିହ୍ୟ ଅନାଲୋଚିତ ହୋଇ ରହିଛି। ଓଡ଼ିଶା ଐତିହ୍ୟ ଓ ସଂରକ୍ଷଣ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ କହିଛନ୍ତି, ପୀଠର ବିକାଶ ପାଇଁ ଇନ୍‌ଟାକର ସହଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି, ଗାଁ ଗହଳିରେ ଶ୍ରୀହରି ସହଦେବଙ୍କ ପ୍ରତି ଅତୁଟ ବିଶ୍ୱାସ ଆଜି ବି ରହିଛି। ପୀଠକୁ ଆସି ନ ପାରିଲେ ଗୁହାଳର ଗୋରୁଖୁଣ୍ଟ ପାଖରେ ମାନସିକ ଭୋଗ ସମପର୍ଣ କରୁଛନ୍ତି। ହରିହର ଉପାସନାର ଜୀବନ୍ତ ପୀଠ ହୋଇଥିବାରୁ ଶ୍ରୀମନ୍ଦିର ବେଢ଼ାରେ ଶ୍ରୀହରି ସହଦେବ ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଉଛନ୍ତି। ଶ୍ରୀହରି ସହଦେବ ମଣିଷଙ୍କଠାରୁ ପଶୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୁଃଖ ହରଣ କରୁଥିବାରୁ ତାଙ୍କୁ ଶ୍ରୀହରି ସହଦେବ କୁହାଯାଏ। ପ୍ରଥମେ ଗଜପତି ମହାରାଜ ମଙ୍ଗଳାନଦୀରେ ଯୁଦ୍ଧ ଯାତ୍ରାରେ ଗଲାବେଳେ ଏଠାରେ ବିଶ୍ରାମ ନେଇଥିଲେ। ସ୍ୱୟମ୍ଭୁ ଲିଙ୍ଗ ଦେଖି ୧୪୪୦ ମସିହାରେ ପ୍ରଥମ ମନ୍ଦିର ଗଢ଼ିଥିଲେ। ସେ ମନ୍ଦିର ଭାଙ୍ଗିଯିବା ପରେ ବର୍ତ୍ତମାନ ସେବାୟତ ଉନ୍ନୟନ ପରିଷଦ ୭ ବର୍ଷ ତଳୁ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ ବି ମନ୍ଦିର ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେବାୟତ ଉନ୍ନୟନ ପରିଷଦର ସହଯୋଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡ. ସିଦ୍ଧେଶ୍ୱର ମହାପାତ୍ର, ରମେଶ ମହାପାତ୍ର, କବି ଭିକାରି ଚରଣ ଦାସ, କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୟ ବରାଳ, ପ୍ରଶାନ୍ତ ମିଶ୍ର, ନୀଳମଣି ସୁଆର, ପ୍ରିୟ ପ୍ରସାଦ ମିଶ୍ର ଓ ଅମୂଲ୍ୟ ସୁନ୍ଦର ରାୟ ଯୋଗଦେଇ ଏଠାରେ ଏକ ଗୋଶାଳା ଓ ସନ୍ଥ ନିବାସ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ।

# ବିଏମ୍‌ସିର ୧୦୫୦ କୋଟିର ବଜେଟ ଉପସ୍ଥାପନ



ମେୟର, କମିଶନରଙ୍କ ଉପସ୍ଥିତିରେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ ବଜେଟ ଉପସ୍ଥାପନ କରୁଛନ୍ତି।

**ଆୟ:** ନିଜସ୍ୱ ୩୦୦ କୋଟି, ସରକାରୀ ଅନୁଦାନ ୭୫୦ କୋଟି

**ବ୍ୟୟ:** ପ୍ରଶାସନିକ ସେବା, ପରିମୟ ଓ ଆନୁଷଙ୍ଗିକ ବାବଦ

ବିଭିନ୍ନ ଆନୁଷଙ୍ଗିକ ଓ ପ୍ରଶାସନିକ – ୬୩୯.୪୧ କୋଟି
ଦରମା ଓ ପେନ୍‌ସନ– ୧୩୨.୧୯ କୋଟି
ପ୍ରଶାସନିକ–୩୩.୨୮ କୋଟି
ପରିମଳ ଓ ସଫେଇ –୧୮୨ କୋଟି
ବାୟୋ ମାଇନିଂ କାର୍ଯ୍ୟ –୨୪.୬୧ କୋଟି

**ଭିତ୍ତିଭୂମି ବିକାଶ ପାଇଁ**

ନୂତନ ରାସ୍ତା ନିର୍ମାଣ – ୯୦ କୋଟି
ନାଳ ଓ ଡ୍ରେନେଜ୍–୭୫କୋଟି
ବର୍ଜ୍ୟ ପରିଚାଳନା କେନ୍ଦ୍ର – ୧୦.୨୮ କୋଟି
ଶ୍ମଶାନ ଉନ୍ନତି – ୧୫.୭୫ କୋଟି ଟଙ୍କା

ଭୁବନେଶ୍ୱର,୨୫।୨
(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସ୍ୱତନ୍ତ୍ର ବଜେଟ ଅଧିବେଶନ ୨୦୨୬–୨୭ ବୁଧବାର ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ଅଧିବେଶନରେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ ମୋଟ ୧୦୫୦ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜକିଶୋର ତାଙ୍କ ଅଭିଭାଷଣରେ କହିଲେ, ବିଏମ୍‌ସି ମୁଖ୍ୟତଃ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭରକରେ। ପୂର୍ବରୁ ଏଥିପାଇଁ କୌଣସି ସର୍ତ୍ତ ନ ଥିଲା। ମାତ୍ର ଏବେ ସରକାର ଅନୁଦାନ ପାଇଁ ବାର୍ଷିକ ଶତକଡ଼ା ୧୨.୬୫ ପ୍ରତିଶତ ଆୟ ବୃଦ୍ଧି ପାଇଁ ସର୍ତ୍ତ ରଖିଛନ୍ତି। ତେଣୁ ବିଏମ୍‌ସିକୁ ସରକାରୀ ଅନୁଦାନ ପାଇଁ ଚଳିତ ଆର୍ଥିକ ବର୍ଷ ଆମକୁ ନିଜସ୍ୱ ଆୟ ବୃଦ୍ଧି କରିବାକୁ ପଡ଼ିବ। ତେଣୁ ଏହି ଆର୍ଥିକ ବର୍ଷରେ ବିଏମ୍‌ସିର ନିଜସ୍ୱ ଆୟ ୩୦୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରୀ ଅନୁଦାନରୁ ୭୫୦ କୋଟି ଟଙ୍କା ମିଳିବାର ଆକଳନ କରାଯାଇଛି। ଏହାଦ୍ୱାରା ରାସ୍ତାଘାଟ, ଡ୍ରେନ୍, ସୌନ୍ଦର୍ଯ୍ୟକରଣ, ବର୍ଜ୍ୟ ପରିଚାଳନା ଆଦି ସୁଗମ ହୋଇପାରିବ। ବିଭିନ୍ନ ଆନୁଷଙ୍ଗିକ ଓ ପ୍ରଶାସନିକ ବ୍ୟୟ ପାଇଁ ୬୩୯.୪୧ କୋଟି ଟଙ୍କା, ଦରମା ଓ ପେନ୍‌ସନ ବାବଦରେ ବ୍ୟୟ ୧୩୨.୧୯ କୋଟି ଟଙ୍କା, ପ୍ରଶାସନିକ ବ୍ୟୟ ୩୩.୨୮ କୋଟି ଟଙ୍କା, ପରିମଳ ଓ ସଫେଇ ବାବଦରେ ବ୍ୟୟ ୧୮୨ କୋଟି ଟଙ୍କା ଓ ବାୟୋ ମାଇନିଂ କାର୍ଯ୍ୟ ବାବଦରେ ବ୍ୟୟ ୨୪.୬୧ କୋଟି ଟଙ୍କା ସ୍ଥିର କରାଯାଇଛି। ସେହିପରି ନୂତନ ରାସ୍ତା ନିର୍ମାଣ ପାଇଁ ବ୍ୟୟ ୯୦ କୋଟି ଟଙ୍କା, ନାଳ ଓ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ୭୫.୦୦ କୋଟି ଟଙ୍କା, ବର୍ଜ୍ୟ ପରିଚାଳନା କେନ୍ଦ୍ର ପାଇଁ ୧୦.୨୮ କୋଟି ଟଙ୍କା, ଶ୍ମଶାନ ଉନ୍ନତି ପାଇଁ ୧୫.୭୫ କୋଟି ଟଙ୍କା ଓ ରକ୍ଷଣାବେକ୍ଷଣ, ସଫେଇ କାର୍ଯ୍ୟ ଓ ଅନ୍ୟାନ୍ୟ ନାଗରିକ ସେବାପାଇଁ ଏହି ବଜେଟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରର ଭିତ୍ତିଭୂମି ବିକାଶ, ପାର୍କ ଓ ସବୁଜ ପରିବେଶ ସୃଷ୍ଟି ପାଇଁ ମଧ୍ୟ ବଜେଟରେ ଆର୍ଥିକ ବ୍ୟବସ୍ଥା ରହିଛି। ଡିଜିଟାଲ ସେବାର ସମ୍ପ୍ରସାରଣ, ସଫେଇ ବ୍ୟବସ୍ଥାର ସୁଦୃଢ଼ୀକରଣ, ପରିବେଶ ସୁରକ୍ଷା ଓ ସମସ୍ତ ବର୍ଗଙ୍କ ପାଇଁ ଉତ୍ତମ ଧରଣର ବାସୋପଯୋଗୀ ପରିବେଶ ପ୍ରଦାନ କରିବା ପାଇଁ ଉକ୍ତ ବଜେଟରେ ଗୁରୁତ୍ୱାରୋପ କରାଯାଇଛି। ଏହି ସ୍ୱତନ୍ତ୍ର ବଜେଟ ଅଧିବେଶନରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା, ଅଧ୍ୟକ୍ଷ, ସଦସ୍ୟା, ସଦସ୍ୟ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ବିଏମ୍‌ସି ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମିତ୍‌ସୁବିଶି ଇଲେକ୍ଟ୍ରିକ୍ କପ୍‌ରେ ସିଜିୟୁ ଟିମ୍‌କୁ ଟ୍ରଫି



ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)

ପୁଣେସ୍ଥିତ ଏମ୍‌ଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟିରେ ଫେବୃଆରୀ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ମିତ୍‌ସୁବିଶି ଇଲେକ୍ଟ୍ରିକ୍ କପ୍–୨୦୨୬ରେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ର ଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜାପାନର ମିତ୍‌ସୁବିଶି ଇଲେକ୍ଟ୍ରିକ୍ ପକ୍ଷରୁ ଭାରତରେ ଅନୁଷ୍ଠିତ ଏହି ୬ଷ୍ଠ ସଂସ୍କରଣରେ ସମଗ୍ର ଦେଶର ୧୪୦ଟି ସଂସ୍ଥାନରୁ ୨୮୮ଟି ପ୍ରକଳ୍ପ ପ୍ରସ୍ତାବ ମିଳିଥିଲା। ସେଥିରୁ ୩୫ଟି ଶ୍ରେଷ୍ଠ ଦଳକୁ ଜାତୀୟ ଅନ୍ତିମ ପର୍ଯ୍ୟାୟ ପାଇଁ ଚୟନ କରାଯାଇଥିଲା। ସିଜିୟୁର 'ଡିୟସ୍ ମେସିନା' ଟିମ୍ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଟି ମିତ୍‌ସୁବିଶି ଇଲେକ୍ଟ୍ରିକ ବିଶେଷଜ୍ଞ ଓ ଭାରତୀୟ ନିର୍ଣ୍ଣାୟକ ମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ଦଳକୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପ୍ରକଳ୍ପଟି ୯ ପ୍ରମୁଖ ଟେକ୍ନୋଲୋଜି ବିଶେଷତା ଉପରେ ଆଧାରିତ ଥିଲା। ଏହି ଦଳରେ କିଶନକାନ୍ତ ବାରିକ, ସୁଜିତ ପଟ୍ଟନାୟକ, ସ୍ୱସ୍ତିକ ପ୍ରସାଦ ବେହେରା ଓ ଶ୍ରଦ୍ଧାରାମ ରହିଥିଲେ। ଇଲେକ୍ଟ୍ରିକ୍ ଇଞ୍ଜିନିୟରିଂ ବିଭାଗର ପ୍ରଶିକ୍ଷକ ଅଚିରଂଶୁ ପାତ୍ର ଦଳର ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ, ଭାଇସ୍ ଚାନ୍ସେଲର ପ୍ରଫେସର ଡ. ବଂଶୀଧର ମାଝୀ ଏବଂ ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଗୁଡ଼ା ଶ୍ରୀଦେବୀ ଛାତ୍ର ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅପରେଟର ଓ ପରିଚାଳନା ଟିମ୍ ସହ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକଙ୍କ ବୈଠକ

ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)

ଆମ ବସ ଚଳଚଳ ସମୟରେ ସଡ଼କ ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ୍ ସମସ୍ତ ଅପରେଟର ଓ ପରିଚାଳନା ଟିମ୍ ସହିତ ସମୀକ୍ଷା ବୈଠକ କରିଛନ୍ତି। ଅପରେଟରମାନେ ଚୁକ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ସଂଖ୍ୟାରେ କ୍ୟାପଟେନମାନଙ୍କୁ ନିୟୋଜିତ କରିବା ସହ ନିୟମିତ ପ୍ରଶିକ୍ଷଣ ଓ ବିଶ୍ରାମ ଦେବାକୁ ଆଲମ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପ୍ରତ୍ୟେକ କ୍ୟାପ୍‌ଟେନ୍‌ଙ୍କୁ ଗୋଟିଏ ଲେଖାଏ ରୁଟ୍‌ରେ ଅଧିକରୁ ଅଧିକ ନିୟୋଜିତ କରି ସେହି ରୁଟ୍ ସହିତ ପରିଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଆଧୁନିକ ପ୍ରଯୁକ୍ତି, ସମନ୍ୱିତ କୀଟ, ରୋଗ ପରିଚାଳନା ରଣନୀତି ଆପଣାନ୍ତୁ ଚାଷୀ

ତ୍ରିଶୂଳିଆ,୨୫।୨
(ତୁଷାର କାନ୍ତ ବେହେରା)

**କୃଷକ ସହଯୋଗୀ ମେଳା**

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଠଗଡ଼ କନ୍ଦରପୁରରେ 'କୃଷକ ସହଯୋଗୀ ମେଳା–୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦୦ ଜଣ କୃଷକ ଅଂଶଗ୍ରହଣ କରିଥିଲେ। କୃଷକ, ବୈଜ୍ଞାନିକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଓ କନ୍ଦରପୁର ସରପଞ୍ଚ କଲ୍ୟାଣୀ ଖଟୁଆଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କୃଷିମେଳାରେ ଇଏଲପି ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଷ୍ଟଲରେ ଉନ୍ନତ କୃଷି ପ୍ରଯୁକ୍ତି, କୀଟ ଓ ରୋଗ ପରିଚାଳନା ମଡେଲ ସହ ମୂଲ୍ୟ ଯୁକ୍ତ କୃଷି ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। କୃଷିମେଳାରେ କଟକ ଏଡିଏମ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ମୁଖ୍ୟ ଅତିଥିଭାବରେ ଯୋଗଦେଇ ଚାଷୀମାନଙ୍କୁ ଆଧୁନିକ ପ୍ରଯୁକ୍ତି ଓ ସମନ୍ୱିତ କୀଟ ଓ ରୋଗ ପରିଚାଳନା ରଣନୀତି ଆପଣାଇବାକୁ ପ୍ରୋତ୍ସାହିତ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଡିନ୍ ପ୍ରଫେସର (ଡ.) ଏସ. କୁମାରସ୍ୱାମୀ ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରାଧ୍ୟାପକ (ଡ.) ଶୁଭ୍ରଜ୍ୟୋତି ପଣ୍ଡା ଇଏଲପି ବିଦ୍ୟାର୍ଥୀମାନଙ୍କ ସହଯୋଗରେ କୃଷକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଦର୍ଶନୀର ପରିକଳ୍ପନା କରିଥିଲେ। କୃଷିମେଳାରେ 'ସମନ୍ୱିତ କୀଟ ଓ ରୋଗ ପରିଚାଳନା ରଣନୀତି ଏବଂ କୃଷି ତଥା ଉଦ୍ୟାନ ଚାଷ ଫସଲରେ ଉନ୍ନତ ପ୍ରଯୁକ୍ତି' ଶୀର୍ଷକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଓୟୁଏଟି କୀଟ ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଓ ବିଭାଗ ମୁଖ୍ୟ ଡ. ହରପ୍ରସାଦ ମିଶ୍ର ଏବଂ ଉଦ୍ୟାନ କୃଷି ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ଡ. ଭଗବାନ ଦାସ ଅଂଶଗ୍ରହଣ କରିଥିଲେ। ସେମାନେ ସମନ୍ୱିତ କୀଟ ପରିଚାଳନା (ଆଇପିଏମ), ରୋଗ ନିୟନ୍ତ୍ରଣ, ଜଳବାୟୁ–ସହିଷ୍ଣୁ କୃଷି ଓ ଆଧୁନିକ ପ୍ରଯୁକ୍ତି ବିଷୟରେ ଆଲୋଚନା କରିଥିଲେ।



କୃଷକ ସହଯୋଗୀ ମେଳାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

## ଘନଶ୍ୟାମଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'



ଭୁବନେଶ୍ୱର,୨୫।୨ (ସୌମ୍ୟରଞ୍ଜନ ରାଉତ)

**ହିନ୍ଦୀ, ବଙ୍ଗଳାରେ ଭକ୍ତି ସଙ୍ଗୀତ ପରିବେଷଣ**

ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ 'ସମର୍ପଣ'ର ପ୍ରଥମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସର୍କଲର ଯୁଗ୍ମ ସଚିବ ସଙ୍ଗୀତା ଗୋସ୍ୱାମୀ, ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, କଣ୍ଠଶିଳ୍ପୀ ମିନି ସିଂ, ବିଧୁଭୂଷଣ ମହାନ୍ତି, ରାଜିନ୍ଦର ଓ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କୋଲକାତାର ବିଦୂଷୀ ଲୋଏଲ ଭଟ୍ଟାଚାର୍ଯ୍ୟ ଓ କୁନ୍ତଳ ଦାସ ହିନ୍ଦୀ ଓ ବଙ୍ଗଳାରେ ସୁଫି ଓ ଭକ୍ତିମୟ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ହାରମୋନିୟମ୍‌ରେ ଆକାଶ ରଞ୍ଜୀବ ବିଶ୍ୱାଳ ସହଯୋଗ କରିଥିଲେ। ଏହି ଅବସରରେ କଳାକାର ଘନଶ୍ୟାମ ପଣ୍ଡାଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଅନ୍ୟ ଏକ ଉପସ୍ଥାପନାରେ ଜନାବ ଅତୀଳ ହୁସେନ ଖାନ୍ ବଦାନୱାଲୀ ଏବଂ ତାଙ୍କ ଦଳ ସୁଫି କୱାଲୀ ପରିବେଷଣ କରିଥିଲେ। ତାଙ୍କୁ ଜନାବ ସାହବାଜ ହୁସେନ ଖାନ ହାରମୋନିୟମ୍‌ରେ, ଜନାବ ହାସିଫ ହୁସେନ ଖାନ ଏବଂ ଜନାବ ଆସିଫ ହୁସେନ ଖାନ କୋରସ୍‌ରେ ଏବଂ ଜନାବ ମହମ୍ମଦ ତାବଲାରେ ସହଯୋଗ କରିଥିଲେ।

## ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

ଭୁବନେଶ୍ୱର,୨୫।୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଫେବୃଆରୀ ମାସ ସାରସ୍ୱତ ଆସର ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ଧରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦିତା ଦାଶ, କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ସୁଶାନ୍ତ ଧର, ପୀୟୂଷ ରଞ୍ଜନ ପରିଡ଼ା, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ସ୍ମୃତି ନାଥ ଓ ଲୋକନାଥ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ବିଜନବାଳା ପାଟଜୋଷୀ, ମୌସୁମୀ ଦାସ, ରଶ୍ମିତା ମହାନ୍ତ ଓ ସର୍ବଜିତ ଶ୍ରୀଚନ୍ଦନ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ବିଜନବାଳା ପାଟଜୋଷୀ କାର୍ଯ୍ୟକ୍ରମ ସଂଯୋଜନା ଓ ବନ୍ଦିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ତୋଷାଳି ମେଳାରେ ଫ୍ରିଡମ ଓଡ଼ିଶା ହେଡ୍ ଅମିୟ ଧଳ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳୀ ସ୍ୱଦେଶୀ ମେଳାରେ ଦେଶର ବହୁ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଦୂରଦର୍ଶୀ ସମ୍ପନ୍ନ କାର୍ଯ୍ୟଧାରା ପାଇଁ ସଫଳ ଉଦ୍ୟୋଗ 'ଫ୍ରିଡମ'ର ଓଡିଶା ହେଡ୍ ଅମିୟ କୁମାର ଧଳଙ୍କୁ ସମବାୟ, ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଅମୀୟ କହିଛନ୍ତି, ଖାଇବା ତେଲ ଫ୍ରିଡମ ଜନସାଧାରଣଙ୍କ ଶରୀରର ସୁସ୍ଥତା ଓ ସନ୍ତୁଳନ କ୍ଷେତ୍ରରେ ସର୍ବଦା ଚେଷ୍ଟିତ। ଫ୍ରିଡମ୍ ସନ୍‌ଫ୍ଲାୱାର ହେଉ କି ସୋରିଷ ତେଲ, ସଭିଙ୍କ ଗୁଣବତ୍ତା ପ୍ରତ୍ୟେକଟି ଭାରତୀୟଙ୍କ ମନକୁ ଛୁଇଁପାରିଛି। ଏଥିସହିତ ଓଡିଶାରେ ନୂତନ କରି ଫ୍ରିଡମ୍ ତେଲର ପ୍ଲାଣ୍ଟ ସ୍ଥାପନା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଇସାରିଛନ୍ତି। ଏହାଦ୍ୱାରା ଏଠାକାର ଯୁବକମାନେ ବହୁ ସଂଖ୍ୟାରେ ଏଥିରେ ନିଯୁକ୍ତି ପାଇପାରିବେ। ଏହା ରାଜ୍ୟରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

## ପଲିଥିନ୍ ମୁକ୍ତ ପରିବେଶ ସୃଷ୍ଟି କରିବାକୁ ଶପଥ

ବାରଙ୍ଗ,୨୫।୨(ଲିଙ୍ଗରାଜ ରାଉତ)

**ପ୍ରେସ୍ କ୍ଲବ ବନ୍ଧୁମିଳନ**

ମା' ସାରଙ୍ଗେଇ ପୀଠ ପରିସରରେ ବାରଙ୍ଗ ଅଞ୍ଚଳର ସର୍ବପୁରାତନ ପ୍ରେସ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ଲିଙ୍ଗରାଜ ରାଉତଙ୍କ ଅଧ୍ୟକ୍ଷତାରେ ସମସ୍ତ ଖବରଦତାଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଖବରଦାତା ବନ୍ଧୁମାନେ ବିଭିନ୍ନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ରାଜ୍ୟ ପରି ଯଦି ଓଡ଼ିଶା ସରକାର ଖବରଦାତାଙ୍କ ସୁରକ୍ଷା ଆଇନ ପ୍ରଣୟନ, ପେନସନ, କ୍ୱାର୍ଟର୍ସ ଆଦି ବ୍ୟବସ୍ଥା କରିହୁଅନ୍ତା ତେବେ ସେମାନଙ୍କ ଆର୍ଥିକ ସ୍ଥିତିର ଉନ୍ନତି ହୋଇପାରିବ ବୋଲି ଖବରଦାତାମାନେ ମତ ରଖିଥିଲେ। ଆଗାମୀ ଦିନରେ ଏ ସବୁର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଥିଲା। ଅନ୍ୟପଟେ ପଲିଥିନ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଖବରଦାତାମାନେ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ତ୍ରିଲୋଚନ ଦାସ, ପ୍ରକାଶ ଚନ୍ଦ୍ର ସାହୁ, କମଳାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସଚିଦାନନ୍ଦ ପଢିଆରି ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରମୁଗ୍ଧ କଲା 'ବ୍ଲକ୍‌ବଷ୍ଟର ହିଟ୍'

ଭୁବନେଶ୍ୱର,୨୫।୨
(ସୌମ୍ୟରଞ୍ଜନ ରାଉତ)

ଡିଲାଇଟ୍‌ସ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଏଭରଗ୍ରୀନ୍ ମେଲୋଡି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ବ୍ଲକ୍‌ବଷ୍ଟର ହିଟ୍' ସୋମବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ୍, ପ୍ରଶାନ୍ତ ପାଢ଼ୀ, କଣ୍ଠଶିଳ୍ପୀ ମହାପ୍ରସାଦ କର, ନାଲ୍‌କୋର ପୂର୍ବତନ ସିଏମ୍‌ଡି ଶ୍ରୀଧର ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପୁରୁଣା ସୁମଧୁର ସଙ୍ଗୀତର ପ୍ରଚାରପ୍ରସାର ଓ ନୂଆ କଳାକାରଙ୍କୁ ପ୍ରୋତ୍ସାହନ ଦେବାରେ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। କଣ୍ଠଶିଳ୍ପୀ ଅରୁଣଙ୍କ ଅଧ୍ୟକ୍ଷତାରେ ନୂଆ ପୁରୁଣା ହିଟ୍ ସଙ୍ଗୀତଗୁଡ଼ିକୁ ସାଗରିକା, ସିଦ୍ଧାର୍ଥ, ଚିତ୍ତରଞ୍ଜନ, ସୁଦୀପ୍ତା, ଗିରିଜା ଓ ଅନ୍ୟ କଣ୍ଠଶିଳ୍ପୀମାନେ ଗାନକରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।



ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ବ୍ଲକ୍‌ବଷ୍ଟର ହିଟ୍'ରେ ଉପସ୍ଥିତ ଅତିଥି।

## 'ଗବେଷଣା ପ୍ରତିଷ୍ଠାନ–ଶିଳ୍ପ ମଧ୍ୟରେ ସହଯୋଗ ସୁଦୃଢ଼ ଆବଶ୍ୟକ'

କଟକ,୨୫।୨(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଏବଂ ଧାନ ଗବେଷଣା କର୍ମଚାରୀ ସଂଘ ଦ୍ୱାରା କଟକସ୍ଥିତ ଅନୁଷ୍ଠାନ ପରିସରରେ ବୁଧବାର ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଧାନ ବିଜ୍ଞାନକୁ ବିସ୍ତାରଯୋଗ୍ୟ ଶିଳ୍ପ ସମାଧାନରେ ପରିଣତ କରିବା' ଶୀର୍ଷକ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ମନ୍ତ୍ରୀ ସ୍ୱାଇଁ କହିଲେ ଯେ, କୃଷକଙ୍କ ପାଇଁ ନବସୃଜନକୁ ବ୍ୟବହାରିକ ସମାଧାନରେ ପରିଣତ କରିବାକୁ ଗବେଷଣା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ସହଯୋଗ ସୁଦୃଢ଼ ହେବା ଆବଶ୍ୟକ। ଷ୍ଟାର୍ଟ–ଅପ୍ ଏବଂ ଉଦ୍ୟୋଗୀଙ୍କୁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହ ଧାନ କ୍ଷେତ୍ରରେ ସ୍ଥାୟୀ, କୃଷକ–ଅନୁକୂଳ ବିକାଶ ଦିଗରେ କାର୍ଯ୍ୟ କରିବାକୁ ସେ ଉତ୍ସାହିତ କରିଥିଲେ।


ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ଅତିଥିବୃନ୍ଦ। (ଫଟୋ: ରାଜକିଶୋର ମହାନ୍ତି)

**ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ**

ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦର ସହକାରୀ ନିର୍ଦ୍ଦେଶକ ଜେନେରାଲ (ବୌଦ୍ଧିକ ସମ୍ପତ୍ତି ଓ ପ୍ରଯୁକ୍ତିବିଦ୍ୟା ପରିଚାଳନା) ଡ. ନୀରୁ ଭୂଷଣ କହିଥିଲେ, ବୈଜ୍ଞାନିକ ଉଦ୍ଭାବନକୁ ବଜାର–ପ୍ରସ୍ତୁତ, ଚାଷୀ–କୈନ୍ଦ୍ରିକ ସମାଧାନରେ ପରିଣତ କରିବା ପାଇଁ ପ୍ରଭାବଶାଳୀ ବୌଦ୍ଧିକ ସମ୍ପତ୍ତି ପରିଚାଳନା ଏବଂ ଦୃଢ଼ ଶିଳ୍ପ–ଗବେଷଣା ସଂଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ, କୃଷକଙ୍କ ଆୟ ଓ ଗ୍ରାମୀଣ ଜୀବିକା ବୃଦ୍ଧି ପାଇଁ କୃଷି–ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା, ନବସୃଜନ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜି. ଏ. କେ. କୁମାର ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଡ. ଏମ୍.କେ. କରଙ୍କ ନେତୃତ୍ୱରେ ଡ. ବିଶ୍ୱଜିତ ମଣ୍ଡଳ ଏବଂ ଡ. ଅରୂପ କୁମାର ମୁଖାର୍ଜୀ ସହଅଧ୍ୟକ୍ଷ ଭାବେ ସମ୍ମିଳନୀ ସଂଯୋଜନା କରିଥିଲେ। ସଂଗଠନ ସଚିବ ଡ. ସୁତପା ସରକାର ଏବଂ ଡ. ଆର୍.ଏଲ୍. ବର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସାଙ୍ଗଠନିକ ସଚିବ ଡ. ଅନ୍ନାମଲାଇ ଏମ୍. ଏବଂ ଚିନ୍ମୟ ରାଉତ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗୋପାଳକୃଷ୍ଣ ଦାସଙ୍କୁ ପ୍ରାକ୍ତନ ଛାତ୍ର ଗୌରବ ସମ୍ମାନ ପ୍ରଦାନ

ଖୋର୍ଦ୍ଧା,୨୫।୨(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱଭାରତୀ ପ୍ରାକ୍ତନୀ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ଗୋପାଳକୃଷ୍ଣ ଦାସଙ୍କୁ ପ୍ରାକ୍ତନ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶା ପକ୍ଷରୁ ଆୟୋଜିତ ନବମ ବାର୍ଷିକୋତ୍ସବ ଓ



ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଏବଂ ଓଡ଼ିଆ ଉତ୍କର୍ଷ କେନ୍ଦ୍ରର ପୂର୍ବତନ ଅଧୀକ୍ଷକ ପ୍ରଫେସର ବସନ୍ତ କୁମାର ପଣ୍ଡା ଏହି ସମ୍ମାନ ପ୍ରଦାନ କରିଥିଲେ। ଶାନ୍ତିନିକେତନର ପୂର୍ବତନ ଛାତ୍ର ଗୋପାଳକୃଷ୍ଣ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ସମାବର୍ତ୍ତନ ଉତ୍ସବରେ ସମ୍ମାନିତ ହୋଇଥିଲେ। ଏଥିସହ ସ୍ୱ-ଅଙ୍କିତ ଚିତ୍ରକଳାର ପ୍ରଦର୍ଶନୀ ସହିତ ରବୀନ୍ଦ୍ର ସଙ୍ଗୀତ ଗାୟନ ଓ ବସନ୍ତ ଉତ୍ସବରେ ନୃତ୍ୟ କରି ପ୍ରଶଂସିତ ହୋଇଥିଲେ। ପ୍ରାଣନାଥ ମହାବିଦ୍ୟାଳୟରେ ୩୦ବର୍ଷର ଅଧ୍ୟାପନା କାଳରେ ଦାସ ପ୍ରାଚୀନକୀର୍ତ୍ତିର ସଂରକ୍ଷଣ ଓ ସାମାଜିକ କାର୍ଯ୍ୟ ପାଇଁ ୨ଜଣ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

### ମା' ଟଙ୍କା ନ ଦେବାରୁ ମାଡ଼ ମାରିଲେ ପୁଅ

**ବୃଦ୍ଧାଙ୍କୁ ସେବାଶ୍ରମରେ ରଖିଲା ପୋଲିସ**

ଜଟଣୀ,୨୫।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବୃଦ୍ଧା ମା' ଟଙ୍କା ନ ଦେବାରୁ ତାଙ୍କ ପୁଅ ମାଡ଼ମାରିବା ସହ ଗାଳିଗୁଲଜ କରିଥିଲେ। ଫଳରେ ବୃଦ୍ଧାଜଣଙ୍କ ଜୀବନ ବଞ୍ଚାଇବା ପାଇଁ ଘରୁ ପଳାଇ ଆସିଥିଲେ। ଏହି ଘଟଣା ଜାଣିବା ପରେ ସାମାଜିକକର୍ମୀ ଗୌତମ ମହାରଣା ପହଞ୍ଚି ଆହତ ବୃଦ୍ଧାଙ୍କୁ ଉଦ୍ଧାର କରିବା ବେଳେ ସେଠାରେ ତାଙ୍କ ପୁଅ ବିରୋଧ କରିଥିଲେ। ଏନେଇ ଗୌତମ ଜଟଣୀ ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ପିସିଆର୍ ସହାୟତାରେ ସମ୍ପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରି ରାଣୀପୁରସ୍ଥିତ ବାପା ମା'ସେବାଶ୍ରମରେ ଗୌତମ ଥଇଥାନ କରିଥିବା ଜଣାପଡ଼ିଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨୫।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହ (କନ୍ଧପାଳ) ଗ୍ରାମ ସ୍ଥିତ ମା'ମଙ୍ଗଳା ମନ୍ଦିର ପରିସରରେ ତିନିଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନରେ ସନ୍ତୋଷ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି କର୍ତ୍ତା ଭାବେ ଉପବେସନ କରଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ ଓ ମଣ୍ଡଳୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ କଳସଯାତ୍ରା, ଶାଳାପୂଜା, ଉପଚାର, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ସହ ଆହୁତି କାର୍ଯ୍ୟକ୍ରମ ହୋଇଥିଲା। ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମାଣିକଙ୍କ ସମେତ ଆଞ୍ଚଳିକ ଭକ୍ତମାନେ ସହଯୋଗ କରିଥିଲେ।

# ବୋଲଗଡ଼ ଥାନାରେ ୨୭ ଜଣଙ୍କ ଆତ୍ମସମର୍ପଣ

**ବିଡିଓଙ୍କ ସରକାରୀ ଗାଡ଼ି ଭଙ୍ଗାରୁଜା ଘଟଣା**

ବୋଲଗଡ଼,୨୫।୨(ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲାର ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବଦଳି ଦାବିରେ ଚାଲିଥିବା ଗଣଧାରଣା ଗତ ୧୮ ତାରିଖରେ ଭିନ୍ନ ମୋଡ଼ ନେଇଥିଲା। ଆନ୍ଦୋଳନକାରୀମାନେ ବ୍ଲକ୍ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ଉଦ୍ୟମ କରିବାବେଳେ ପୋଲିସ ବାଧାଦେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଉତ୍ୟକ୍ତ ହୋଇ ବିଡିଓଙ୍କ ସରକାରୀ ଗାଡ଼ି ଭଙ୍ଗାରୁଜା କରିବା ସହ ଗାଳିଗୁଲଜ କରିଥିଲେ। ସିସିଟିଭି ଫୁଟେଜ୍‌କୁ ଆଧାରକରି ବିଡିଓ ବୋଲଗଡ଼ ଥାନାରେ ୩୧ ଜଣଙ୍କ ନାମରେ ଏତଲା ଦେଇଥିଲେ। ଏନେଇ ଏକ ମାମଲା (ନଂ.୬୭/୨୬) ରୁଜୁ ପରେ ବୋଲଗଡ଼ ଥାନା ପୋଲିସ ଏବଂ ଖୋର୍ଦ୍ଧା ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଧାରଣାସ୍ଥଳରୁ ୧୩ ଜଣ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦଙ୍କୁ ଉଠାଇନେଇ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିବା ସହିତ ଆନ୍ଦୋଳନ ସ୍ଥଳରେ ଥିବା ଟେଣ୍ଟକୁ ଅପସାରଣ କରାଯାଇ ଆନ୍ଦୋଳନର ପରିସମାପ୍ତି ଘଟାଇଥିଲା। ଏହାପରେ ବୋଲଗଡ଼ ପୋଲିସ ବିଭିନ୍ନ ଦିନରେ ଏହି ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଫଳରେ ଆନ୍ଦୋଳନକାରୀ ଜନପ୍ରତିନିଧିଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ମାଣିବନ୍ଧ ସରପଞ୍ଚ ସୁନନ୍ଦିତା ବରାଳ, ସାଗରଗୁଆଁ ସରପଞ୍ଚ ରମାମଣି ଦେଇ, ଅସରଳା ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ଗୋଡ଼ିଆପଲ୍ଲୀ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା, ବେଗୁନିଆ ବ୍ଲକର ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଓରଫ୍ ବାବାଜି, ପୂର୍ବତନ ସମିତିସଭ୍ୟ ବୀର ଦାସ, ଗୋଲକ ରାଉତରାୟ, ବଂଶୀଧର ସାହୁ ଓରଫ୍ ଚିଟୁଆ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ବେହେରା ଓରଫ୍ ଅନନ୍ତଙ୍କ ସମେତ ବିଜେଡିର ୨୭ ଜଣ ନେତା ଓ କର୍ମୀ ବୁଧବାର ସନ୍ଧ୍ୟାରେ ବୋଲଗଡ଼ ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଏହି ଘଟଣାର ତଦନ୍ତକାରୀ ଅଧିକାରୀ ତଥା ଥାନା ଆଇଆଇସି ସୁକାନ୍ତ ଦଳାଇ ଆତ୍ମସମର୍ପଣକାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା ୩୫(୩)ରେ ଜାମିନ ପ୍ରଦାନ କରିଥିଲେ। ଆଗାମୀ ଦିନରେ କୌଣସି ବିଶୃଙ୍ଖଳା ନ କରିବା ପାଇଁ ସେମାନଙ୍କୁ ତାଗିଦ କରି ଛାଡ଼ିଦିଆଯାଇଛି ବୋଲି ଆଇଆଇସି ଦଳାଇ କହିଛନ୍ତି। ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଉପସ୍ଥିତ ଥିଲେ।

## ପିଏମ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କିତ ସଚେତନତା ଶିବିର



କୃଷ୍ଣପ୍ରସାଦ,୨୫।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଟିପିଏସଓଡିଏଲ ମାଲୁଦ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସହଯୋଗରେ ବ୍ଲକସ୍ତରୀୟ ପିଏମ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, ସିପି ପ୍ରଭାତ କୁମାର ଜେନା, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା, ବିପ୍ଳବ କେଶରୀ ପ୍ରଧାନ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସନ୍ତୋଷ କୁମାର ନାହାକ, ପ୍ରଶାନ୍ତ କୁମାର ଦାସ, ପ୍ରଭୁଜିତ ଶାହା ପ୍ରମୁଖ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସର୍କଲ ପିଏମ୍ ସୂର୍ଯ୍ୟଘର ଯୋଜନା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ମାର୍ଥା ଯୋଗଦେଇ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବ୍ଲକ୍ ଅନ୍ତର୍ଗତ ୧୪ଟି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଓମାନେ ଅଂଶଗ୍ରହଣ କରିଥିଲେ। ବିଡିଓ ପଣ୍ଡା ଯୋଜନାର ସଫଳତା ଦିଗରେ ସଚେତନତା କରାଇବା ସହ ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଅଞ୍ଚଳରେ ୧ହଜାର ସୌର ପ୍ୟାନେଲ ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ସହାୟକ କାଶୀମ ମହମ୍ମଦ, ଇଣ୍ଟରନେଟ ପରିଚାଳକ ଆଲୋକ ଖୁଣ୍ଟିଆ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରଥ ନିର୍ମାଣ ପାଇଁ ବିଶ୍ୱକର୍ମାଙ୍କୁ ଦିଆଗଲା ନିମନ୍ତ୍ରଣପତ୍ର



କପିଳେଶ୍ୱର ଦେବଙ୍କ ରଥଖଳାରେ ରଥ ନିର୍ମାଣ ପାଇଁ ରହିଥିବା କାଠ।

**କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା**

ନିରାକାରପୁର,୨୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପାରମ୍ପରିକ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା ଚଳିତବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅର୍ଥାତ୍ ମାର୍ଚ୍ଚ ୨୬ରେ ଅନୁଷ୍ଠିତ ହେବ। ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଠାକୁରଙ୍କ ପରିଚାଳନା କମିଟି, ଗ୍ରାମବାସୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ରଥଖଳାରେ ରଥ ନିର୍ମାଣ ନିମନ୍ତେ ଆବଶ୍ୟକ କାଠ ଆସି ପହଞ୍ଚିସାରିଛି। ସେହିପରି ରାମେଶ୍ୱର ପଞ୍ଚାୟତସ୍ଥିତ ମଧୁବନ ଗ୍ରାମର ବିଶ୍ୱକର୍ମା (ରଥ କାରିଗର)ଙ୍କ ପାଖରେ ପରିଚାଳନା କମିଟି ସଦସ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର, ବାବୁଲି ପରିଡ଼ା, ଅଜୟ କୁମାର ମହାନ୍ତି, ବାଲୁଙ୍କେଶ୍ୱର ଦାଶ ପ୍ରମୁଖ ଗତ ମଙ୍ଗଳବାର ସନ୍ଧ୍ୟାରେ ପହଞ୍ଚି ରଥ ତିଆରି କରିବା ପାଇଁ ନିମନ୍ତ୍ରଣପତ୍ର ଦେଇ ଫେରିଛନ୍ତି। ନିୟମ ଅନୁଯାୟୀ, ଆସନ୍ତା ଦୋଳପୂର୍ଣ୍ଣିମାରେ ରଥ ନିର୍ମାଣ ଅନୁକୂଳ ହେବାକୁ ଥିବାବେଳେ ଉକ୍ତ ଦିବସରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ପୂର୍ବରୁ ଏହି କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

### ଘନଶ୍ୟାମଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'

ଭୁବନେଶ୍ୱର,୨୫।୨ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ 'ସମର୍ପଣ'ର ପ୍ରଥମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସର୍କଲର ଯୁଗ୍ମ ସଚିବ ସଙ୍ଗୀତା ଗୋସ୍ୱାମୀ, ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, କଣ୍ଠଶିଳ୍ପୀ ମିନି ସିଂ, ବିଧୁଭୂଷଣ ମହାନ୍ତି, ରାଜିନ୍ଦର ଓ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କୋଲକାତାର ବିଦୂଷୀ ଲୋଏଲ ଭଟ୍ଟାଚାର୍ଯ୍ୟ ଓ କୁନ୍ତଳ ଦାସ ହିନ୍ଦୀ ଓ ବଙ୍ଗଳାରେ ସୁଫି ଓ ଭକ୍ତିମୟ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ହାରମୋନିୟମ୍‌ରେ ଆକାଶ ରଞ୍ଜୀବ ବିଶ୍ୱାଳ ସହଯୋଗ କରିଥିଲେ। ଏହି ଅବସରରେ କଳାକାର ଘନଶ୍ୟାମ ପଣ୍ଡାଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଅନ୍ୟ ଏକ ଉପସ୍ଥାପନାରେ ଜନାବ ଅତୀଲ ହୁସେନ ଖାନ୍ ବଦାନୱାଲୀ ଏବଂ ତାଙ୍କ ଦଳ ସୁଫି କୱାଲୀ ପରିବେଷଣ କରିଥିଲେ। ତାଙ୍କୁ ଜନାବ ସାହବାକ ହୁସେନ ଖାନ ହାରମୋନିୟମ୍‌ରେ, ଜନାବ ହାସିଫ ହୁସେନ ଖାନ ଏବଂ ଜନାବ ଆସିଫ ହୁସେନ ଖାନ କୋରସ୍‌ରେ ଏବଂ ଜନାବ ମହମ୍ମଦ ତାବଲାରେ ସହଯୋଗ କରିଥିଲେ।

## ୨୭ରେ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ



ଭୁବନେଶ୍ୱର,୨୫।୨ (ସୌମ୍ୟରଞ୍ଜନ ରାଉତ)

ପ୍ରସିଦ୍ଧ ଭାରତୀୟ ଲେଖକ ମନୋଜ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଉତ୍ସବ ଆସନ୍ତା ୨୭ ତାରିଖରେ ଗୀତ ଗୋବିନ୍ଦ ସଦନଠାରେ ପାଳନ ହେବ। ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଉତ୍ସବରେ ମନୋଜଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରାଯିବ। ସଂସଦ ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଖ୍ୟାତ ସମାଲୋଚକ ଓ କଥାକାର ଡ. ଆଦିକନ୍ଦ ସାହୁ, ମୁଖ୍ୟବକ୍ତା ଭାବେ କଥାକାର ଯଶୋଧାରା ମିଶ୍ର, ସମ୍ମାନିତ ଅତିଥି ଭାବେ ପବିତ୍ର ମୋହନ ଦାଶ ପ୍ରମୁଖ ଯୋଗଦେବେ ବୋଲି ବୁଧବାର ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସଂସଦ ସମ୍ପାଦକ ଗୌତମବୁଦ୍ଧ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଉପଦେଷ୍ଟା ରଞ୍ଜିତା ଦାସ, ସାହିତ୍ୟିକ ପବିତ୍ର ମୋହନ କର, ଅମିତାଭ ଖିଲାର, କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ, ସହ ସମ୍ପାଦକ ରାମଜୀବନ ଗୋଚ୍ଛାୟତ, ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁନ୍ ସୁଦ୍ଧା ୩ ଲକ୍ଷ କୋଟିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

**ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମୀକ୍ଷା ବୈଠକ**

ଭୁବନେଶ୍ୱର,୨୫।୨(ସୁଚିସ୍ମିତା ସାହୁ)



ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅଧିକାରୀମାନେ।

ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ବିଭାଗ ଅଣ୍ଟା ଭିଡ଼ିଛି। ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ଏବଂ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦିତ ଶିଳ୍ପ ପ୍ରକଳ୍ପଗୁଡ଼ିକୁ କିପରି ଶୀଘ୍ର ବାସ୍ତବ ରୂପାୟନ କରାଯିବ ସେନେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିସ୍ତୃତ ଆଲୋଚନା କରିବା ସହ ସମୀକ୍ଷା କରିଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ହୋଇ ଏବଂ ସମନ୍ୱୟବଦ୍ଧ ଭାବେ କାର୍ଯ୍ୟକରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ତଥା ଜୁନ୍ ୨୦୨୬ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶରେ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ସେ ଶିଳ୍ପ ବିଭାଗକୁ ଟାର୍ଗେଟ୍ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଶିଳ୍ପାୟନ ହିଁ ରାଜ୍ୟ ଅର୍ଥନୈତିକ ପ୍ରଗତିର ମୂଳଦୁଆ। ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ ଏବଂ ଏଚ୍‌ଏଲ୍‌ସିଏ ଦ୍ୱାରା ମୋଟ ୩୯୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ମୋଟ୍ ୮.୧୫ ଲକ୍ଷ କୋଟି ଟଙ୍କା ନିବେଶ ହେଉଥିବାବେଳେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ୨.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୧୦୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ସରିଛି। ଏହା ମାଧ୍ୟମରେ ପ୍ରାୟ ୧.୭୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବାକୁ ଯାଉଛି। ବାକି ରହିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରି ରାଜ୍ୟର ଯୁବପିଢ଼ିଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି କରିବାକୁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଡ୍‌କୋ ଏବଂ ଇପିକଲ୍‌ର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଜଗନ୍ନାଥ ସଂସ୍କୃତିରେ ପ୍ରେମ, କରୁଣା ଅଛି

**ରାଜ୍ୟ ଅଭିଲେଖାଗାରରେ ୯୨ତମ ସଂସ୍କୃତି ଚର୍ଚ୍ଚା**

ଭୁବନେଶ୍ୱର,୨୫।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୯୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନରେ 'ଓଡ଼ିଶା ସଂସ୍କୃତି: ପ୍ରେମ ଓ କରୁଣା' ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଯୋଗଦେଇ କହିଲେ, କରୁଣାର ଅର୍ଥ ସମ୍ବେଦନା ନୁହେଁ, ଏହା ସମ୍ବେଦନାଠାରୁ ଆଉ କିଛି ପାଦ ଆଗରେ ଅର୍ଥାତ୍ ସାଥିରେ ରହି ଦୁଃଖ ସହିବା। ଜଗନ୍ନାଥ ସଂସ୍କୃତିରେ କେବଳ ପ୍ରେମ ଅଛି ଏବଂ କରୁଣା ଅଛି। ଓଡ଼ିଶାର ଭୀମ ଭୋଇ କହିଛନ୍ତି, 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' । ଏହାର ଅର୍ଥ ସମସ୍ତେ ଆନନ୍ଦିତ ହୁଅନ୍ତୁ ଏବଂ ସମସ୍ତଙ୍କର ବିଷାଦ କଟିଯାଉ। ଜଗନ୍ନାଥ ସଂସ୍କୃତି ସହ ଯେଉଁମାନେ ସଂଯୋଜିତ ସେମାନେ କେବଳ ଭାବପ୍ରବଣ ହୋଇପାରନ୍ତି, ପ୍ରେମ ପ୍ରବଣ ହୋଇପାରନ୍ତି, କରୁଣା ପ୍ରବଣ ହୋଇପାରନ୍ତି, ଯେଉଁଥିପାଇଁ ଜଗନ୍ନାଥଙ୍କୁ ଆମେ ଆମର ଘରର ମୁରବି ମନେକରୁ ଏବଂ ପ୍ରଥମ ନିମନ୍ତ୍ରଣ ନେଇ ତାଙ୍କ ପାଖରେ ପହଞ୍ଚୁ ବୋଲି ସେ ମତପ୍ରକାଶ କରିଥଲେ। ମୁଖ୍ୟବକ୍ତା ଭାବେ ଲେଖକ ଡ. ଗୌରହରି ଦାସ କହିଲେ, ଭାରତବର୍ଷର ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ଏଭଳି ଏକ ଅନନ୍ୟ ରାଜ୍ୟ ଯାହା ହଜାର ହଜାର ବର୍ଷ ଧରି ପ୍ରେମ ଓ କରୁଣାକୁ ଗୁରୁତ୍ୱ ଦେଇ ଆସିଛି। ବହୁବର୍ଷ ଧରି ଏ ରାଜ୍ୟ ଜୈନ-ବୌଦ୍ଧ ଧର୍ମର ପ୍ରଭାବରେ ପ୍ରଭାବିତ ହୋଇଥିଲା ବେଳେ ଶ୍ରୀଜଗନ୍ନାଥ ସଂସ୍କୃତି ଏହାକୁ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ଏକ ମୈତ୍ରୀଭାବରେ ସମଗ୍ର ମଣିଷ ସମାଜକୁ ଦେଖିବାର ସାମର୍ଥ୍ୟ ଦେଇଛି। ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ୩ ମାସରେ ମାଙ୍କଡ଼ କାମୁଡ଼ାରେ ୨୦ରୁ ଊର୍ଦ୍ଧ୍ୱ ଆହତ

**ନିରାକାରପୁରରେ ମାଙ୍କଡ଼ଙ୍କ ଉପଦ୍ରବ**

ନିରାକାରପୁର,୨୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲଗିଛି। ଗତ ୩ମାସ ମଧ୍ୟରେ ଉକ୍ତ ଅଞ୍ଚଳରେ ମାଙ୍କଡ଼ କାମୁଡ଼ାରେ ୨୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ପିଲାମାନେ ଆହତ ହୋଇଥିବା ଜଣାପଡ଼ିଛି। ଏବେବି କେତେଜଣ ଆହତ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି। ଏନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ବୁଧବାର ସକାଳେ ନନପଡ଼ା ଗ୍ରାମର ଜଣେ ମହିଳା ମର୍ଣ୍ଣିଂୱାକ୍ ପାଇଁ ଯାଉଥିବା ବେଳେ ଏକ ମାଙ୍କଡ଼ ହଠାତ୍ ତାଙ୍କୁ କାମୁଡ଼ି ଦେଇଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ମହିଳାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ନେଇଥିଲେ। ତେବେ ଏ ସମ୍ପର୍କରେ ଭୁଷଣ୍ଡପୁର ଫରେଷ୍ଟର ଦୁଃଶାସନ ନାୟକ କହିଛନ୍ତି, କିଛିଦିନ ପୂର୍ବେ ମାଙ୍କଡ଼କୁ ଟାଙ୍କୁଲାଇଜସନ କରିବା ପାଇଁ ଯାଇଥିଲୁ। ହେଲେ ଲୋକେ ମାଙ୍କଡ଼ କେଉଁଠି ଅଛି ଦେଖାଇ ପାରିଲେ ନାହିଁ।

## ବ୍ୟବସାୟୀ ମନ୍ମଥ ଚମ୍ପତିଙ୍କ ପରଲୋକ

ବେଗୁନିଆ,୨୫।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମର ମନ୍ମଥ ଚମ୍ପତି (୫୬)ଙ୍କ ମଙ୍ଗଳବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ପେସାରେ ଜଣେ ଫାର୍ମାସିଷ୍ଟ ହୋଇଥିବା ବେଳେ ସିକୋ ବଜାରରେ ଏକ ଔଷଧ ଦୋକାନ କରିଥିଲେ। ତାଙ୍କ ବିୟୋଗରେ ବୁଧବାର ବଜାର ବନ୍ଦ ରହିଥିଲା। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଆତ୍ମୀୟସ୍ୱଜନ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ।

## କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

**ପାଇକ ଫାଇଟର୍ସ ବିଜୟୀ**

ଖୋର୍ଦ୍ଧା,୨୫।୨(ପ୍ରଭାତ ପାଣିଗ୍ରାହୀ)




ଅତିଥିଙ୍କ ଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦରଠାରେ ସ୍ୱତିକ୍ କ୍ଳବ ପକ୍ଷରୁ ବୁଧବାର କାଇପଦର ପ୍ରିମିୟର ଲିଗ୍(କେପିଏଲ) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ପାଇକ ଫାଇଟର୍ସ ଏବଂ ବାବା ୱାରିଅର୍ସ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାଇକ ଫାଇଟର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୮ଉଇକେଟ ବିନିମୟରେ ୧୧୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ମଙ୍ଗରାଜ ୪୫ରନ କରିଥିଲେ। ଜବାବରେ ବାବା ୱାରିଅର୍ସ ଟିମ୍ ୧୩.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ପାଇକ ଫାଇଟର୍ସ ଟିମ୍ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଚନ୍ଦ୍ରକାନ୍ତ ସାମନ୍ତସିଂହାର ୩ ଓଭରରେ ୬ରନ ଦେଇ ୪ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ଶାନୁଜ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାସିଂହ, ବ୍ଲକ ଭାଇସ ଚେୟାରମ୍ୟାନ ପ୍ରକାଶ ସାମନ୍ତରାୟ, ବିଜୟ କୁମାର ଅରିସଲ, ବିଭୁ ପ୍ରସାଦ ବଳିୟାରସିଂହ, ସୁଟୁ ପାଇକରାୟ, ଭାରତ ସିଂହ, ଶ୍ୟାମ ସୁନ୍ଦର ଶ୍ରୀଚନ୍ଦନ, ଭିକାରୀ ବଳିୟାରସିଂହ, ଗୋପୀନାଥ ମହାରଥି, ଶରତ ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜେଶ ସୁବୁଦ୍ଧି, ଶୁଭ ରଣସିଂହ, କୁଲୁ ରାଉତରାୟ, ଦିଲୀପ ସାହୁ, ତାରା ପ୍ରସାଦ ପାଲଟାସିଂହ, ଆଦିତ୍ୟ ବଳିୟାରସିଂହ, ତପୁ ରଣସିଂହ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ବାଲ୍ୟବିବାହ ରୋକିବାକୁ ସଚେତନତା

କଣ୍ଡାପଡ଼ା,(ସୁରନାରାୟଣ ସାହୁ):ବାଲ୍ୟବିବାହ ରୋକିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସେବକ ସମାଜ ଓ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନର ମିଳିତ ସହଯୋଗରେ ସଚେତନତା ରଥକୁ କଣ୍ଡାପଡ଼ା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ବୁଧବାର ସ୍ୱାଗତ କରାଯାଇଛି। ଉତ୍କଳ ସେବକ ସମାଜ ସମ୍ପାଦକ ଡ. ଅମାୟ ଭୂଷଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ରଥ କଣ୍ଡାପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡା, ସିଡିପିଓ ସ୍ୱପ୍ନାରାଣୀ ପଟ୍ଟନାୟକ ଏହି ରଥକୁ ସ୍ୱାଗତ ଜଣାଇଥିଲେ। ଅଙ୍ଗନୱାଡି ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀ ସିଆରପି ପ୍ରମୋଦ କୁମାର ଓଝା ବାଲ୍ୟବିବାହର କୁପରିଣତି ସମ୍ପର୍କରେ ସଚେତନ କରାଇଥିଲେ। ଏ ଟୁ ଜେ ପ୍ରକଳ୍ପ କର୍ମୀ ମନ୍ଦାକିନୀ ଭଞ୍ଜ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

# 'ଗବେଷଣା ପ୍ରତିଷ୍ଠାନ-ଶିଳ୍ପ ମଧ୍ୟରେ ସହଯୋଗ ସୁଦୃଢ଼ ଆବଶ୍ୟକ'

କଟକ,୨୫।୨(କାର୍ତ୍ତିକ ସାହୁ)



ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ଅତିଥିବୃନ୍ଦ। (ଫଟୋ: ରାଜକିଶୋର ମହାନ୍ତି)

କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଏବଂ ଧାନ ଗବେଷଣା କର୍ମଚାରୀ ସଂଘ ଦ୍ୱାରା କଟକସ୍ଥିତ ଅନୁଷ୍ଠାନ ପରିସରରେ ବୁଧବାର ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଧାନ ବିଜ୍ଞାନକୁ ବିସ୍ତାରଯୋଗ୍ୟ ଶିଳ୍ପ ସମାଧାନରେ ପରିଣତ କରିବା' ଶୀର୍ଷକ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ମନ୍ତ୍ରୀ ସ୍ୱାଇଁ କହିଲେ ଯେ, କୃଷକଙ୍କ ପାଇଁ ନବସୃଜନକୁ ବ୍ୟବହାରିକ ସମାଧାନରେ ପରିଣତ କରିବାକୁ ଗବେଷଣା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ସହଯୋଗ ସୁଦୃଢ଼ ହେବା ଆବଶ୍ୟକ। ଷ୍ଟାର୍ଟ-ଅପ୍ ଏବଂ ଉଦ୍ୟୋଗୀଙ୍କୁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହ ଧାନ କ୍ଷେତ୍ରରେ ସ୍ଥାୟୀ, କୃଷକ-ଅନୁକୂଳ ବିକାଶ ଦିଗରେ କାର୍ଯ୍ୟ କରିବାକୁ ସେ ଉତ୍ସାହିତ କରିଥିଲେ।

**ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ**

ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦର ସହକାରୀ ନିର୍ଦ୍ଦେଶକ ଜେନେରାଲ (ବୌଦ୍ଧିକ ସମ୍ପତ୍ତି ଓ ପ୍ରଯୁକ୍ତିବିଦ୍ୟା ପରିଚାଳନା) ଡ. ନୀରୁ ଭୂଷଣ କହିଥିଲେ, ବୈଜ୍ଞାନିକ ଉଦ୍ଭାବନକୁ ବଜାର-ପ୍ରସ୍ତୁତ, ଚାଷୀ-କୈନ୍ଦ୍ରିକ ସମାଧାନରେ ପରିଣତ କରିବା ପାଇଁ ପ୍ରଭାବଶାଳୀ ବୌଦ୍ଧିକ ସମ୍ପତ୍ତି ପରିଚାଳନା ଏବଂ ଦୃଢ଼ ଶିଳ୍ପ-ଗବେଷଣା ସଂଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ, କୃଷକଙ୍କ ଆୟ ଓ ଗ୍ରାମୀଣ ଜୀବିକା ବୃଦ୍ଧି ପାଇଁ କୃଷି-ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା, ନବସୃଜନ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜି. ଏ. କେ. କୁମାର ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଡ. ଏମ୍.କେ. କରଙ୍କ ନେତୃତ୍ୱରେ ଡ. ବିଶ୍ୱଜିତ ମଣ୍ଡଳ ଏବଂ ଡ. ଅରୂପ କୁମାର ମୁଖାର୍ଜୀ ସହଅଧ୍ୟକ୍ଷ ଭାବେ ସମ୍ମିଳନୀ ସଂଯୋଜନା କରିଥିଲେ। ସଂଗଠନ ସଚିବ ଡ. ସୁତପା ସରକାର ଏବଂ ଡ. ଆର୍.ଏଲ୍. ବର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସାଙ୍ଗଠନିକ ସଚିବ ଡ. ଅନ୍ନାମଲାଇ ଏମ୍. ଏବଂ ଚିନ୍ମୟ ରାଉତ ସହଯୋଗ କରିଥିଲେ।

# ଆନ୍ଦୋଳନକୁ ବିଭିନ୍ନ ସାମାଜିକ ସଙ୍ଗଠନର ସମର୍ଥନ

କଟକ,୨୫।୨(କୁମାରଶ୍ରୀ)

**ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି**

କଟକ ଜିଲା ପ୍ରଶାସନ ସହିତ ଆଲୋଚନା ପରେ ମଧ୍ୟ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଧାରଣା ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ସେମାନେ କହିଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବୁଧବାର କଟକ ବରିଷ୍ଠ ନାଗରିକ ମହାସଭା, ଶୈଳବାଳା ପୁରାତନ ଛାତ୍ରୀ ସଂଘ, ମଧୁସ୍ମୃତି ସୁରକ୍ଷା ମଞ୍ଚ, ଗ୍ରେଟର କଟକ ମୁଭ୍‌ମେଣ୍ଟ, ନୀଳଚକ୍ର ଅନୁଷ୍ଠାନର ସଦସ୍ୟାସଦସ୍ୟମାନେ ମଧୁସୂଦନ ସଂଗ୍ରହାଳୟ ସମ୍ମୁଖରେ ଧାରଣାରତ ଛାତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ରାଜ୍ୟର ସର୍ବପ୍ରଥମ ମହିଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ ବୋଲି ସଙ୍ଗଠନଗୁଡିକ ଦାବି ରଖିଛନ୍ତି। ପ୍ରକାଶଯୋଗ୍ୟ, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ନେଇ ଗତ ଏକମାସ ହେବ ଛାତ୍ରୀମାନେ ଧାରଣା ଦେଉଛନ୍ତି। ଗତ ଶନିବାର ଛାତ୍ରୀମାନେ ରାସ୍ତାରୋକୋ କରିଥିଲେ। ମଙ୍ଗଳବାର ଏନେଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହ ବୈଠକ ବସିଥିଲା। ମାତ୍ର ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ୧୧୩ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିବା ସତ୍ତ୍ୱେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ନାମରେ ଏହାର ଜମି ମାଲିକାନା ସୂତ୍ରରେ ନାହିଁ। ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ପୂର୍ବରୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପୂର୍ବରୁ ଲାଗି ରହିଥିବା କିଛି ସମସ୍ୟାର ସମାଧାନ କରାଯିବା ସହ ଏହାର ଭିତ୍ତିଭୂମି ବୃଦ୍ଧି କରାଯିବ ବୋଲି ପ୍ରଶାସନିକସ୍ତରୀୟ ବୈଠକରେ ଘୋଷଣା କରାଯାଇଥିଲା।



ଆନ୍ଦୋଳନକୁ ସମର୍ଥନ ଜଣାଉଥିବା ବିଭିନ୍ନ ସାମାଜିକ ସଙ୍ଗଠନ ସଦସ୍ୟାସଦସ୍ୟ ବୃନ୍ଦ।

## ସଂକ୍ଷେପରେ

### ୪୨ମୌଜା ସମସ୍ୟା ଦୂର ପାଇଁ ବିଧାୟକଙ୍କୁ ଦାବିପତ୍ର

କଟକ ସଦର,୨୫।୨(ସୁଶାନ୍ତ କୁମାର ଜେନା)

ସାମାଜିକ ସଙ୍ଗଠନ ଅଭିନବ ବୟାଳିଶ ମୌଜା ପକ୍ଷରୁ ମଙ୍ଗଳବାର କଟକ ସଦର ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ଏକ ପ୍ରତିନିଧିମଣ୍ଡଳୀ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଭେଟି ଏହି ଦାବିପତ୍ର ଦେଇଥିଲେ। ୪୨ ମୌଜାର ୬ଟି ପଞ୍ଚାୟତର ପ୍ରମୁଖ ମୌଳିକ ସମସ୍ୟା ମଧ୍ୟରେ କଟକ ସହରକୁ ସଂଯୋଗ କରୁଥିବା ସେତୁ ପୁରୁଣା ହୋଇଯାଇଥିବା, ମୁଖ୍ୟ ରାସ୍ତାର ଝିଙ୍କିରିଆ ଠାରୁ ଚାନ୍ଦୁଲି ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା, ଏକ କେନ୍ଦ୍ରୀୟ ପାଠାଗାର ନିର୍ମାଣ ସମ୍ପର୍କରେ ଦାବି କରାଯାଇଛି। ଏହି ଅବସରରେ ସଙ୍ଗଠନର ସମ୍ପାଦକ ସତ୍ୟନାରାୟଣ ଦାଶ, ସତ୍ୟବ୍ରତ ଦୀକ୍ଷିତ, କାଳୀପ୍ରସନ୍ନ ଶତପଥୀ, ଅଗ୍ନି ମହାପାତ୍ର, ସ୍ୱାଗତ ନାୟକ, ତୃପ୍ତି ରଞ୍ଜନ ପତି, ବିଷ୍ଣୁ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା

କଟକ ସଦର,୨୫।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତସ୍ଥିତ ଗିରିଧାରୀ ମଠରେ ବୁଧବାର ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କର୍ମଶାଳାରେ କଟକ ସଦର ବ୍ଲକ ଆତ୍ମାର ସଭାପତି ରମାପ୍ରସାଦ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ପଦ୍ମିନୀ ବଳ, ମନିଷା ରାଉତ, ଦେବାଶିଷ ଦାଶ, ସରୋଜିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଚାଷୀମାନେ ଅମୃତଭଣ୍ଡା, ପିଜୁଳି ଓ କୋଳି ଚାଷ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ରଘୁନାଥ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଘୁନାଥଜୀଉ କଲେଜରେ ବିକଶିତ ଭାରତ ଯୁବ ସଂସଦ



ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଅଧ୍ୟାପକ।

କଟକ,୨୫।୨(କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନାର କଟକ ଜିଲା ମୁଖ୍ୟ ଅଧିକାରୀ ଡ. ସନ୍ଧ୍ୟା ସାୟନ୍ତନି ମହାନ୍ତି, ସହଅଧିକାରୀ ମହେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥଜୀଉ ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ୍ ମୁଖ୍ୟ ତଥା କାର୍ଯ୍ୟକ୍ରମ ଅଧିକାରୀ ଡ. ସରୋଜ କୁମାର ଦାଶ କାର୍ଯ୍ୟକ୍ରମର ରୂପରେଖ କହିଥିଲେ। ଏହି ଅବସରରେ ଆୟୋଜିତ ତର୍କ 'ଜରୁରିକାଳୀନ ପରିସ୍ଥିତିର ୫୦ ବର୍ଷ : ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା' ଶୀର୍ଷକ ପ୍ରତିଯୋଗିତାରେ ସମଗ୍ର ଜିଲାର ବିଭିନ୍ନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ବିଚାରକ ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଫେସର ଡ. ରତ୍ନାକର ରାୟ, ରଘୁନାଥଜୀଉ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଅକ୍ଷୟ କୁମାର ନାୟକ ଏବଂ ମାଇଁ ଭାରତ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

### ୧୯୯୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଫୁଲନଖରା,୨୫।୨(ସତ୍ୟରଞ୍ଜନ ଦାସମହାପାତ୍ର)

ବମ୍ଭକୁଦସ୍ଥିତ ଶ୍ରୀଜଗନ୍ନାଥ ବିଦ୍ୟାପୀଠର ୧୯୯୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୨୬ ବର୍ଷ ପରେ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇଥିବାରୁ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସାଗର କୁମାର ଜେନା, ସରୋଜ ଜେନା, ପୀୟୂଷ ରଞ୍ଜନ ମହାପାତ୍ର, ଅଞ୍ଜନ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ସଞ୍ଜୟ କୁମାର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

କଟକ,୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)

ସଂସଦରେ ଲୋକ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଶାସକ ଦଳ ପକ୍ଷରୁ ବାରମ୍ବାର ଅପଶବ୍ଦ ପ୍ରୟୋଗ କରାଯାଉଥିବା କଟକ ଜିଲା କଂଗ୍ରେସ କମିଟି ଅଭିଯୋଗ ଆଣିବା ସହ ଏହାକୁ ବିରୋଧ କରିଛି। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଏବଂ ଶାସକ ଦଳର ଏମ୍‌ପି ଓ ବିଧାୟକମାନଙ୍କୁ ଗିରଫ କରାଯିବାକୁ ମଧ୍ୟ ଦାବି କରାଯାଇଛି। ଏ ନେଇ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କୁ ଦାବିପତ୍ର ଦିଆଯାଇଛି। କଂଗ୍ରେସ କର୍ମୀମାନେ ରାଧାନାଥ ଟ୍ରେନିଂ କଲେଜ ନିକଟରୁ ଶୋଭାଯାତ୍ରାରେ ବାହାରି ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଆନ୍ଦୋଳନରେ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ବାଙ୍କନିଧି ବେହେରା, ତ୍ରିଲୋଚନ ମହାନ୍ତି, ନାରାୟଣ ଦ୍ୱିବେଦୀ, ପ୍ରତାପ ମଲ୍ଲିକ, ଶିଶିରକାନ୍ତ ମିଶ୍ର, ଜଗନ୍ନାଥ ସାହୁ, ନିରଞ୍ଜନ ଲେଙ୍କା ଏବଂ ଆଶୁତୋଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା କଂଗ୍ରେସ କର୍ମୀ।

### ହୋମିଓପ୍ୟାଥି ଚିକିତ୍ସା ଶିବିର

ଚୌଦ୍ୱାର,୨୫।୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ହରିଅନ୍ତା ପଞ୍ଚାୟତ ଅଧୀନ ନିମାପଡ଼ା ଗ୍ରାମରେ ଏକ ଦାତବ୍ୟ ହୋମିଓପ୍ୟାଥି ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋମିଓପ୍ୟାଥି ଫିଜିସିଆନ୍ ଆସୋସିଏଶନ୍ ସହଯୋଗରେ ସନାତନ ଭାଗବତ ପ୍ରଚାର ସମିତି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ସୋଫିଆ ବିବି ଉଦ୍‌ଘାଟନ କରିଥିଲେ। ଶିବିରରେ ଡା. ସୁଲିପ୍ତ କୁମାର ମହାନ୍ତି, ଡା. ରଜତ କୁମାର ଷଡ଼ଙ୍ଗୀ, ଡା. ମନୋଜ କୁମାର ସାହାଣୀ ଶତାଧିକ ରୋଗୀଙ୍କ ରୋଗ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ବଳ, ବିଶ୍ୱନାଥ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ପଣ୍ଡିତ ଅକ୍ଷୟ କୁମାର ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିମାସରେ ଏଭଳି ଶିବିର ଆୟୋଜନ କରାଯିବ ବୋଲି କହିଥିଲେ। ପରମାନନ୍ଦ ସାହୁ, ହୃଷିକେଶ ମହାନ୍ତି, ମାନସ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ମନୋରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଚୌଦ୍ୱାର ମହିଳା ନଗର ବିଜେଡିର ବନ୍ଧୁମିଳନ

ଚୌଦ୍ୱାର,୨୫।୨(ଆଶୁତୋଷ ଦାସ)

ଚୌଦ୍ୱାର ନଗର ମହିଳା ବିଜେଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା ନଗର ସଭାପତି କବିତାରାଣୀ ଲେଙ୍କାଙ୍କ ପୌରୋହିତ୍ୟରେ ସ୍ଥାନୀୟ ପୋଟଳେଇ ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଲୋକମାନଙ୍କ ଘରକୁ ଘର ଯାଇ ସେମାନଙ୍କ ସମସ୍ୟା ଓ ତା'ର ସମାଧାନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କଟକ ଜିଲା ସାଧାରଣ ସମ୍ପାଦକ ଶୁଭେନ୍ଦୁ ସାମଲ, କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା, ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବା ସହିତ ୱାର୍ଡସ୍ତରରେ ଲୋକଙ୍କ ସହିତ ବୈଠକ କରି କିଭଳି ଭାବେ ଦଳ ବିପୁଳ ବିଜୟଲାଭ କରିବ ସେ ବିଷୟରେ ଆଲୋଚନା କରିଥିଲେ। ମହିଳା ନେତ୍ରୀ ସବିତା ନାୟକ, ଶ୍ରଦ୍ଧାଭାରତୀ କାନୁନଗୋ, ବୀଣାପାଣି ଦାସ, ମୀନା ଚୌଧୁରୀ, ସରସୀ ଚୌଧୁରୀ, ଶୁଭଲକ୍ଷ୍ମୀ ବେହେରା, ସସ୍ମିତା ରାୟ, ଶ୍ରୀଗ୍ମା ଶର୍ମା ଓ କଳ୍ପନା ଜେନାଙ୍କ ସମେତ ବହୁ ମହିଳା ବିଜେଡି ନେତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳା ବିଜେଡିର କର୍ମୀମାନେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ମହୋତ୍ସବ 'ବୀରୋଦୟ'

କଟକ,୨୫।୨(କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ ବୀରୋଦୟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ତଥା ରାଜ୍ୟ ବାହାରର ସମୁଦାୟ ୨୩ଟି ବିଶ୍ୱବିଦ୍ୟାଳୟର ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ କ୍ରିକେଟ, ଫୁଟବଲ, ଭଲିବଲ, କବାଡ଼ି ଏବଂ ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରିକେଟରେ ଆୟୋଜକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ଏବଂ ସେଞ୍ଚୁରିୟନ ୟୁନିଭର୍ସିଟି ଅଫ୍ ଟେକ୍ନୋଲଜି ଆଣ୍ଡ ମ୍ୟାନେଜମେଣ୍ଟ ରନର୍ସ ଅପ୍ ହୋଇଥିଲା। ସେହିପରି ପୁରୁଷ ଭଲିବଲ ଫାଇନାଲରେ ଆୟୋଜକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ଚାମ୍ପିୟନ ହୋଇଥିଲା। ମହିଳା ଭଲିବଲରେ ନ୍ୟାଶନାଲ ଲ' ୟୁନିଭର୍ସିଟିକୁ ହରାଇ ଉତ୍କଳ ୟୁନିଭର୍ସିଟି ଚାମ୍ପିୟନ ହୋଇଥିଲା। ପୁରୁଷ କବାଡ଼ିରେ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିକୁ ହରାଇ ସୋଆ ୟୁନିଭର୍ସିଟି ଏବଂ ଫୁଟବଲରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ରାଞ୍ଚିର ସରଳା ବିର୍ଲା ୟୁନିଭର୍ସିଟି ଚାମ୍ପିୟନ ହୋଇଥିଲେ। ପୁରୁଷ ସିଙ୍ଗଲ୍ସ ବ୍ୟାଡମିଣ୍ଟନରେ କିଟ୍ ୟୁନିଭର୍ସିଟିର ଅର୍ସିଷ୍ମାନ ରାଜଖୋୱା ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଆର୍ଯ୍ୟ ରଥଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ସେହିପରି ଡବଲ୍ସରେ ସେଞ୍ଚୁରିଅନ ୟୁନିଭର୍ସିଟିର ଅଭିଜିତ ମହାରଣା ଏବଂ ସ୍ମୃତିରଞ୍ଜନ ରାଉତ ଯୋଡ଼ି ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ମିକ୍ସଡ ଡବଲ୍ସରେ ଉତ୍କଳ ୟୁନିଭର୍ସିଟିକୁ ହରାଇ କିଟ୍ ୟୁନିଭର୍ସିଟି ଚାମ୍ପିୟନ ହୋଇଥିଲା। ଏହି ପାଞ୍ଚ ଦିନିଆ ମେଗା ଇଭେଣ୍ଟର ଉଦଯାପନୀ ସନ୍ଧ୍ୟାରେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାର ଉପସଭାପତି ମହମ୍ମଦ ସାହିଦ ଜାଫର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ କ୍ୟାରିୟର ଗଠନରେ କ୍ରୀଡ଼ାର ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ପ୍ରମୁଖ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କମିଟିର ଅନ୍ୟତମ ଯୁଗ୍ମସମ୍ପାଦକ ଡ. ରଜତ ବଳିୟାରସିଂହ ବିବରଣୀ ପାଠ ଓ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ବୀରୋଦୟ-୨୦୨୬ର ସଫଳତା ନିମନ୍ତେ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ।

# ରେଭେନ୍‌ଶା ଦର୍ଶନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ପାଠଚକ୍ର



ଅନ୍ତର୍ଜାତୀୟ ପାଠଚକ୍ରରେ ମଞ୍ଚାସୀନ ଅତିଥି।

କଟକ,୨୫।୨(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ 'ବୈଷୟିକ, ନୈତିକତା ଓ ସ୍ଥିରତା' ସମ୍ପର୍କରେ ଅନ୍ତର୍ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ହେରିଟେଜ୍ ହଲରେ ଆୟୋଜିତ ପାଠଚକ୍ରରେ ବିଭାଗ ମୁଖ୍ୟ ପ୍ରଫେସର ଅଳକାନନ୍ଦା ପରିଡ଼ା ଅଧ୍ୟକ୍ଷତା କରିଥିଲେ। ପରିକଳ୍ପନା ଓ ଅଭିନବୀକରଣ କେନ୍ଦ୍ରର ସଂଯୋଜକ ପ୍ରଫେସର ପତିତପାବନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରାଧ୍ୟାପକ ଜିତେନ୍ଦ୍ର ଶବର ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଅଷ୍ଟ୍ରେଲିଆର ପ୍ରଫେସର ଶାମିମା ଜେହେରା ଦର୍ଶନକୁ କେନ୍ଦ୍ରକରି ବୈଷୟିକ ନୈତିକତା ଓ ସ୍ଥିରତା ବିରୋଧାଭାଷ ସତ୍ତ୍ୱେ ସାମ୍ପ୍ରତିକ ସମୟରେ ଏହାର ଆବଶ୍ୟକତା ବାବଦରେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦିଲ୍ଲୀ ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଭଗତ ଓନାମ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ବିଭିନ୍ନ ପର୍ଯ୍ୟାୟ ଆଲୋଚନାରେ ପ୍ରଫେସର ମୋହିନ ମହମ୍ମଦ, ଡ. ସଚିନ୍ଦ୍ର ରାଉଳ, ଡ. ହରିଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ସନ୍ତୋଷ କୁମାର ପାଲ୍, ପ୍ରଫେସର ତପନ କୁମାର ଦେ, ପ୍ରଫେସର ରାଜକିଶୋର ନାଥ, ଡ. ପୂର୍ବାୟଣ ଝା, ଡ. ଅତ୍ରେୟୀ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ଦାର୍ଶନିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କଷ୍ମୀରା ମୁର୍ମୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଅଶୋକ କୁମାର ତରାଇ ଏବଂ ଡ. ନିବେଦିତା ପ୍ରିୟଦର୍ଶିନୀ ସହଯୋଗ କରିଥିଲେ। ପାଠଚକ୍ରର ଉପଦେଷ୍ଟା ଡ. ହିମାଂଶୁ ସାମଲ ଧନ୍ୟବାଦ ଦେଇଥିଲେ।

# ୧୧,୧୫୫ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୩୮ ଅଭିଯୁକ୍ତ ଗିରଫ

କଟକ,୨୫।୨(କାର୍ତ୍ତିକ ସାହୁ)

**ଅପରେଶନ ସାଇବର କବଚ**

ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନ 'ଅପରେଶନ ସାଇବର କବଚ' ସମଗ୍ର ରାଜ୍ୟରେ ପ୍ରଭାବୀ ହୋଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ପି ଏବଂ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସାଇବର କ୍ରାଇମ ୟୁନିଟ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନରେ ସାଇବର ଠକେଇରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକଙ୍କୁ ଚିହ୍ନଟ କରାଯାଇ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେଶନ ସାଇବର କବଚ' ଯୋଜନାରେ ସମଗ୍ର ରାଜ୍ୟରୁ ମୋଟ ୧୧୧୫୫ଟି ମ୍ୟୁଲ/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୮୦ଟି ମ୍ୟୁଲ ବ୍ୟାଙ୍କ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୧୧ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୧୮ଟି ଏବଂ ୯ଟି ନକଲି ସିମ/ପିଓଏସ୍ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏଥିସହ ୨୩୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ନୂଆ ଓ ପୁରୁଣା ୧୨୧ଟି ଏଫ.ଆଇ.ଆର୍ ସହ ସମ୍ପୃକ୍ତ ୩୦୫୯ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ଏହି ଅଭିଯାନରେ କଟକ ଜିଲା ପୋଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୧୦ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ଜଗତସିଂହପୁର ଜିଲା ପୋଲିସ ୧୦୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମାମଲା ରୁଜୁ କରି ୧ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୧୦ଜଣଙ୍କୁ ନୋଟିସ ଜାରି କରିଛି। ଅନୁରୂପ ଭାବେ ଯାଜପୁର ଜିଲା ପୋଲିସ ୫୮, କେନ୍ଦ୍ରାପଡ଼ା ୧୭୫, ଖୋର୍ଦ୍ଧା ୧୧୮, ପୁରୀ ୪୪, ବଲାଙ୍ଗୀର ୩୪, ଝାରସୁଗୁଡ଼ା ୧୮୮, ସୁବର୍ଣ୍ଣପୁର ୬, କେନ୍ଦୁଝର ୫୨, ରାଉରକେଲା ୧୩୦, ସୁନ୍ଦରଗଡ଼ ୧୫, ବାଲେଶ୍ୱର ୩୧୦, କଟକ (ସହରାଞ୍ଚଳ) ୨, ଗଞ୍ଜାମ ୮୫, କନ୍ଧମାଳ ୧୧, ଦେବଗଡ଼ ୧୦୫, ନୂଆପଡ଼ା ୨୨ ଏବଂ ରାୟଗଡ଼ା ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ମାମଲା ରୁଜୁ, ଗିରଫ ଓ ଆଇନଗତ ନୋଟିସ ଜାରି କରିଛନ୍ତି। ଏଥିସହ ନୟାଗଡ଼, ସମ୍ବଲପୁର, ଭଦ୍ରକ, ମୟୂରଭଞ୍ଜ, ବ୍ରହ୍ମପୁର, ବୌଦ୍ଧ, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲା ପୋଲିସ ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଖୁରାନିଆ ସୂଚନା ଦେଇଛନ୍ତି।

# ୧୦ ସ୍ଥାନରେ ବାଲି ସତ୍ୟାଗ୍ରହ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ

## ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର,୨୫।୨(ସୁଚିସ୍ମିତା ସାହୁ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାରଠାରୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛି। ହେଲେ ଏହାକୁ ବିରୋଧ କରୁଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ବୈଠକ ବୁଧବାର ୟୁନିଟ୍-୬ସ୍ଥିତ ନେତାଜୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଟ୍ରିବ୍ୟୁନାଲର ରହଣି ଯାଏ ଅର୍ଥାତ୍ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୧୦ ସ୍ଥାନରେ ବାଲି ସତ୍ୟାଗ୍ରହ କରାଯାଇ ବିରୋଧ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୁଦର୍ଶନ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷା ବେଲା ଏମ୍ ତ୍ରିବେଦୀ, ସଦସ୍ୟ ଜଷ୍ଟିସ ଡ. ରବି ରଞ୍ଜନ ଓ ତାଙ୍କ ସ୍ତ୍ରୀ ଡ. ସୁନିତା ରାୟ, ଝିଅ ଭବ ପ୍ରିୟଦର୍ଶିନୀ, ନାତି ଗୁରୁ ବିକ୍ରମାଦିତ୍ୟ, ସଦସ୍ୟା ଜଷ୍ଟିସ ଇନ୍ଦରମୀତ କୌର୍ କୋଚର, ତାଙ୍କ ସ୍ୱାମୀ ଜଷ୍ଟିସ ଏ. କେ. ପାଠକ, ହିସାବ କାରକ ଏ.କେ. ସିଂହ, ଆସେସାର କୃଷ୍ଣନୁନ୍ନି ଏନ୍.ଏମ୍., ରେଜିଷ୍ଟ୍ରାର ଚନ୍ଦନ ମୁଖାର୍ଜୀ, ସୁରକ୍ଷା ଅଧିକାରୀ ଅନିଲ ଦତ୍ତ ଶର୍ମା, ସୁଜିତ କୁମାର ଗିରି, ବିଭାଗ ଅଧିକାରୀ ମନୋଜ କୁମାର ପ୍ରମୁଖ ଏହି ଟିମ୍‌ରେ ଆସୁଛନ୍ତି । ଏହି ଗସ୍ତ ଏକ ଘରୋଇ ପିକ୍‌ନିକ୍ ବୋଲି ବୈଠକରେ ମତ ପ୍ରକାଶ ପାଇବା ସହ ନାନା ପ୍ରଶ୍ନ ଉଠାଯାଇଛି?

ପୂର୍ବରୁ ୨୦୨୩ରେ ମହାନଦୀ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତକରି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲା। ଏ ବାବଦକୁ ଓଡ଼ିଶା ଲୋକଙ୍କର ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଏବେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ମାର୍ଚ୍ଚରେ ସରିବାକୁ ବସିଥିବାବେଳେ ପୁଣି ଥରେ ଓଡ଼ିଶାକୁ କ'ଣ ପାଇଁ ଗସ୍ତ ବୋଲି ପ୍ରଶ୍ନ ହେଉଛି। ଟ୍ରିବ୍ୟୁନାଲରୁ ଓଡ଼ିଶାକୁ ଏବଂ ମହାନଦୀକୁ କିଛି ନ୍ୟାୟ ମିଳୁନାହିଁ। ତେଣୁ ଓଡ଼ିଶା ଲୋକଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ। ଏଥିରେ ଓଡ଼ିଶାର କ'ଣ ଲାଭ ହେବ? ତେବେ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ଓ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା ଓ ବିଚାରବିମର୍ଶ ପରେ ଗୁରୁବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିରୋଧ ପ୍ରଦର୍ଶନ କରାଯିବ। ସେହିପରି ୨୭ରୁ ୨ତାରିଖ ପର୍ଯ୍ୟନ୍ତ କନକତୋରା, ସମ୍ବଲପୁର, ବିନିକା, ସୋନପୁର, ଆଠମଲ୍ଲିକ, ବାଙ୍କୀ, ବୈଦେଶ୍ୱର, କଟକ, ପାରାଦୀପ ଓ ଭୁବନେଶ୍ୱରରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ପ୍ରଦର୍ଶନ ସହ ବାଲି ସତ୍ୟାଗ୍ରହ କରିବ ବୋଲି ଆବାହକ ଦାସ କହିଛନ୍ତି । ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି, ଦୟାନଦୀରେ ଏକ ବ୍ୟାରେଜ ହେବ, ଯଦ୍ୱାରା ତଳ ମୁଣ୍ଡରେ ନଦୀର ଅବସ୍ଥା ଶୋଚନୀୟ ହେବ। ନଦୀରୁ ଉଠୁଥିବା ବାଲି ଓ ମାଟିକୁ ମାଫିଆମାନେ ବୋହି ନେଉଛନ୍ତି, ଯାହା ନଦୀ ଏବଂ ଅଞ୍ଚଳବାସୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ଆସନ୍ତା୨୭ ତାରିଖରେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ସେହି ଅଞ୍ଚଳ ଗସ୍ତକରି ସ୍ଥାନୀୟ ସମସ୍ୟା ଅନୁଧ୍ୟାନ କରିବା ସହ ପ୍ରକଳ୍ପର ସମସ୍ତ ତଥ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ବୈଠକରେ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ, ସିପିଆଇର ବରିଷ୍ଠ ନେତା ଆଶିଷ କାନୁନ୍‌ଗୋ, ସିପିଏମ୍ ନେତା ପ୍ରଦୀପ୍ତ ନାୟକ, ସିପିଆଇଏମ୍ (ଲିବରେଶନ) ନେତା ଯୁଧିଷ୍ଠିର ମହାପାତ୍ର, ଫର୍‌ୱାର୍ଡ ବ୍ଲକ ନେତା ଜ୍ୟୋତି ରଞ୍ଜନ ମହାପାତ୍ର, ଆନ୍ଦୋଳନର ସହ ଆବାହକ ବାସୁଦେବ ଭଞ୍ଜ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।


ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସହ ଅନ୍ୟମାନେ।

# ସ୍ୱାସ୍ଥ୍ୟକ୍ଷେତ୍ରରେ ନୂତନ ଗବେଷଣା ପାଠ୍ୟକ୍ରମ ଆରମ୍ଭ ହେବ


ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)

## ଏସ୍‌ସିବି ଜୁନିୟର ଡାକ୍ତର ସଂଘର ବାର୍ଷିକ ଉତ୍ସବ 'ଫୋନିକ୍ସ' ଉଦ୍‌ଘାଟିତ

ଆସନ୍ତାବର୍ଷ ସ୍ୱାସ୍ଥ୍ୟକ୍ଷେତ୍ରରେ ନୂତନ ଗବେଷଣାମୂଳକ ପାଠ୍ୟକ୍ରମ ଆରମ୍ଭ ହେବ। ଫଳରେ ଜଟିଳ ରୋଗର ସହଜରେ ଚିକିତ୍ସା କରାଯାଇପାରିବ ବୋଲି ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୁଧବାର ଏସ୍‌ସିବି ଜୁନିୟର ଡାକ୍ତର ସଂଘ (ଜେଡିଏ)ର ୨୦୨୫-୨୬ବର୍ଷର ବାର୍ଷିକ ଉତ୍ସବ 'ଫୋନିକ୍ସ' ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ହରିଚନ୍ଦନ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ଏସ୍‌ସିବି ସେଣ୍ଟ୍ରାଲ ଅଡିଟୋରିୟମରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ତ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଯେ, ମେଡିକାଲ ବୃତ୍ତି ଏକ ମହାନ ବୃତ୍ତି। ଯେଉଁମାନେ ଏହି ବୃତ୍ତିରେ ଥାଆନ୍ତି, ସେମାନଙ୍କୁ ଭଗବାନ ଚୟନ କରିଥାନ୍ତି। ଡାକ୍ତର ରୋଗ ଚିହ୍ନି ନିରାକରଣ ବାଟ ବତାଇଥାନ୍ତି। ତେଣୁ ପ୍ରତ୍ୟେକ ଡାକ୍ତର ରୋଗୀଙ୍କୁ ନିଜର ଭାବିବା ଆବଶ୍ୟକ, ଯଦ୍ୱାରା ରୋଗୀ ନିର୍ଦ୍ଦ୍ୱନ୍ଦ୍ୱରେ ତାଙ୍କ ସମସ୍ୟା କହିପାରିବେ। ସରକାର ଡାକ୍ତରଙ୍କ ସୁରକ୍ଷା ଓ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ ଅଛନ୍ତି। ଏଥିସହ ଭିତ୍ତିଭୂମି ବିକାଶ, ନୂତନ ଗବେଷଣା କ୍ଷେତ୍ର ଓ ପ୍ରତ୍ୟେକ ଜିଲାରେ ମେଡିକାଲ କଲେଜ ନିର୍ମାଣ କରିବାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ନୂତନ ଡାକ୍ତରୀ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ଯାହାଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ରୋଗରୁ ଲୋକେ ମୁକ୍ତି ପାଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମାଜ ସଂସ୍କାରକ ଜଗଦୀଶ ଖାଡଙ୍ଗା ଯୋଗଦେଇ ସେବା ପ୍ରତି ନିଜକୁ ସମର୍ପିତ କରିବା ଆବଶ୍ୟକ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ଅନ୍ୟତମ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ, ଜେଡିଏର ମୁଖ୍ୟ ଉପଦେଷ୍ଟା ଡା. ମନୋରଞ୍ଜନ ଦାସ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହେବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜେଡିଏ ସଭାପତି ଡା. ଚିନ୍ମୟ ପ୍ରଧାନ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଡା. ବିକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ।

# 'ସୁଭଦ୍ରା' ଯୋଜନାକୁ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ପ୍ରଶଂସା

ଭୁବନେଶ୍ୱର,୨୫।୨(ସୁଚିସ୍ମିତା ସାହୁ)

## ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଲେ, ଯେତେବେଳେ ସରକାରୀ ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯାଏ, ତାହା ସେମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସଶକ୍ତୀକରଣକୁ ସୁନିଶ୍ଚିତ କରିଥାଏ। ନାଗରିକ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ରାଜ୍ୟରୁ ଅପପୁଷ୍ଟି ଦୂର କରିବାରେ ଯଥେଷ୍ଟ ସହାୟକ ହୋଇପାରିବ। ଏହି ଅବସରରେ ସେ ଅଙ୍ଗନୱାଡ଼ି କେନ୍ଦ୍ରରେ ତିଥି ଭୋଜନ ତଥା ପୋଷଣ ଦିବସ ଅଥବା ପୋଷଣ ସପ୍ତାହ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସକାରାତ୍ମକ ପ୍ରଭାବ ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ମହିଳାଙ୍କ ସାମଗ୍ରିକ ସଶକ୍ତୀକରଣ ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା। ଆସନ୍ତା ୮ ମାର୍ଚ୍ଚ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଜମା ହେବାକୁ ଯାଉଛି। ଏହାସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଚାଲିଥିବା ଯୋଜନାଗୁଡ଼ିକ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନଧାରଣ ମାନ ଉନ୍ନତ କରିବା ଦିଗରେ ଓଡ଼ିଶା ଆଗୁଆ ହେଉଛି ବୋଲି ସେ କହିଛନ୍ତି।

ବୈଠକରେ ପୋଷଣ, ସୁରକ୍ଷା ଓ ଶିକ୍ଷା - ଏହି ୩ ମୂଳ ମାର୍ଗରେ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ମିଶନ ବାତ୍ସଲ୍ୟ, ଆଶୀର୍ବାଦ, ଯଶୋଦା ଏବଂ ବେଟି ବଚାଓ ବେଟି ପଢ଼ାଓ ପରି ଯୋଜନାର ପ୍ରଭାବ ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଦୁର୍ଗମ ଓ ଜନଜାତି ଅଞ୍ଚଳରେ କାର୍ଯ୍ୟାନ୍ୱୟନ, କୁପୋଷଣ ଓ ଶିଶୁ ବିବାହ ପରି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍ୱାଲ ଓ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା ବୈଠକରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ସହ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର,୨୫।୨(ସୁବାସ ଚନ୍ଦ୍ର ପ୍ରଧାନ)

ମାର୍ଚ୍ଚ ୩ ରେ ଚନ୍ଦ୍ରଗ୍ରହଣ। ଏନେଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଏବଂ ଗ୍ରହଣ ସ୍ନାନ, ଗ୍ରହଣ ଭୋଗ ସମୟ ସାରଣୀ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ୨ ତାରିଖ ଚତୁର୍ଦ୍ଦଶୀ ଯୋଗୁ ଉକ୍ତ ଦିନ ସନ୍ଧ୍ୟା ୭ଟାରେ ସୁଦ୍ଧା ମହାଦୀପ ଉଠିବ। ରାତି ୮ଟାରେ ଠାକୁରମାନେ ଚାଚେରି ଭୋଗ ପାଇଁ ନଗର ପରିକ୍ରମା କରିବେ। ରାତି ୧୨ଟା ସୁଦ୍ଧା ବଡ଼ସିଂହାର ହୋଇ ପହୁଡ଼ ପଡ଼ିବ। ରାତି ୨ଟାରୁ ପୁଣି ମନ୍ଦିର ଖୋଲିବ। ଆଳତି, ଅବକାଶ ହୋଇ ଅନ୍ୟାନ୍ୟ ନୀତିକାନ୍ତି ହୋଇ ୩ ତାରିଖ ସକାଳ ୬ଟା ସୁଦ୍ଧା ଭୋଗନୀତି ସରିବ। ଗ୍ରହଣ ନେଇ ଦିନତମାମ ଠାକୁରଙ୍କ ଆଉ କୌଣସି ନୀତିକାନ୍ତି ହେବନାହିଁ। ଅପରାହ୍ଣ ୫ଟାରେ ଗ୍ରହଣ ସ୍ନାନ ପାଇଁ ଶ୍ରୀଲିଙ୍ଗରାଜ ବିନ୍ଦୁସାଗର ଅଭିମୁଖେ ଯାତ୍ରା କରିବେ। ସ୍ନାନ ପରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ସନ୍ଧ୍ୟା ୬ଟା ୩୦ ସୁଦ୍ଧା ଗ୍ରହଣ ଭୋଗ ଶେଷହେବ। ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ପରେ ମହାସ୍ନାନ ଓ ବଲ୍ଲଭ ନୀତି ହେବ। ରାତି ୮ଟା ପୂର୍ବରୁ ଦୋଳବେଦିକୁ ବିଜେ କରିବେ। ରାତି ୧୨ଟା ସୁଦ୍ଧା ଠାକୁରମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବାଇକ୍‌କୁ ଧକ୍କାଦେଲା ଟ୍ରକ୍, ଯୁବକ ମୃତ

ମଙ୍ଗୁଳି-ଜଗତପୁର,୨୫।୨(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ହନୁମାନ ପେଟ୍ରୋଲ ପମ୍ପ ସମ୍ମୁଖ ଓଭର ବ୍ରିଜ ଛକରେ ବୁଧବାର ଏକ ବାଇକକୁ ପଛରୁ ଟ୍ରକ ଧକ୍କା ଦେଇଛି। ଫଳରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ଘର ଢେଙ୍କାନାଳ ବୋଲି ସୂଚନା ମିଳିଛି। ଅପରାହ୍ଣ ସାଢ଼େ ୩ଟାରେ ଉକ୍ତ ଯୁବକ ଏକ ବାଇକ (ନଂ ଓଡି-୦୬-ପି-୨୮୦୪)ରେ କଟକରୁ ଟାଙ୍ଗୀ ଯାଉଥିଲେ। ଏହି ସମୟରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ତାଙ୍କ ବାଇକକୁ ଧକ୍କା ଦେବାରୁ ସେ ଛିଟିକି ପଡିଥିଲେ। ଟ୍ରକର ପଛ ଚକ ମୁଣ୍ଡରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି।

# ସହର ଉପକଣ୍ଠ ରୂପାନ୍ତରଣ ପାଇଁ ୨୦୦ କୋଟିର ସ୍ୱତନ୍ତ୍ର ପାଣ୍ଠି

ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)

୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ 'ଗ୍ରାମୀଣ ସହରୀ ରୂପାନ୍ତରଣ' ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାମପଞ୍ଚାୟତ ଓ ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସୁନିୟନ୍ତ୍ରିତ, ସ୍ଥାୟୀ ଓ ଅନ୍ତର୍ଭୁକ୍ତିମୂଳକ ସହରୀକରଣ ଦିଗକୁ ନେଇଯିବା ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ଅର୍ଥନୈତିକ ଗତିଶୀଳତା ସହିତ ଅନେକ ସହର ଉପକଣ୍ଠ ଅଞ୍ଚଳ ସ୍ୱାଭାବିକ ଭାବରେ ସହରୀ କ୍ଲଷ୍ଟରରେ ପରିଣତ ହେଉଛି। ରୂପାନ୍ତରଣ ଢାଞ୍ଚାର ମୁଖ୍ୟ ଦିଗଗୁଡ଼ିକ ସହର ଉପକଣ୍ଠ ଅଞ୍ଚଳର ସୁନିୟନ୍ତ୍ରିତ ଓ ଶୃଙ୍ଖଳିତ ବିକାଶ, ଯାହା ଅଣପରିକଳ୍ପିତ ସମ୍ପ୍ରସାରଣକୁ ରୋକିବ। ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହା ସହର ଅନୁରୂପ ନାଗରିକ ସୁବିଧା, ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍, ଭିତ୍ତିଭୂମି, ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ସନ୍ତୁଳିତ ଓ ନିୟନ୍ତ୍ରିତ ଜମି ବ୍ୟବହାର ଓ ଗ୍ରାମୀଣ ପ୍ରଶାସନରୁ ସହରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁରୂପେ ରୂପାନ୍ତରଣ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସକ୍ଷମ କରିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶା ଆଜି ସହରୀକରଣର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ରହିଛି। ସହରୀକରଣ ଅନିବାର୍ଯ୍ୟ, କିନ୍ତୁ ଅଣପରିକଳ୍ପିତ ସହରୀକରଣକୁ ନିଶ୍ଚୟ ଏଡ଼ାଯାଇପାରିବ। ୨୦୦ କୋଟି ଟଙ୍କାର ଏହି ପାଣ୍ଠି ସହିତ ଆମେ ପୂର୍ବପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରୁଛୁ। ଆଜିର ଯୋଜନାବଦ୍ଧ ପଦକ୍ଷେପ ଆଗାମୀ ଦିନର ସୁସଂଗଠିତ ଓ ପ୍ରଗତିଶୀଳ ଓଡ଼ିଶାର ଭିତ୍ତି ସୃଷ୍ଟି କରିବ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଆମ ଲକ୍ଷ୍ୟ ହେଉଛି ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ଓ ଡାଟାଭିତ୍ତିକ ଯୋଜନା ମାଧ୍ୟମରେ ସୁନିୟନ୍ତ୍ରିତ ଭାବେ ବିକଶିତ କରିବା। ଭିତ୍ତିଭୂମିର ମାନଦଣ୍ଡ ପୂର୍ବରୁ ନିର୍ଦ୍ଧାରଣ କରି ଆମେ ସୁନିଶ୍ଚିତ କରୁଛୁ ଯେ ବିକାଶ ସ୍ଥାୟୀ, ସମନ୍ୱିତ ଓ ନାଗରିକ-କେନ୍ଦ୍ରିତ ହେବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ବୈଷୟିକ ଜ୍ଞାନର ବ୍ୟବହାର ଏବଂ ଯଥାସମୟରେ ନିରୀକ୍ଷଣ ମାଧ୍ୟମରେ ଏହି ରୂପାନ୍ତରଣ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ। ଏହା ଗ୍ରାମୀଣ ଓ ସହରୀ ସୀମାରେ ଥିବା ବ୍ୟବଧାନକୁ କମେଇବା ସହ ବିଦ୍ୟମାନ ସହରଗୁଡ଼ିକ ଉପରେ ଭିତ୍ତିଭୂମି ଚାପ ହ୍ରାସ କରିବ ଏବଂ ନୂତନ ବିକାଶ କେନ୍ଦ୍ରଗୁଡ଼ିକୁ ଭବିଷ୍ୟତ ପାଇଁ ସୁସଜ୍ଜିତ କରିବ ବୋଲି ପାଢ଼ୀ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମାନସ


@ ଅନିସ


@ ପ୍ରିୟାଂଶୀ


@ ସିକୁନ୍


@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


केनरा बैंक Canara Bank — ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇନ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁ ଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅଭିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ଆରମ୍ଭ ହେବ ପିଏମ୍ ରାହାତ ଯୋଜନା

## ସଡ଼କ ଦୁର୍ଘଟଣାର ୨୪ ଘଣ୍ଟାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ମିଳିବ ୧.୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା

**ଭୁବନେଶ୍ୱର,୨୫।୨(ସୁଚିସ୍ମିତା ସାହୁ)**

ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ସ ହସ୍ପିଟାଲାଇଜେଶନ ଆଣ୍ଡ ଆସ୍ୟୁର୍ଡ ଟ୍ରିଟ୍‌ମେଣ୍ଟ (ପିଏମ୍ ରାହାତ) ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ନୂତନ ଯୋଜନାରେ ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୭ଦିନ ପର୍ଯ୍ୟନ୍ତ କିମ୍ବା ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏହି ବ୍ୟବସ୍ଥା ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ ହେବ। ଏହାର ସମସ୍ତ ଖର୍ଚ୍ଚ ମୋଟର ଭେହିକିଲ ଆକ୍ସିଡେଣ୍ଟ ଫଣ୍ଡରୁ ଭରଣା କରାଯିବ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ୧୧୨ ଜରୁରୀକାଳୀନ ସେବା ସହିତ ସଂଯୋଗ କରାଯାଇଛି। ଫଳରେ ଘଟଣାସ୍ଥଳରେ ତୁରନ୍ତ ସହାୟତା ମିଳିପାରିବ। ଏଥିସହ ଏସ୍‌ଏମ୍‌ଏସ୍ ଜରିଆରେ ଜରୁରୀ ସୂଚନା ଏବଂ ଚିକିତ୍ସାଧୀନଙ୍କ ପାଇଁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଧାରିତ ସମୟ ଭିତରେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି। ଏ ସମ୍ପର୍କିତ ସଂସ୍ଥାଗତ ବ୍ୟବସ୍ଥା, ତଦାରଖ ଏବଂ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

ଯୋଜନାକୁ ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ସମନ୍ୱିତ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମ ବ୍ୟବହାର କରାଯାଉଛି। ପୋଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟା ମଧ୍ୟରେ ଇ-ଡିଏଆର୍ ପୋର୍ଟାଲରେ ଦୁର୍ଘଟଣାର ବିବରଣୀ ଦିଆଯିବ, ଯାହା ଆଧାରରେ ଚିକିତ୍ସାଳୟଗୁଡ଼ିକ ଟ୍ରାଞ୍ଜାକ୍ସନ ମ୍ୟାନେଜମେଣ୍ଟ ସିଷ୍ଟମ(ଟିଏମ୍‌ଏସ୍) ଜରିଆରେ କ୍ଲେମ ପ୍ରକ୍ରିୟା ଆରମ୍ଭ କରିବେ। ଯୋଜନାର ସଫଳ ପରିଚାଳନା ପାଇଁ ଏକ ସୁଦୃଢ଼ ପ୍ରାଶାସନିକ ବ୍ୟବସ୍ଥା ରହିଛି। ଜାତୀୟସ୍ତରରେ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସଚିବ ପରିଚାଳନା କମିଟିର ମୁଖ୍ୟ ଥିବାବେଳେ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ / ପରିବହନ ମନ୍ତ୍ରୀ/ମୁଖ୍ୟ ଶାସନ ସଚିବଙ୍କ ଅଧୀନରେ ଜାତୀୟ ସଡକ ସୁରକ୍ଷା ପରିଷଦ କାର୍ଯ୍ୟ କରିବ। ସେହିପରି ଜିଲାସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ସଡକ ସୁରକ୍ଷା ସମିତି ଏହାର ତଦାରଖ କରିବେ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ଚିକିତ୍ସାଳୟ ସମେତ ଜରୁରୀକାଳୀନ ଚିକିତ୍ସା ସୁବିଧା ଥିବା ଡାକ୍ତରଖାନାରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହୋଇପାରିବ। ଏସବୁ କାର୍ଯ୍ୟର ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ପରିବହନ ବିଭାଗଙ୍କୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ସେବା ପାଇବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଜିଲାସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିବେ ଏବଂ ଜିଲାପାଳ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଗର୍ଗ କହିଛନ୍ତି, ପ୍ରତିଦିନ ସଡ଼କ ଦୁର୍ଘଟଣାରେ ପ୍ରାୟ ୧୬ଜଣଙ୍କର ମୃତ୍ୟୁ ଘଟୁଛି। ପିଏମ୍ ରାହାତ ଯୋଜନାରେ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ଓ ଅବିଳମ୍ବେ ଚିକିତ୍ସା ଆରମ୍ଭ ଯୋଗୁ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ ଏବଂ ପୋଲିସ ପ୍ରଶାସନ ସମେତ ଜିଲାସ୍ତରରେ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବାଣିଜ୍ୟ ଓ ପରିବହନ ବିଭାଗର ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ. ବୃନ୍ଦା ଡି., ପରିବହନ କମିଶନର ଅମିତାଭ ଠାକୁର, ଡିଜିପି (କ୍ରାଇମ ବ୍ରାଞ୍ଚ ) ବିନୟତୋଷ ମିଶ୍ରଙ୍କ ସମେତ ପରିବହନ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ସମସ୍ତ ଜିଲାପାଳ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ପିପିପି ମୋଡରେ ହେବ ଯାଜପୁର ରୋଡ-ଧାମରା ରେଳ ପ୍ରକଳ୍ପ

## ୬ ବୃହତ କମ୍ପାନୀ ଅଂଶୀଦାର ହେବାକୁ ଆଗ୍ରହୀ

**ଯାଜପୁର,୨୫।୨(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ରୋଡଠାରୁ ଧାମରା ବନ୍ଦର ଭାୟା ବିରଜା କ୍ଷେତ୍ର ଓ ଆରଡି ୧୦୧.୨୬ କିଲୋମିଟର ବିଶିଷ୍ଟ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ପାଇଁ ୨୦୨୫ ଡିସେମ୍ବର ୧୦ରେ ଅନୁଷ୍ଠିତ ରେଲୱେ ଷ୍ଟେକହୋଲଡର୍ କନସଲଟେସନ ମିଟିଂରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇସାରିଛନ୍ତି। ତେବେ ଏହାକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ଅଗ୍ରଗତି ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପରେ ଟାଟା ଷ୍ଟିଲ, ଜେଏସ୍‌ଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍ଚର, ଇମ୍ଫା, ଆଦାନି ପୋର୍ଟ ଓ ଏସ୍‌ଇଜେଡ୍, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲି(ସେଲ) ଏବଂ ଜିନ୍ଦଲ ଷ୍ଟିଲ ଓ ପାୱାର ଅଂଶୀଦାର ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରୁ ଏହି ପ୍ରକଳ୍ପଟି ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି) ଜରିଆରେ ନିର୍ମାଣ ହେବ ବୋଲି ସ୍ପଷ୍ଟ ହୋଇ ସାରିଛି। ପରେ ଦୀର୍ଘ ଦଶନ୍ଧି ଧରି ଦାବି ହୋଇ ଆସୁଥିବା ବିରଜାକ୍ଷେତ୍ରକୁ ରେଳ ଯୋଗାଯୋଗ ଆଶା ଉଦ୍‌ଜୀବିତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ତେବେ କେତେକ ଅନୁଷ୍ଠାନ ପିପିପି ମୋଡକୁ ବିରୋଧ କରି ସରକାରୀ ଭାବେ ଏହି ପ୍ରକଳ୍ପର ନିର୍ମାଣ କରିବାକୁ ଦାବି କରୁଥିବା ସୂଚନା ମିଳିଛି। ସୂଚନାଥାଉ କି ଯାଜପୁର ରୋଡ-ଧାମରା ପ୍ରସ୍ତାବିତ ରେଳପଥର ଡିପିଆର ଅନୁସାରେ ୨୯୯୬ କୋଟି ୮୧ ଲକ୍ଷ ୪୫ ହଜାର ୧୨୩ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ୧୬୯୩.୪୬ ଏକର ଜମିର ଆବଶ୍ୟକତା ପଡିବ। ଏହି ରେଳ ଲାଇନ କଳିଙ୍ଗନଗର ଇସ୍ପାତ କ୍ଲଷ୍ଟର, କେନ୍ଦୁଝର ଲୁହାପଥର ଖଣି, କୋଇଲା କ୍ଷେତ୍ର ଏବଂ ଧାମରା ବନ୍ଦର ମଧ୍ୟରେ ସିଧାସଳଖ ସଂଯୋଗ ପ୍ରଦାନ କରିବ।

# ଦେଢ଼ଫୁଟ୍ ଉଚ୍ଚତାର ଛାତ୍ରୀ ଦେଉଛନ୍ତି ମାଟ୍ରିକ ପରୀକ୍ଷା


ସମ୍ପର୍କୀୟ ଭାଇଙ୍କ ସହ ଛାତ୍ରୀଙ୍କୁ ତାଙ୍କ ମା' ପରୀକ୍ଷା କେନ୍ଦ୍ରକୁ ନେଉଛନ୍ତି।

**କାମାକ୍ଷାନଗର, ୨୫।୨ (ସୁଧୀର କୁମାର ପରିଡ଼ା)**

ଦେଢ଼ଫୁଟ ଉଚ୍ଚତା ବିଶିଷ୍ଟ ଛାତ୍ରୀ ଚଳିତ ବର୍ଷ ଅନୁଷ୍ଠିତ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳସ୍ଥିତ ନିଗମାନନ୍ଦ ହାଇସ୍କୁଲର ସୁନିତା ନାୟକ। ସେ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ସେ ଠିକ୍ ଭାବେ କଥା କହିପାରନ୍ତି ନାହିଁ କି ଶୁଣିପାରନ୍ତି ନାହିଁ। ତେଣୁ ତାଙ୍କ ମା' ତାଙ୍କୁ ନେବାଆଣିବା କରୁଛନ୍ତି। ସେ ସବୁ ଜାଣିପାରୁଥିବା ବେଳେ ଠାରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି। ଛାତ୍ରୀଜଣଙ୍କ ଭିନ୍ନକ୍ଷମ ହୋଇଥିବା ବେଳେ ତାଙ୍କର ପରିଭାଷାକୁ ଠାରରେ ଜଣାଉଥିବାରୁ ଜଣେ ସମ୍ପର୍କୀୟ ଭାଇ ନବମ ଶ୍ରେଣୀରେ ପଢୁଥିବା ପ୍ରତାପ ନାୟକ ତାଙ୍କ ପାଇଁ ପରୀକ୍ଷା ଦେଉଛନ୍ତି।



ଜଳଯୋଗାଣ ବିଭାଗରେ ୧୯୯୩ ଏପ୍ରିଲ ୧୨ ପରେ ନିଯୁକ୍ତି ପାଇଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦାବିରେ ରାଜ୍ୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜଳ ଯୋଗାଣ ଓ ପରିମଳ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ବିକାଶ ନାୟକ)

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତହସିଲଦାରଙ୍କ ଅବମାନନା ଅଭିଯୋଗ

## ଫାର୍ମ ହାଉସ୍‌ରେ ବୁଲ୍‌ଡୋଜର ବୁଲିବା ଘଟଣା

**ଧର୍ମଶାଳା,୨୫।୨ (ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମଧୁପୁରଗଡ଼ର ପନ୍ଥରିଠାରେ ଥିବା ପୂର୍ବତନ ବିଜେଡି ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଫାର୍ମ ହାଉସ୍‌ରେ ତହସିଲ ପକ୍ଷରୁ ମଙ୍ଗଳବାର ବୁଲଡୋଜର ବୁଲିଥିଲା। ଏହାକୁ ନେଇ ଧର୍ମଶାଳା ପୂର୍ବତନ ବିଧାୟକ ଗଣମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତହସିଲଦାର ଅବମାନନା କରିଥିବା ଅଭିଯୋଗ କରିଛନ୍ତି। ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ବଳବନ୍ତରାୟ ଅଭିଯୋଗ କରିଛନ୍ତି, ମଧୁପୁରଗଡ଼ ମୌଜାରେ ତାଙ୍କ ନାମରେ ୧୨ ଏକର ୮୮ ଡିସିମିଲ୍ ସ୍ଥିତିବାନ ଜମି ରହିଛି। ଅଧିକ ଜମି ଜବରଦଖଲ ନେଇ ତହସିଲ ପକ୍ଷରୁ ନୋଟିସ୍ ହେବାରୁ ସେ ଜମି ମାପ କରି ଚିହ୍ନଟ କରିବାକୁ ତହସିଲରେ ଅର୍ଥ ଜମା କରିବା ସହ ହାଇକୋର୍ଟରେ ଏକ ମାମଲା ଦାୟାର କରିଥିଲେ। ହାଇକୋର୍ଟ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନଂ.୯୯/ ୨୬।୧।୨୬ରେ ତାଙ୍କ ମାମଲା ରୁଜୁ କରି ମାପଚୁପ୍ କରିବାକୁ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲ ପକ୍ଷରୁ ଗତ ୧୭, ୧୮, ୧୯ ତାରିଖରେ ଜମି ମାପ କରାଗଲା। ମାପରୁ ଜଣାଗଲା, ୧୨ ଏକର ୮୮ ଡିସିମିଲ ଜମି ମଧ୍ୟରୁ ଫାର୍ମ ହାଉସ ପାଚେରି ବାହାରେ ୧ ଏକର ୨୭ ଡିସିମିଲ ଜମି ରହିଥିଲା ବେଳେ ଭିତରେ ୧ ଏକର ୧୦ ଡିସିମିଲ୍ ଜମି ରହିଛି। ପୂର୍ବତନ ବିଧାୟକ ବଳବନ୍ତରାୟ ଅଭିଯୋଗ କରିଛନ୍ତି, ତହସିଲ ପକ୍ଷରୁ ନ ଜଣାଇ ୨୪ ତାରିଖରେ ବୁଲ୍‌ଡୋଜର ଲଗାଇ ଭଙ୍ଗାଗଲା। ଉକ୍ତ ଜମିକୁ ୨୦୨୨ ମସିହାରେ ଜଣେ ଚାଷୀଙ୍କୁ ଛେଳି ଚାଷ କରିବାକୁ ଲିଜ୍ ଦେଇଥିଲି। ଛେଳି ପାଳନ ସହ ସେ ପାଚେରି ନିର୍ମାଣ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ବଦନାମ କରାଯାଇଥିବା ବେଳେ ହାଇକୋର୍ଟର ନିର୍ଦ୍ଦେଶକୁ ଅବମାନନା କରାଯାଇଛି ବୋଲି ସେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସମୀର ଦାଶଙ୍କୁ ପଚାରିବାରେ ଫାର୍ମ ହାଉସରେ ୧ଏକର ୧୦ ଡିସିମିଲି ସରକାରୀ ଜମି ମାପ ପରେ ଚିହ୍ନଟ ହୋଇଥିଲା। ତାହା ଆଇନ ଅନୁଯାୟୀ ଜବରଦଖଲକୁ ଉଚ୍ଛେଦ କରାଯାଇଛି ବୋଲି ସେ କହିଛନ୍ତି।


**୨୨ତମ ଜନ୍ମଦିନ ଶୁଭେଚ୍ଛା**



ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।
ଧ-୨୪୪


# ପିଏମ୍‌ଏଫ୍‌ଏମ୍‌ଇ ଯୋଜନା ଅବଧି ବୃଦ୍ଧି

## ଅନୁମୋଦନ ଦେଲା ରାଜ୍ୟସ୍ତରୀୟ କମିଟି

**ଭୁବନେଶ୍ୱର,୨୫।୨ (ସୁଚିସ୍ମିତା ସାହୁ)**

ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ (ପିଏମ୍‌ଏଫ୍‌ଏମ୍‌ଇ) ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ରାଜ୍ୟସ୍ତରୀୟ ଅନୁମୋଦନ କମିଟି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ ବୈଠକରେ କେନ୍ଦ୍ର ସରକାରଙ୍କ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ। ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଆନୁଷ୍ଠାନିକୀକରଣକରି ସେମାନଙ୍କୁ ସଂଗଠିତ କ୍ଷେତ୍ରରେ ସାମିଲକରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ଉଦ୍ୟୋଗୀମାନଙ୍କୁ କ୍ରେଡିଟ୍ ଲିଙ୍କଡ୍ ସବ୍‌ସିଡି ପ୍ରଦାନ କରାଯିବା ସହ ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ, ଉଦ୍ୟୋଗ ପଞ୍ଜୀକରଣ ଏବଂ ଜିଏସ୍‌ଟି ପଞ୍ଜୀକରଣ କ୍ଷେତ୍ରରେ ବୈଷୟିକ ସହାୟତା ଦିଆଯାଉଛି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଅଂଶଧନ ୬୦:୪୦ ଅନୁପାତ ରହିଛି। ଜାତୀୟସ୍ତରରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ସମନ୍ୱୟ ରକ୍ଷାକରି କାର୍ଯ୍ୟକାରୀ କରୁଛନ୍ତି। ବ୍ୟକ୍ତିଗତ ଉଦ୍ୟୋଗୀଙ୍କୁ ନୂତନ ୟୁନିଟ୍ ସ୍ଥାପନ କିମ୍ବା ପୁରୁଣା ୟୁନିଟ୍‌ର ଆଧୁନିକୀକରଣ ପାଇଁ ୩୫% ହାରରେ କ୍ରେଡିଟ୍ ଲିଙ୍କଡ ସବ୍‌ସିଡି ପ୍ରଦାନ କରାଯାଉଛି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଏବଂ କ୍ଷୁଦ୍ର ଯନ୍ତ୍ରପାତି କିଣିବା ପାଇଁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରାରମ୍ଭିକ ଧନରାଶି ପୁଞ୍ଜି ଏବଂ ସର୍ବାଧିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କୋଲ୍ଡ ଷ୍ଟୋରେଜ, ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ଲାବରେଟୋରି ସ୍ଥାପନ ପାଇଁ ୩୫% ପର୍ଯ୍ୟନ୍ତ ଅନୁଦାନ ବ୍ୟବସ୍ଥା ରହିଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଏମ୍‌ଏସ୍‌ଏମ୍‌ଇ ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ମିଶନ ଶକ୍ତି ବିଭାଗ ଶାସନ ସଚିବ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ହୋର୍ଡିଂ ପଡ଼ି ୨ଜଣଙ୍କ ମୃତ୍ୟୁ ଘଟଣା

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରବଳ ପ୍ରବନ ଯୋଗୁ ଭୁବନେଶ୍ୱରର ଆଇଗିଣିଆ ଅଞ୍ଚଳରେ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଚାପି ହୋଇ ମୁରଲୀ ଗୌଡ଼ଙ୍କ ପୁଅ ଗୁନା ଗୌଡ଼ ଏବଂ ସନ୍ତୋଷ ପ୍ରଧାନଙ୍କ ପୁଅ ସଚ୍ଚିଦାନନ୍ଦ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

# ବାପାଙ୍କୁ ସାଇକେଲରୁ ନେଇ ଦଳିଦେଲା, ଖସିଗଲେ ପୁଅ

## ହାତୀ ଆକ୍ରମଣରେ ଜଣେ ମୃତ

**ନୟାଗଡ଼/ରଣପୁର,୨୫।୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ନୟାଗଡ଼ ଜିଲା ମୟୂରଝାଲିଆ ଅଞ୍ଚଳରେ ଗୋଟିଏ ହାତୀ ସାଇକେଲରୁ ଭିଡିନେଇ ବାପାଙ୍କୁ ମାରି ଦେଇଥିବାବେଳେ ପୁଅ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ମୟୂରଝାଲିଆ ଗାଁର କାଲୁ ମହାରଣା(୫୮)। ରଣପୁର ତହସିଲଦାର ଆର୍ଯ୍ୟ ଦାମନ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୟୂରଝାଲିଆ ଗାଁର କାଲୁ ପୁଅଙ୍କୁ ସାଇକେଲରେ ବସାଇ ନିଜ କାଜୁ ବଗିଚାକୁ ବୁଧବାର ସକାଳେ ଯାଉଥିଲେ। ମୟୂରଝାଲିଆ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ଦନ୍ତା ହାତୀ କାଲୁଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଏହି ସମୟରେ ପୁଅ ହାତୀ ହାତୀ ଚକ୍କାର କରି ଖସି ଯାଇଥିଲେ। ହେଲେ ବାପା କାଲୁ ହାତୀ କବଳରୁ ଖସି ପାରି ନ ଥିଲେ। ହାତୀ ସାଇକେଲରୁ କାଲୁଙ୍କୁ ଭିଡି ନେଇ ପ୍ରଥମେ ସାଇକେଲକୁ ଭାଙ୍ଗି ପରେ କାଲୁଙ୍କୁ ଚକଟି ମାରିଥିଲା।

ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲା କୁଞ୍ଜୁରୀ ନରମାନବୀ ଗାଁରେ ବାବୁଲି ପରିଡା(୫୮) ନାମକ ଜଣେ ବ୍ୟକ୍ତିଙ୍କୁ ଅନରୂପ ଭାବେ ହାତୀ ଭିଡି ନେଇ ଦଳି ଦେଇଛି। ଗୋଟିଏ ଦିନରେ ଖୋର୍ଦ୍ଧା ବନଖଣ୍ଡରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ପ୍ରକାଶ ଯେ, ମୟୂରଝାଲିଆ ଅଞ୍ଚଳରେ କିଛି ଦିନ ହେବ ହାତୀଙ୍କ ଉତ୍ପାତ ବୃଦ୍ଧି ପାଇଛି। ଗତ ୧ମାସ ମଧ୍ୟରେ ୨ରୁ ୩ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇ ସାରିଲେଣି। ତେବେ ବନ ବିଭାଗର ପଦକ୍ଷେପ ନ ଥିବାରୁ ଜଣକ ପରେ ଜଣେ ହାତୀ ଆକ୍ରମଣରେ ପ୍ରାଣ ହରାଇ ଚାଲିଛନ୍ତି।

# ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଗଲା

**ଟାଙ୍ଗୀ,୨୫।୨(ରଘୁନାଥ ସାହୁ)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପକ୍ଷରେ ହାତୀ-ମଣିଷ ଲଢ଼େଇରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ବୁଧବାର ସକାଳେ ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ରଣ୍ଡା ବିଟ୍ ହାଉସ୍ ନିକଟରେ ହାତୀ ଆକ୍ରମଣରେ ଜଣଙ୍କର ଜୀବନ ଯାଇଛି। ମୃତକ ହେଲେ କୁଞ୍ଜୁରୀ ପଞ୍ଚାୟତ ନରମାନବୀ ଗ୍ରାମର ବାବୁଲି ପରିଡ଼ା(୪୦)। ସୂଚନା ମୁତାବକ, ବାବୁଲି ଏବଂ ତାଙ୍କର ଦୁଇଜଣ ସାଙ୍ଗ ବୁଧବାର ସକାଳେ ଗ୍ରାମ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ହଠାତ୍ ଏକ ହାତୀ ସେମାନଙ୍କୁ ଗୋଡ଼ାଇଥିଲା। ତେବେ ଦୁଇ ସାଙ୍ଗ ଦୌଡ଼ି ପଳାଇଥିବା ବେଳେ ବାବୁଲି ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ସେଠାରେ ଆକ୍ରମଣ କରିବା ସହ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର,୨୫।୨ (ସୁଚିସ୍ମିତା ସାହୁ)**

ଓଡ଼ିଶାରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ କାର୍ଯ୍ୟର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚାଲୁଥିବା ୧୪ଟି ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏଥିରେ ୨୧ କି.ମି. ଦୀର୍ଘ କଟକ-କନ୍ଦରପୁର ରାସ୍ତା, ୧୧୧ କି.ମି. କ୍ୟାପିଟାଲ ରିଜିଅନ ରିଂରୋଡ୍, ମୋହନା-କୋରାପୁଟ ରାସ୍ତା ସମେତ ସମ୍ବଲପୁର, ବୋରିଗୁମ୍ମା, ଜୟପୁର, ଚିଲିଗଡ଼, ଧର୍ମଗଡ଼, ରାଇରଙ୍ଗପୁର, ଫୁଲବାଣୀ, ନବରଙ୍ଗପୁର ଓ ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ ନଦୀ ଉପରେ ସେତୁ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏଥିରେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ ସହ ଜଙ୍ଗଲ ଜମି ଅଧିଗ୍ରହଣ ନେଇ ଥିବା ଜଟିଳତା ଦୂରୀକରଣ ଓ ବିଦ୍ୟୁତ୍, ପାନୀୟଜଳ ଓ ଟେଲିକମ୍ ଆଦି ୟୁଟିଲିଟି ସ୍ଥାନାନ୍ତର ନେଇ ଆଲୋଚନା ହୋଇଥିଲା। ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରି ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ୨ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


**Classified Everyday**
0674-2580101, 9692975378

**AFFIDAVIT**

I, Litton Behra, Village- Niranjanpur, Dist.- Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes. D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No- 79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁଲନ୍ତି ନାହିଁ ସୋନାକ୍ଷୀ



ସୋନାକ୍ଷୀ

ସୋନାକ୍ଷୀ ବଲିଉଡ୍‌ରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ୨୦୨୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କିନ୍ତୁ ନିଜର ଆକ୍ଟିଂ କ୍ୟାରିୟର ସମୟରେ ସେ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? କୌଣସି ସିନେମାର ପାରିଶ୍ରମିକ ପାଇବା ପରେ ସେ ସେହି ଚେକ୍‌କୁ ପ୍ରଥମେ ତାଙ୍କର ମା–ବାପାଙ୍କୁ ଦେଇଥାଆନ୍ତି। ''ମୋତେ ପ୍ରଥମେ ସଲମାନ ଖାନ୍ ଫିଲ୍ମସ ବ୍ୟାନରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଡେବ୍ୟୁ ଫିଲ୍ମ 'ଦବଙ୍ଗ'ର ପ୍ରଥମ ଚେକ୍ ପାଇବା ପରେ ମୋର ଖୁସିର ସୀମା ନ ଥିଲା। ଯେତେବେଳେ ଏହି ଚେକ୍‌କୁ ଧରିଲି ସେତେବେଳେ ଭାବିଲି ଏହାକୁ ନେଇ ପ୍ରଥମେ ପାପା ଏବଂ ମମିଙ୍କୁ ଦେବି। ବାସ୍, ପ୍ରଥମ ରେମ୍ୟୁନିରେଶନ ଚେକ୍ ସେମାନଙ୍କୁ ଦେବା ପରେ ଏ ପର୍ଯ୍ୟନ୍ତ ମଧ୍ୟ ସେହି ଧାରା ଜାରି ରଖିଛି ବୋଲି କହନ୍ତି ସୋନାକ୍ଷୀ।'' ସୋନାକ୍ଷୀ ନିଜର ପ୍ରଥମ ରେମ୍ୟୁନିରେଶନରୁ କିଛି ଅଂଶ ସଲମାନଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିଇଙ୍ଗ ହ୍ୟୁମାନ'କୁ ଦାନ କରିଥିଲେ। ନିଜର ପ୍ରଥମ ସିନେମା ପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମାଇବାକୁ ପଡିଥିଲା।

# ଛୋଟ ପରଦାରେ 'ଚନ୍ଦ୍ରବଂଶୀ'

ରାଜ୍ୟର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଓଡ଼ିଆସିନେମା 'ଚନ୍ଦ୍ରବଂଶୀ' ମାର୍ଚ୍ଚ ୧ ତାରିଖ ଅର୍ଥାତ୍ ଆସନ୍ତା ରବିବାର ସନ୍ଧ୍ୟା୬.୩୦ରେ ପ୍ରସାରିତ ହେବାକୁ ଯାଉଛି। କାହାଣୀ ଅନୁସାରେ ଏକ ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବଂଶରେ ଉତ୍ତରାଧିକାରୀ ସାଜିଥିବା ମୁଖ୍ୟ ନାୟକ କ୍ଷମତା, ସଂଘର୍ଷ, ଲୁଚି ରହିଥିବା ରହସ୍ୟ ଏବଂ ପୁରୁଣା ଶତ୍ରୁତା ମଧ୍ୟରେ ଛନ୍ଦି ହୋଇଯାଇଛନ୍ତି । ଯେତେବେଳେ ଲୁକ୍କାୟିତ ସତ୍ୟ ସାମ୍ନାକୁ ଆସିବାକୁ ଲାଗେ, ରକ୍ତର ସମ୍ପର୍କର ପ୍ରକୃତ ପରୀକ୍ଷା ହୁଏ ଏବଂ ସମ୍ପର୍କଗୁଡ଼ିକ ବିଶ୍ୱାସଘାତକତାର ସୀମାକୁ ପାରି ହୋଇଯାଏ । ଏହି ଚଳଚ୍ଚିତ୍ରରେ ପ୍ରତିଶୋଧ ଏବଂ ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦୃଶ୍ୟାୟନ କରାଯାଇଛି । ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର ଏବଂ ରାଜ ରାଜେଶ ପ୍ରମୁଖ ଲୋକପ୍ରିୟ କଳାକାର ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରୀତମ ସାହୁ। ନିର୍ଦ୍ଦେଶନା ଦେଇଛନ୍ତି ଯଶ ଓ ସୁନୀଲ। ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ''ଶକ୍ତିଶାଳୀ କାହାଣୀ ସହିତ କଳାକାରଙ୍କ ଦମଦାର ଅଭିନୟ 'ଚନ୍ଦ୍ରବଂଶୀ'ରେ ଦେଖିବାକୁ ମିଳିବ। କ୍ଷମତା, ତ୍ୟାଗ ଏବଂ ସମ୍ମାନର ଏହି ଆକର୍ଷଣୀୟ କାହାଣୀ ନେଇ ପ୍ରସ୍ତୁତ ଏହି ଫିଲ୍ମଟିକୁ ଜୀ ସାର୍ଥକରେ ଦେଖିବାକୁ ଭୁଲନ୍ତୁ ନାହିଁ ବୋଲି କହିଛନ୍ତି ଜୀ–ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ।''



'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ

# ଲାଇନ୍‌ବାଲା



'ଲାଇନ୍‌ବାଲା' ଫିଲ୍ମରେ ଅଶ୍ରୁମୋଚନ

ନିଜର ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଲାଇନ୍‌ବାଲା'। ସେମାନଙ୍କ ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି। ଆଉ ଏଭଳି ଆଶା କାହାର ପୂରଣ ହୋଇଛି ଜାଣନ୍ତି ? ସୁଶାନ୍ତ କୁମାର ମହାନ୍ତିଙ୍କର। ସେ ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ୍ୟ କରିଛନ୍ତି। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ପିତ ଆଚାର୍ଯ୍ୟ। ଆଉ ଏଭଳି ଭୂମିକା ସମ୍ପର୍କରେ ସେ କହନ୍ତି, ''ଯେତେବେଳେ ସୁଶାନ୍ତ ବାବୁ ମୋତେ ଏହାର କାହାଣୀ ଶୁଣାଇଲେ ସେତେବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ଏଭଳି ଏକ ଚରିତ୍ରକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଫିଲ୍ମଟି ରିଲିଜ ହେବା ପରେ ମୋର ପରିଶ୍ରମର ମୂଲ୍ୟ ନିଶ୍ଚୟ ପାଇବି ବୋଲି ଆଶା ରଖିଛି। ଚିତ୍ରଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ''ଏହି ଫିଲ୍ମଟି ଏକ ସତ ଘଟଣା ଉପରେ ଆଧାରିତ। ଏଥିରେ ଅନେକ ସୋସିଆଲ ମ୍ୟାସେଜ ରହିଛି। ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇପାରିବ ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ।'' ଏକ ଗାଁର ଜଣେ ଖଳପ୍ରକୃତିର ଲୋକ ଯିଏ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି, ଆଉ ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି। ଶ୍ରୀହରି ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ଶୁଟିଂ ନିକଟରେ ଶେଷ ହୋଇଛି। ଏଥିରେ ସମ୍ପିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ।

# ଅପୂରଣ ରହିଗଲା ଆଶା



ପରିଣିତୀ

କଥାରେ ଅଛି–ଆଶା ଅସୁମାରୀ। ହେଲେ ମନୁଷ୍ୟ ଯାହା ଭାବେ ତାହା କ'ଣ ସବୁବେଳେ ପୂରଣ ହୁଏ ? ଅନେକ ସମୟରେ କେତେକ ଆଶା ଶୂନ୍ୟରେ ମିଳାଇ ଯାଇଥାଏ। ଯେତେବେଳେ ପରିଣିତୀ ଚୋପ୍ରା ପାଠ ପଢୁଥିଲେ ସେତେବେଳେ ତାଙ୍କର ଆଶା ଥିଲା ଭବିଷ୍ୟତରେ ବ୍ୟାଙ୍କିଙ୍ଗ ଇନଭେଷ୍ଟମେଣ୍ଟରେ ଚାକିରି କରିବେ। କିନ୍ତୁ ତାହା ସଫଳ ହୋଇପାରି ନ ଥିଲା। ମାଞ୍ଚେଷ୍ଟର ବିଜନେସ୍ ସ୍କୁଲରୁ ସେ ଟ୍ରିଲିପ (ବିଜନେସ୍, ଫାଇନାସ୍, ଇକୋନମିସ) ଅନର୍ସ ହାସଲ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। କେବଳ ସେତିକି ନୁହେଁ, ସେତେବେଳେ ସେ ଲଣ୍ଡନରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବରେ କିଛି ମାସ କାମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଚାକିରିକୁ ଛାଡିବାକୁ ପଡିଥିଲା। ପରିଣିତୀ ମଧ୍ୟ ଜଣେ ହିନ୍ଦୁସ୍ଥାନ କ୍ଲାସିକ କଣ୍ଠଶିଳ୍ପୀ। ସେ ମଧ୍ୟ ଭଲ ପାଠ ପଢୁଥିଲେ। ପରିଣିତୀ ଦ୍ୱାଦଶ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିଲେ ଆଉ ଏଥିପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଥିଲେ। ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜନା ସଂସ୍ଥା ଯଶରାଜ ଫିଲ୍ମସର ମାର୍କେଟିଂ ବିଭାଗରେ ସେ କିଛି ମାସ ଇନ୍‌ଟ୍ରନ୍ ଭାବରେ କାମ କରିଥିଲେ। ପରିଣିତୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା।

ଅପେରା ହାଲ୍‌ଚାଲ୍

# ଖୁସି ଅଛନ୍ତି ଭୂଷଣ

ଭୂଷଣ ଦେବଶର୍ମାଙ୍କର ଯାତ୍ରା ଜୀବନ ଆରମ୍ଭ ହୁଏ ୨୦୦୬ରେ। ତାଙ୍କ ଅଭିନୀତ ପ୍ରଥମ ନାଟକ ଥିଲା 'ଭଙ୍ଗା ସଂସାର'। ତା'ପରେ ଲଗାତର ଚାରି ବର୍ଷ ଅପେରା ସହ ଜଡିତ ରହନ୍ତି। ୨୦୧୦ରେ ଯାତ୍ରାରୁ ବ୍ରେକ୍ ନେଇ ଧାରାବାହିକ, ଓଡ଼ିଆ, ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରନ୍ତି। ଦୀର୍ଘ ୧୪ ବର୍ଷ ପରେ ସେ 'ସ୍ୱର୍ଣ୍ଣମନ୍ଦିର'ରୁ ପୁଣି ଥରେ ଅପେରା ଜଗତରେ ଆରମ୍ଭ କରନ୍ତି ନିଜର ଦ୍ୱିତୀୟ ଇଂନିସ। ଏବେ ଯାତ୍ରା ଦୁର୍ଗାମନ୍ଦିରରେ ନିଜର ଅଭିନୟ ଜାରିରଖିଛନ୍ତି ଏହି ଅଭିନେତା। ନିଜ କ୍ୟାରିୟର ବିଷୟରେ ସେ କହନ୍ତି, ''ଏ ପର୍ଯ୍ୟନ୍ତ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଛି। ଏବେ ମୋର ବୟସ ଅନୁସାରେ ମୁଁ ଭାବୁଛି ବାପା, ବଡ ଭାଇ ଭଳି ଭୂମିକାକୁ ହିଁ ଆଦରି ନେବି। କାରଣ ସମୟ ସହିତ ମୋତେ ତାଳ ମିଳାଇ ଆଗେଇବାକୁ ପଡିବ। ଯାତ୍ରାରୁ ସାମୟିକ ବିରତି ନେବା ପରେ 'ରାଜକନ୍ୟା', 'ତୋ ପାଇଁ', 'କ୍ୱାଇଁ ନମ୍ବର ଓ୍ୱାନ', 'ଝିଲ୍ଲୀ', 'ଗୌରୀ', 'ଝିଅ ହେବ ନୂଆ ବୋହୂ' ଏବଂ 'ତୋରି ପାଇଁ ତୋ ପାଇଁ'ରେ ଅଭିନୟ କଲି। ମୋତେ ମିଳିଥିବା ପ୍ରତିଟି ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇବି ସେ ନେଇ ପ୍ରଥମେ ନିଜକୁ ପ୍ରସ୍ତୁତ କରିନିଏ। ସେଇଥିପାଇଁ ହିଁ ଆଜି ମୋର ଅଭିନୟ କ୍ୟାରିୟର ଆଗକୁ ଆଗେଇ ଚାଲିଛି।'' ଭୂଷଣ ଅଭିନୟ କରିଥିବା ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି 'ଲୁଚି ଲୁଚି କାନ୍ଦେ ଫଗୁଣ' (ମା' ଗଣନାଟ୍ୟ), 'ପ୍ରତାରଣା' (ଯାତ୍ରା ସାତଶଙ୍ଖ), 'ଅପା ଯିବ ଶାଶୁ ଘର'(ରାଜମହଲ), 'ମୁଁ ଅନାଥ ତୁ ଜଗନ୍ନାଥ' ଏବଂ 'ଛାତି ଭିତରେ ମୋ ମନର କଥା' (ଯାତ୍ରା ଦୁର୍ଗାମନ୍ଦିର)।



ଭୂଷଣ

# ରହିଗଲା ଅବସୋସ

ଜଣେ କଳାକାରର କିଛି ନା କିଛି ସ୍ୱତନ୍ତ୍ର ଆଶା ରହିଥାଏ। ବେଳେବେଳେ ଭଲ ଭୂମିକାଟିଏ ମିଳିଥିଲେ ମଧ୍ୟ କେତେକ କାରଣରୁ ତାହାକୁ ହାତଛଡା କରି ପରବର୍ତ୍ତୀ ସମୟରେ ସେ ନେଇ ଅବଶୋଷ ପ୍ରକାଶ କରିଥାଆନ୍ତି। ଆଉ ଏହି ଧାରାରୁ ମଧ୍ୟ ବାଦ୍ ପଡିନାହାନ୍ତି ଶାହୀଦ କପୁର। ଏକଦା ତାଙ୍କୁ 'ରଙ୍ଗ ଦେ ବସନ୍ତୀ'ରେ କରନ୍ ଆର. ସିଘାଣିଆ ଭୂମିକାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ହାତଛଡା କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭୂମିକା ପାଇଁ ନବାଗତ ସିଦ୍ଧାର୍ଥଙ୍କୁ ସାଇନ୍ କରାଯାଇଥିଲା। ଏ ନେଇ ଶାହୀଦ କହନ୍ତି, ''ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ପ୍ରଥମେ ମୋତେ ଅଫର ଦିଆଯାଇଥିଲା। ହେଲେ କେତେକ କାରଣରୁ ମୁଁ ଏହାକୁ ଗ୍ରହଣ କରି ନ ଥିଲି। ପରେ ଯେତେବେଳେ ଫିଲ୍ମଟି ହିଟ୍ ହେଲା, ସେତେବେଳେ ମୁଁ ଟିକେ ଅନୁତାପ କରିଥିଲି। '' ଶାହୀଦ 'ତାଲ୍' ଫିଲ୍ମରେ ଜଣେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ' ଆଉ ଏହା ମଧ୍ୟ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଶାହୀଦ ଜଣେ ଶାକାହାରୀ। ଏକଦା 'ଜର୍ସି' ଫିଲ୍ମର ଶୁଟିଂ ସମୟରେ ତାଙ୍କ ମୁହଁରେ ଆଘାତ ଲାଗିଥିଲା। ଆଉ ଏଥିପାଇଁ ମୁହଁରେ ୨୫ଟି ଷ୍ଟିଚ୍ ପଡିଥିଲା। ଏହାପରେ ସେ କିଛି ସମୟ ବିଶ୍ରାମ ନେଇଥିଲେ ଏବଂ ପୁଣି ଶଟ୍ ଦେବାକୁ ପ୍ରସ୍ତୁତ ହୋଇଥିଲେ।



ଶାହୀଦ

# ଘାରିଛି କବିତା ନିଶା



ଜାହ୍ନବୀ

କବିତାଟିଏ ରଚନା କରିବା ନିଶା ତାଙ୍କର ଏବେକାର ନୁହେଁ। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡିତ ଥିଲେ। ମନରେ କିଛି ଭାବନା ଆସିଲେ କିମ୍ବା କୌଣସି ପ୍ରାକୃତିକ ଦୃଶ୍ୟରାଜି ଦେଖିଲେ ତାହାକୁ ତୁରନ୍ତ କବିତାରେ ରୂପାନ୍ତରିତ କରିବାକୁ ଭୁଲୁ ନ ଥିଲେ। ଆଉ ଏବେ ମଧ୍ୟ କବିତାଟିଏ ଲେଖିବାକୁ ପଛାଇ ନଥାନ୍ତି। ହଁ, ସେ ହେଲେ ଜାହ୍ନବୀ କପୁର। କେବଳ ସେତିକି ନୁହେଁ, ସେ କଥକ ନୃତ୍ୟରେ ମଧ୍ୟ ନିପୁଣା। କାଲିଫର୍ନିଆସ୍ଥିତ ଲି' ଷ୍ଟ୍ରାର୍ସବର୍ଗ ଥିଏଟର ଆଣ୍ଡ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟରୁ ସେ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ବ୍ୟାୟାମ କରିବାକୁ ଆଦୌ ଭୁଲି ନ ଥାନ୍ତି ଏହି ଅଭିନେତ୍ରୀ। ୨୦୧୮ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଫିଲ୍ମଟି ଥିଲା 'ଧଡକ୍'। ଇତିମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୬/୨୦୨୬ Bhubaneswar, Thursday, February 26/ 2026

# ଭାରତର ପ୍ରଥମ ବିଜୟ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

### ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ୩-୧ରେ ହରାଇଲା

**ହୋବାର୍ଟ, ୨୫ା୨**

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବୁଧବାର ଭାରତ ପ୍ରଥମ ବିଜୟ ହାସଲ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ଭାରତୀୟ ଦଳ ଶୁଟ୍‌ଆଉଟ ୩-୧ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟରେ ଚମତ୍କାର ସେଭ୍ କରି ଭାରତର ପ୍ରଥମ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଯୁବ ଗୋଲକିପର ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଭାରତର ହୋବାର୍ଟ ଲେଗ୍ (ଚରଣ) ଚ୍ୟାଲେଞ୍ଜ ଶେଷ ହୋଇଛି। ୯ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଭାରତ ୮ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି। ଏହା ମଧ୍ୟରେ ୧ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଏବଂ ୫ ପରାଜୟ ସାମିଲ। ଦଳ ମାତ୍ର ୯ଟି ଗୋଲ ଦେଇଥିବାବେଳେ ୨୪ ଗୋଲ ବରଣ କରିଛି। ଗୋଲ ବ୍ୟବଧାନ -୧୬ ରହିଛି, ଯାହାକି ଉପରେ ଥିବା ୭ ଦଳ ତୁଳନାରେ ନିକୃଷ୍ଟ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୨୧ (୬ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ) ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ଏହାପରେ ରୋଟରଡାମ ଚରଣରେ ନେଦରଲାଣ୍ଡ ଓ ଜର୍ମାନୀକୁ ଭେଟିବ। ଜୁନ ୧୪ରେ ଘରୋଇ ନେଦରଲାଣ୍ଡ ସହିତ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।



ପ୍ଲେୟର ଅଫ୍ ଦି ମ୍ୟାଚ ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର।

ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ତେବେ ଦୃଢ଼ ରକ୍ଷଣଭାଗ ଯୋଗୁ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୪୯ତମ ମିନିଟ୍‌ରେ ଅଧିନାୟକ ଜେରେମି ହେଓ୍ୱାର୍ଡଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୨ ମିନିଟ ପରେ ଭାରତୀୟ ଦଳର ଦକ୍ଷ ଓଡ଼ିଆ ଫରଓ୍ୱାର୍ଡ ଶୀଳାନନ୍ଦ ଲାକ୍ରା (୫୧ତମ ମିନିଟ) ଗୋଲଟି ପରିଶୋଧ କରିଦେଇଥିଲେ। ଫଳାଫଳ ଲାଗି ଶୁଟ୍‌ଆଉଟ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ଶୀଳାନନ୍ଦ ଲାକ୍ରା, ମନିନ୍ଦର ସିଂ ଓ ବିଷ୍ଣୁକାନ୍ତ ସିଂ ଗୋଲ ଦେଇଥିବାବେଳେ ଅଭିଷେକଙ୍କ ପ୍ରୟାସ ବ୍ୟର୍ଥ ହୋଇଥିଲା। ଅଷ୍ଟ୍ରେଲିଆ ଗୋଲ୍‌କିପର ଥିଲେ ଆଶ୍‌ଲେ ଥୋମାସ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପକ୍ଷରୁ କେବଳ ଜେରେମି ହେଓ୍ୱାର୍ଡ ଗୋଲ ଦେଇଥିବାବେଳେ ଟିମ୍ ବ୍ରାଣ୍ଡ, ଲିଆମ ହେଣ୍ଡେରସନ ଓ କୁପର ବର୍ନ୍ସ ଭାରତୀୟ ଗୋଲ୍‌କିପରଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର ଚାପ ସ୍ଥିତିରେ ସାହସିକ ପ୍ରଦର୍ଶନ କରିଥିଲେ।

ପ୍ରୋ ଲିଗ୍‌ର ରାଉରକେଲା ଚରଣରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନାଠାରୁ ଭାରତ ସମସ୍ତ ୪ଟିଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ହୋବାର୍ଟ ଚରଣରେ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ୦-୨ରେ ହାରିବାପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ଶୁଟ୍‌ଆଉଟ୍ ୪-୫ (ନିର୍ଦ୍ଧାରିତ ସମୟରେ ୨-୨) ଗୋଲରେ ପରାଜିତ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ମଧ୍ୟ ଭାରତ ଶୁଟ୍‌ଆଉଟ ୩-୪(ନିର୍ଦ୍ଧାରିତ ସମୟରେ ୧-୧) ଗୋଲରେ ହାର୍ ମାନିଥିଲା।

# ଏସିଆ କପ୍ ବଧିର କ୍ରିକେଟ: ଭାରତ ଚାମ୍ପିୟନ



ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୨୫ା୨(କୁମାରଶ୍ରୀ)**

ଏସିଆ କପ୍ ବଧିର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଫାଇନାଲରେ ଆୟୋଜକ ଭାରତ ୬ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ପ୍ରଥମ ସଂସ୍କରଣର ଟାଇଟଲ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୪୫ ରନ୍‌ର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ଭାରତ ଅନ୍ତିମ ଓଭରର ୫ମ ବଲ୍‌ରେ ହାସଲ କରିନେଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଇ ଆକାଶ ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ।

ଲିଗ୍ ପର୍ଯ୍ୟାୟରେ ମାତ୍ର ୧ ରନ୍‌ରେ ପରାସ୍ତ ହୋଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ଫାଇନାଲରେ ଭାରତକୁ କଡ଼ା ଟକ୍କର ଦେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ଉଇକେଟ ପତନ ସତ୍ତ୍ୱେ ଜି.ଏଲ୍. ମାଲକାମ ୪୬ ବଲ୍‌ରୁ ୬୨ ରନ୍‌ର ଉପଯୋଗୀ ପାଳି ଖେଳିଥିଲେ। ଭାରତର ଯଶବନ୍ତ ନାଇଡୁ ଏବଂ ସାଇ ଆକାଶ ଯଥାକ୍ରମେ ୩ ଏବଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବୀରେନ୍ଦ୍ର ସିଂଙ୍କ ୫୨, ଓଡ଼ିଆ ଖେଳାଳି ସନ୍ତୋଷ ମହାପାତ୍ରଙ୍କ ୪୩ ରନ୍ ସହାୟତାରେ ଭାରତ ୪ ଉଇକେଟ ହରାଇ ୧୯.୫ ଓଭରରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ସାଇ ଆକାଶ ୧୪ ବଲ୍‌ରୁ ୨୭ ରନ୍‌ର ଦ୍ରୁତ ଇନିଂସ୍ ଖେଳିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଲଙ୍କାର ମାଲକାମ ବ୍ୟାଟର ଅଫ୍ ଦି ସିରିଜ ଏବଂ ପ୍ଲେୟର ଅଫ୍ ଦି ସିରିଜ, ଜି.ଏଲ. ଡି ସିଲ୍‌ଭା ବୋଲର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଏନ୍‌ସିସିର ଡେପୁଟି ଡିରେକ୍ଟର ଜେନେରାଲ ବିକ୍ରମ ସିଂ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ମୁକେଶ କୁମାର, ବଙ୍କିମ ମହାନ୍ତି, କୋଲ୍‌କାତାର ବ୍ରିଟିଶ୍ ଡେପୁଟି ହାଇକମିଶନର ସ୍ୱର୍ଣ୍ଣମୟୀ ଶତପଥୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

# ରଣ୍‌ଜୀ ଟ୍ରଫି ଫାଇନାଲ: ଜମ୍ମୁ କଶ୍ମୀର ୫୨୭/୬

**ହୁବଲି, ୨୫ା୨**

କେଏସ୍‌ସିଏ ଷ୍ଟାଡିୟମରେ କର୍ଣ୍ଣାଟକ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ମଧ୍ୟ ଜମ୍ମୁ କଶ୍ମୀର ବ୍ୟାଟରମାନେ ପ୍ରଭୁତ୍ୱ ବିସ୍ତାର କରିଥିଲେ। ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖି ଜମ୍ମୁ କଶ୍ମୀର ୬ ଉଇକେଟ ହରାଇ ୫୨୭ ରନ କରିଛି। ପର୍ଯ୍ୟାପ୍ତ ଆଲୋକ ଅଭାବ କାରଣରୁ ଦ୍ୱିତୀୟ ଦିନର ଖେଳକୁ ଶୀଘ୍ର ଶେଷ କରାଯାଇଥିଲା।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୪/୨ରୁ ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ କଶ୍ମୀର ବ୍ୟାଟର ଭଲ ସର୍ଫେସର ଫାଇଦା ଉଠାଇଥିଲେ। କହ୍ନେୟା ୱାଧୱନ ଓ ଅଧିନାୟକ ପାରସ ଡୋଗ୍ରା ୭୦ ଲେଖାଏ ରନ କରି ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଶୁଭମ ପୁଣ୍ଡିର ୧୨୧ ଓ ଅବଦୁଲ ସମଦ ୬୧ ରନ କରି ଆଉଟ୍ ହୋଇଥିଲେ। ବଂଶଜ ଶର୍ମାଙ୍କ ଇଞ୍ଜୁରୀ କାରଣରୁ ପ୍ଲେଇଂ ଏକାଦଶରେ ସ୍ଥାନ ପାଇଥିବା ସାହିଲ ଲୋତ୍ରା ନଂ-୭ରେ ବ୍ୟାଟିଂ କରି ୫୭ ଓ ଆବିଦ ମୁସ୍ତାକ ୨୦ ରନରେ ଅପରାଜିତ ରହିଛନ୍ତି। କର୍ଣ୍ଣାଟକ ପାଇଁ ପେସର ପ୍ରସିଦ୍ଧ କ୍ରିଷ୍ଣା ୩ ଉଇକେଟ ନେଇଥିବା ବେଳେ ଅନ୍ୟ ବୋଲରଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୨୭/୬(ଶୁମଭ ପୁଣ୍ଡିର-୧୨୧, ପାରସ ଡୋଗ୍ରା-୭୦, କହ୍ନେୟର ୱାଧୱନ-୭୦, ଅବଦୁଲ ସମଦ-୬୧, ସାହିଲ ଲୋତ୍ରା-୫୭*; ପ୍ରସିଦ୍ଧ କ୍ରିଷ୍ଣା-୩/୯୦)।

## ଡୋଗ୍ରା ଦଣ୍ଡିତ

**ହୁବଲି, ୨୫ା୨**

ବହୁପ୍ରତୀକ୍ଷିତ ରଣ୍‌ଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ବୁଧବାର ବୋଲର ଓ ଫିଲ୍ଡରଙ୍କ ଲଗାତର ସ୍ଲେଜିଂ କାରଣରୁ ଜମ୍ମୁ କଶ୍ମୀର ଅଧିନାୟକ ପାରସ ଡୋଗ୍ରା ନିଜ ଉପରୁ ନିୟନ୍ତ୍ରଣ ହରାଇ ଶର୍ଟ ଲେଗ୍‌ରେ ଫିଲ୍ଡିଂ କରୁଥିବା କର୍ଣ୍ଣାଟକ ଫିଲ୍ଡରଙ୍କ ହେଲମେଟ୍‌କୁ ମୁଣ୍ଡିଆ ମାରିଥିଲେ। ଏହି ଘଟଣା ଜମ୍ମୁ କଶ୍ମୀର ଇନିଂସର ୧୦୧ତମ ଓଭରରେ ଘଟିଥିଲା। ଶର୍ଟ ଲେଗ୍‌ରେ ଫିଲ୍ଡିଂ କରୁଥିବା ଅନିଶଙ୍କ ହେଲମେଟକୁ ଡୋଗ୍ରା ତାଙ୍କ ହେଲମେଟରେ ମାରିଥିଲେ। କର୍ଣ୍ଣାଟକର ପୂର୍ବତନ ଅଧିନାୟକ ମୟଙ୍କ ଅଗ୍ରୱାଲ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଅମ୍ପାୟର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ଡୋଗ୍ରା ନିଜ କାର୍ଯ୍ୟ ଲାଗି ଭୁଲ୍ ମାଗିଥିଲେ।

# ଭୁବନେଶ୍ୱର ମାରାଥନ୍ ଜର୍ସି ଉନ୍ମୋଚିତ



ଭୁବନେଶ୍ୱର ମାରାଥନର ଜର୍ସି ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨୫ା୨ (ତପନ ସ୍ୱାଇଁ)**

୨୦୨୬ କଳିଙ୍ଗ ରନର୍ସ ଟ୍ରଷ୍ଟ (କେଆର୍‌ଟି) ଓ ନିସମ କନ୍‌ସଲ୍‌ଟିଂର ଯୁଗ୍ମ ଆୟୋଜନରେ ଭୁବନେଶ୍ୱର ମାରାଥନ୍ ମାର୍ଚ୍ଚ ୧ରେ ସ୍ଥାନୀୟ ଆର୍‌ଟିଓ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବୁଧବାର ମାରାଥନର ଜର୍ସି ଓ ପଦକ ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିସମ କନ୍‌ସଲ୍‌ଟିଂ ଇଣ୍ଡିଆର ଅପରେଶନ୍ସ ହେଡ୍ ନିଖତ ମହମ୍ମଦୀ ଏବଂ କଳିଙ୍ଗ ରନର୍ସ ଟ୍ରଷ୍ଟର ସଭାପତି ସ୍ୱାତୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ମାରାଥନ ପାଇଁ ୩.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏଥିରେ ୩ଟି ବର୍ଗ (୫, ୧୦ ଓ ୨୧ କିଲୋମିଟର)ରେ ଧାବିକା ଓ ଧାବକ ଅଂଶଗ୍ରହଣ କରିବେ। ସକାଳ ୫ଟାରେ ଫ୍ଲାଗ୍‌ଅଫ୍ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ମହିଳା ସଶକ୍ତୀକରଣ ଉପରେ ଏଥର ଫୋକସ୍ କରାଯାଇଛି।

## ନ୍ୟାଶନାଲ ଟିମ୍ ଚେସ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୫ା୨(ତପନ ସ୍ୱାଇଁ)**

ରାୟପୁରଠାରେ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ମାର୍ଚ୍ଚ ୧୬ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ଭାଗନେବ। ପ୍ରତି ଦଳରେ ୫ ଜଣ ଲେଖାଏ ଖେଳାଳି ରହିବେ। ରେଟିଂ ଭିତ୍ତିରେ ଅଧିନାୟକ ମନୋନୀତ ହେବେ। ଉଭୟ ଦଳ ଲାଗି ଜଣେ ମ୍ୟାନେଜର ନିଯୁକ୍ତ ହେବେ। ଆଗାମୀ ପ୍ରତିଯୋଗିତାରେ ଖେଳିବାକୁ ଆଗ୍ରହୀ ଥିବା ଖେଳାଳିମାନେ ପ୍ରତିଯୋଗିତାର ୮ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୮ ସୁଦ୍ଧା ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କୁ ଆବେଦନପତ୍ର ଦେବାକୁ ପରାମର୍ଶ ଦିଆଯାଇଛି। ଚୟନ ହୋଇଥିବା କୌଣସି ଖେଳାଳି ଯଦି ଉପଲବ୍ଧ ନ ହୁଅନ୍ତି କିମ୍ବା ଓହରିଯାଆନ୍ତି ତେବେ ସେ କ୍ଷେତ୍ରରେ ଆବେଦନ କରିଥିବା ଖେଳାଳିଙ୍କ ମଧ୍ୟରୁ ଉଚ୍ଚ ରେଟିଂ ଭିତ୍ତିରେ ଷ୍ଟାଣ୍ଡବାଇରେ ଥିବା ପିଲାଙ୍କୁ ସୁଯୋଗ ଦିଆଯିବ ବୋଲି ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ନିୟମ ଅନୁସାରେ, ଏଓସିଏ ଖେଳାଳିଙ୍କ ଖର୍ଚ୍ଚ ବହନ କରିବ।

# ନ୍ୟୁଜିଲାଣ୍ଡ ବିଜୟୀ: ଶ୍ରୀଲଙ୍କା ଅଭିଯାନ ଶେଷ

**କଲମ୍ବୋ,୨୫ା୨**

ସ୍ଥାନୀୟ ଆର୍ ପ୍ରେମଦାସା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ଏକ ସୁପର-୮ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ସେମିଫାଇନାଲ ନିକଟତର ହୋଇଥିବା ବେଳେ ଶ୍ରୀଲଙ୍କାର ସେମିଫାଇନାଲ ଖେଳିବା ଆଶା ଶେଷ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଖୁବ ଶସ୍ତାରେ ଟିମ ସିଫର୍ଟ (୮) ଓ ଫିନ ଆଲେନ (୨୩ ରନ୍, ୩ ଚୌକା ଓ ୧ ଛକା)ଙ୍କ ଉଇକେଟ ହରାଇଥିଲା। ରାଚିନ ରବୀନ୍ଦ୍ର (୩୨ ରନ, ୩ ଚୌକା ଓ ୧ ଛକା) ଓ ଗ୍ଲେନ ଫିଲିପ୍ସ (୧୮) ତୃତୀୟ ଉଇକେଟରେ ୪୧ ରନ ଯୋଡ଼ିବା ପରେ ଦଳ ମାତ୍ର ୯ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ଏପରିକି ନ୍ୟୁଜିଲାଣ୍ଡ ୧୨.୧ ଓଭରରେ ନ୍ୟୁଜିଲାଣଡ ୮୪ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହିଠାରୁ ଅଧିନାୟକ ସାଣ୍ଟନର ଓ ମ୍ୟାକୋଞ୍ଚି କାଉଣ୍ଟର ଆଟାକ କରି ସପ୍ତମ ଉଇକେଟରେ ୮୪ ରନ ଯୋଡ଼ିଥିଲେ। ସାଣ୍ଟନର ୨୬ ବଲରେ ୪୭ (୨ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିବାବେଳେ ମ୍ୟାକୋଞ୍ଚି ୨୩ ବଲରେ ୩୧ (୩ ଚୌକା ଓ ୨ ଛକା) ରନ କରି ଅପରାଜିତ ଥିଲେ। ଫଳରେ



ଉଇକେଟ ନେବା ପରେ ରାଚିନ ରବୀନ୍ଦ୍ର (ଡାହାଣ)ଙ୍କୁ ଟିମ୍ ସିଫର୍ଟଙ୍କ ବଧେଇ।

ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା। ଶ୍ରୀଲଙ୍କା ପାଇଁ ମହେଶ ଥିକ୍ଷଣା ଓ ଦୁଷ୍ମନ୍ତ ଚାମିରା ୩ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୮ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ କେବଳ କାମିଣ୍ଡୁ ମେଣ୍ଡିସ ୩୧ (୪ ଚୌକାଓ ) ଓ ଦୁନିଥ ୱେଲାଲେଜ ୨୯ (୨ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସ୍କୋର କରି ପାରି ନ ଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ ରବୀନ୍ଦ୍ର ୪, ମ୍ୟାଟ୍ ହେନରୀ ୨ ଓ ସାଣ୍ଟନର ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୬୮/୭ (ମିଚେଲ ସାଣ୍ଟନର-୪୭, କୋଲ ମ୍ୟାକୋଞ୍ଚି-୩୧*, ରାଚିନ ରବୀନ୍ଦ୍ର-୩୨ ; ମହେଶ ଥିକ୍ଷଣା-୩/୩୦, ଦୁଷ୍ମନ୍ତ ଚାମିରା-୩/୩୮)। ଶ୍ରୀଲଙ୍କା: ୨୦ ଓଭରରେ ୧୦୭/୮ (କାମିଣ୍ଡୁ ମେଣ୍ଡିସ-୩୧, ଦୁନିଥ ୱେଲାଲେଜ-୨୯ ; ରାଚିନ ରବୀନ୍ଦ୍ର-୪/୨୭, ମ୍ୟାଟ୍ ହେନରୀ-୨/୩, ମିଚେଲ ସାଣ୍ଟନର-୧/୧୯)।

**ପ୍ଲେୟର୍ ଅଫ୍ ଦି ମ୍ୟାଚ୍: ରାଚିନ ରବୀନ୍ଦ୍ର**

## ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ୱେଷ୍ଟଇଣ୍ଡିଜ୍ | ୧ | ୧ | ୦ | ୦ | ୨ | +୫.୩୫୦ |
| ଦ.ଆଫ୍ରିକା | ୧ | ୧ | ୦ | ୦ | ୨ | +୩.୮୦୦ |
| ଭାରତ | ୧ | ୦ | ୧ | ୦ | ୦ | -୩.୮୦୦ |
| ଜିମ୍ବାୱେ | ୧ | ୦ | ୧ | ୦ | ୦ | -୫.୩୫୦ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୨ | ୨ | ୦ | ୦ | ୪ | +୧.୪୯୧ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | +୩.୦୫୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

## ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ୱେଷ୍ଟଇଣ୍ଡିଜ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ଅହମଦାବାଦ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଜିମ୍ବାୱେ**

ସ୍ଥାନ: ଚେନ୍ନାଇ,
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# 'କର ବା ମର' ସ୍ଥିତିରେ ଭାରତ

**ଚେନ୍ନାଇ,୨୫ା୨(ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଦଳ ଗୁରୁବାର ଜିମ୍ବାୱେକୁ ଭେଟିବାକୁ ଯାଉଛି। ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ବଡ଼ ପରାଜୟ ସମ୍ମୁଖୀନ ହୋଇଥିବା ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆକୁ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ତେବେ ଟପ ଅର୍ଡର ବ୍ୟାଟରଙ୍କ ପ୍ରଦର୍ଶନ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ବିଶ୍ୱକପ୍ ପୂର୍ବରୁ ଇଶାନ କିଶନ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିପାକ୍ଷିକ ଘରୋଇ ସିରିଜ୍‌କୁ ଭାରତ ସହଜରେ ଜିତି ନେଇଥିଲା। ହେଲେ ପେଟ ସଂକ୍ରମଣ ହେବା ପରଠାରୁ ଅଭିଷେକଙ୍କ ବ୍ୟାଟିଂ ପ୍ରଭାବିତ ହୋଇଛି। ଧୀମା ପିଚ୍ ଓ ଅଫ ସ୍ପିନରଙ୍କ କାରଣରୁ ତାଙ୍କଠାରୁ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳୁନାହିଁ। ସେ ଏପର୍ଯ୍ୟନ୍ତ ୪ ମ୍ୟାଚ୍‌ରେ ୩.୭୫ ଆଭରେଜରେ ମାତ୍ର ୧୫ ରନ କରିଛନ୍ତି। ତାଙ୍କ ବ୍ୟତୀତ ତିଲକ ବର୍ମାଙ୍କ ଷ୍ଟ୍ରାଇକ୍ ରେଟ୍ ମଧ୍ୟ ଚିନ୍ତାର କାରଣ ପାଲଟିଛି। ଅବଶ୍ୟ ସେ ଫର୍ମରେ ଥିବା ଇଶାନ କିଶନଙ୍କୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯୋଗାଇଛନ୍ତି। କିନ୍ତୁ ପାୱରପ୍ଲେରେ ୧୧୮ ଷ୍ଟ୍ରାଇକ୍-ରେଟ୍‌ରେ ରନ କରିବା ଦଳକୁ ସହଯୋଗ କରୁ ନାହିଁ। ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟୁର୍ଣ୍ଣାମେଣ୍ଟରେ ୧୮୦ ରନ କରିଛନ୍ତି। ହେଲେ ସେ ତାହା ୧୨୭ ଷ୍ଟ୍ରାଇକ-ରେଟ୍‌ରେ କରିଛନ୍ତି, ଯାହାକି ତାଙ୍କ କ୍ୟାରିୟର ଷ୍ଟ୍ରାଇକ୍‌ରେଟ ୧୬୧ଠାରୁ ଖୁବ କମ୍। ମଧ୍ୟକ୍ରମରେ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ଗତିରେ ରନ କରି ନ ଥିଲେ ଭାରତୀୟ ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ସମ୍ମାନଜନକ ସ୍କୋର ଛିଡ଼ା କରିପାରି ନ ଥାନ୍ତା।





ବୁଧବାର ଭାରତୀୟ ଦଳର ଅଭ୍ୟାସ ସେସନରେ ସଞ୍ଜୁ ସାମସନ ଓ ଯଶପ୍ରୀତ୍ ବୁମ୍‌ରା।

## ସାମ୍‌ସନ ଫେରିବେ କି

ଟିମ୍ ସିଲେକ୍ସନରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ସଞ୍ଜୁ ସାମସନ ଫେରିବେ କି। ଭାରତୀୟ ଦଳର ଟପ୍ ଅର୍ଡରରେ ଅଭିଷେକ, ଇଶାନ ଓ ତିଲକଙ୍କ ରୂପେ ୩ ବାମହାତୀ ବ୍ୟାଟର ରହିଛନ୍ତି। ଏଥିଯୋଗୁ ଗତ ମ୍ୟାଚ୍‌ରେ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ପାୱରପ୍ଲେରେ ଅଫ୍ ସ୍ପିନରଙ୍କୁ ଲଗାଇଥିଲେ, ଯାହା ଫଳରେ ଭାରତର ରନ ସ୍କୋରିଂ ହାର ହ୍ରାସ ପାଇଥିଲା। ଏଣୁ ସାମସନଙ୍କୁ ସାମିଲ କରିବା ଦ୍ୱାରା ଟପ ଅର୍ଡର ସମସ୍ୟା ଦୂର ହୋଇପାରେ। ହେଲେ କେରଳ ବ୍ୟାଟର ବର୍ତ୍ତମାନ ସେତେ ଭଲ ଫର୍ମରେ ନାହାନ୍ତି। ଜଣେ ସଂଘର୍ଷ କରୁଥିବା ବ୍ୟାଟରଙ୍କୁ କଷ୍ଟକର କାମ କରିବାକୁ ଦେବା ଦଳକୁ ବିପଦରେ ପକାଇପାରେ। ଏଭଳି ପରିସ୍ଥିତିରେ ଟିମ ମ୍ୟାନେଜମେଣ୍ଟ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରିପାରେ। ନଂ-୩ରେ ସୂର୍ଯ୍ୟଙ୍କୁ ପଠାଇବା ଦ୍ୱାରା ଟପ୍ ଅର୍ଡରରେ ଜଣେ ଡାହାଣହାତୀ ବ୍ୟାଟର ଖେଳିପାରିବ। ଏହି କ୍ଷେତ୍ରରେ ତିଲକ ନଂ-୪ରେ ବ୍ୟାଟିଂ କରିପାରନ୍ତି। ଗତ ମ୍ୟାଚ୍‌ରେ ପ୍ଲେଇଂ ଇଲେଭେନରୁ ବାଦ୍ ପଡ଼ିଥିବା ଅକ୍ଷର ପଟେଲ ଏଥର ଦଳକୁ ଫେରିବେ ବୋଲି ଆଶା କରାଯାଉଛି।

ଚେପକ ଗ୍ରାଉଣ୍ଡରେ ସର୍ବଦା ସ୍ପିନରଙ୍କୁ ଫାଇଦା ମିଳେ। ହେଲେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଏକ ବ୍ୟବହୃତ ପିଚ୍‌ରେ ଖେଳାଯିବ, ଯାହାକୁ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟବହାର କରାଯାଇଥିଲା। ପୂର୍ବାହ୍ନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସହଜରେ ୧୮୦ ରନର ଟାର୍ଗେଟକୁ ହାସଲ କରି ନେଇଥିଲା। ଜିମ୍ବାୱେ ପାଖରେ ଗ୍ରେମ କ୍ରେମର, ସିକନ୍ଦର ରଜା ଓ ରିଆନ ବର୍ଲଙ୍କ ଭଳି ସ୍ପିନର ଅଛନ୍ତି। ବ୍ଲେସିଂ ମୁଜରବାନି, ରିଚାର୍ଡ ଏନଗାରାଭା ଓ ବ୍ରାଡ ଇଭାନ୍ସଙ୍କୁ ନେଇ ଗଠିତ ପେସ ଆଟାକ ଭାରତୀୟ ବ୍ୟାଟିଂ ଲାଇନକୁ କଷ୍ଟକର ପ୍ରଶ୍ନ ପଚାରିପାରେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ